


ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୦୬ ଜୁଲାଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 06 July 2026
Vol.No. 36 ■ No.176 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ADMISSION GOING ON- 2026
SAI SADHANA SCIENCE COLLEGE
+2 Sc. & +2 Arts
SAI SADHANA COLLEGE OF BASIC SCIENCE (+3)
(HONS- PHYSICS, CHEMISTERY, MATHEMATICS, BOTANY, COMPUTER SCIENCE, ZOOLOGH, GEOLOGY, MICROBIOLOGY)
Dibyasingpur, UDALA
100% first class result-2026
Contact No: 9437294587, 9437443950, 9937557158


# ଏସ୍ଆଇଆର : ଓଡ଼ିଶା ସମେତ ୪ ରାଜ୍ୟରେ ଚିଠା ଭୋଟର ତାଲିକାରୁ ବାଦ୍ ପଡ଼ିଲା ୨୨ ଲକ୍ଷ ଭୋଟରଙ୍କ ନାଁ




ନୂଆଦିଲ୍ଲୀ,୫/୭ : ଭାରତୀୟ ନିର୍ବାଚନ କମିସନ ରବିବାର ଓଡ଼ିଶା ଓ ମଣିପୁର ସମେତ ଚାରିଟି ରାଜ୍ୟରେ ଚିଠା ଭୋଟର ତାଲିକା ପ୍ରକାଶ କରିଥିବାବେଳେ ଭୋଟର ତାଲିକାରୁ ପ୍ରାୟ ୨୨ ଲକ୍ଷ ୫୫ ହଜାର ଭୋଟରଙ୍କ ନାମ ବାଦ୍ ପଡ଼ିଛି। ଏଥିରେ ସର୍ବାଧିକ ପାଖାପାଖି ୨୦ ଲକ୍ଷ ୧୪ ହଜାର ଭୋଟର ଓଡ଼ିଶାରୁ ଅଛନ୍ତି। ଓଡ଼ିଶାରେ ଏସ୍ଆଇଆର ପୂର୍ବରୁ ମୋଟ ୩ କୋଟି ୩୩ ଲକ୍ଷ ଭୋଟର ଥିବାବେଳେ ସଂଶୋଧନ ପରେ ବର୍ତ୍ତମାନ ୩ କୋଟି ୧୩ ଲକ୍ଷ ଭୋଟର ଅଛନ୍ତି। ଏମାନଙ୍କ ମଧ୍ୟରେ ୧ କୋଟି ୬୦ ଲକ୍ଷ ପୁରୁଷ ଭୋଟର ଓ ୧ କୋଟି ୫୩ ଲକ୍ଷ ମହିଳା ଭୋଟର ଅଛନ୍ତି। ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ୮ ଲକ୍ଷ ୩୨ ହଜାର ଭୋଟରଙ୍କର ମୃତ୍ୟୁ ହୋଇସାରିଥିବାବେଳେ ୧୦ ଲକ୍ଷ ୭ ହଜାର ଭୋଟର ଅନ୍ୟ ଆଡ଼େ ଚାଲି ଯାଇଥିବା କିମ୍ବା ଏସ୍ଆଇଆର ବେଳେ ଅନୁପସ୍ଥିତ ଥିବା ଯୋଗୁ ବାଦ୍ ପଡ଼ିଛନ୍ତି। ଅନ୍ୟପକ୍ଷରେ ୧ ଲକ୍ଷ ୫୮ ହଜାର ଭୋଟରଙ୍କ ନାଁ ଏକାଧିକ ସ୍ଥାନରେ ଥିବାରୁ ବାଦ୍ ପଡ଼ିଛି। ଅନ୍ୟପକ୍ଷରେ ଓଡ଼ିଶା ବାଦ୍ ମଣିପୁର, ମିଜୋରାମ ଓ ସିକ୍କିମରେ ମଧ୍ୟ ଚିଠା ଭୋଟର ତାଲିକା ପ୍ରକାଶ କରାଯାଇଛି। ଏହି ୪ ରାଜ୍ୟରେ ମୋଟ ୩.୬୮ କୋଟି ଭୋଟରଙ୍କ ମଧ୍ୟରୁ ୬.୧୨% ଭୋଟରଙ୍କୁ ବାଦ ଦିଆଯାଇଛି। ଓଡ଼ିଶାରେ ବାଦ୍ ପଡ଼ିଥିବା ଭୋଟରଙ୍କ ପ୍ରତିଶତ ୬.୦୨ ରହିଛି। ମଣିପୁରରେ ୭.୫% ଭୋଟର ବାଦ୍ ପଡ଼ିଛନ୍ତି। ମଣିପୁରରେ ମୋଟ ୨୦ ଲକ୍ଷ ୯୩ ହଜାର ଭୋଟରଙ୍କ ମଧ୍ୟରୁ ୧ ଲକ୍ଷ ୫୮ ହଜାର ଭୋଟର ବାଦ୍ ପଡ଼ିବାବେଳେ ବର୍ତ୍ତମାନ ମଣିପୁରରେ ମୋଟ ୧୯ ଲକ୍ଷ ୩୪ ହଜାର ଭୋଟର ଅଛନ୍ତି। ୪୩ ହଜାର ଭୋଟର ମୃତ, ୧ ଲକ୍ଷ ୦୮ ହଜାର ଭୋଟର ସ୍ଥାୟୀ ଭାବେ ଅନ୍ୟ ଆଡ଼େ ଚାଲି ଯାଇଥିବାରୁ ବାଦ୍ ପଡ଼ିଛନ୍ତି ଓ ୭,୩୯୪ ଭୋଟରଙ୍କର ନାଁ ଏକାଧିକ ସ୍ଥାନରେ ଭୋଟର ତାଲିକାରେ ଥିବାରୁ ବାଦ୍ ପଡ଼ିଛି। ମିଜୋରାମରେ ସବୁଠୁ କମ୍ ୫.୨ % ଭୋଟରଙ୍କ ◆◆ପୃଷ୍ଠା ୭

# ବଜ୍ରପାତ ପଦାରେ ପକାଇଲା ବ୍ୟବସ୍ଥାର ବିକଳ ଚିତ୍ର: ପାଉଁଶ ହୋଇଗଲା ସ୍ୱପ୍ନର ଘର



ସୁବର୍ଣ୍ଣପୁର, ୦୫/୭ (ନି.ପ୍ର): ବଜ୍ରପାତ ପଦାରେ ପକାଇଲା ବ୍ୟବସ୍ଥାର ବିକଳ ଚିତ୍ର। ମୁହୂର୍ତ୍ତରେ ଜଳିପୋଡ଼ି ପାଉଁଶ ହୋଇଗଲା ସ୍ୱପ୍ନର ଘର। ଏବେ କେବଳ ସାହାରା ଗାଈ ଗୁହାଳ। ଏହି ଗୁହାଳ ଘରେ ସପ୍ତାହେରୁ ଅଧିକ ଦିନ ହେଲା କଟିଲାଣି ଜୀବନ। ପ୍ରଶାସନ କେବଳ ଦୁଇ ଖଣ୍ଡ ପଲିଥିନ ଯୋଗାଇ ଦେଇ ଦାୟିତ୍ୱ ସାରିଦେଲା। କିନ୍ତୁ ଦୁଇ ଦିବ୍ୟାଙ୍ଗ ପିଲାଙ୍କୁ ନେଇ କେମିତି ଚଳିବେ, ତାକୁ ନେଇ ଚିନ୍ତାରେ ଗରିବ ବାପା-ମା'। ଦେଖନ୍ତୁ ସୁବର୍ଣ୍ଣପୁରରୁ ଯାଏଲୋ ପଞ୍ଚାୟତରୁ ଆସିଥିବା ଏହି ଖବର। ବଜ୍ରପାତ କେତେ ଭୟଙ୍କର ହୋଇପାରେ, ତା'ର ଦୁଃଖଦ ଚିତ୍ର ଦେଖିବାକୁ ମିଳିଛି ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ଯାଲୋଏ ପଞ୍ଚାୟତର ତୁଳସୀଟିକ୍ରା ଗାଁରେ। ବଜ୍ରପାତ ଯୋଗୁଁ ସବୁକିଛି ଜଳିପୋଡ଼ି ପାଉଁଶ ପରେ ଗାଈ ଗୁହାଳରେ କଟୁଛି ଜୀବନ। ଜୁନ୍ ୨୬ ତାରିଖରେ ଗରିବ ଦିନମଜୁରିଆ ଏକା ଦନ୍ତାଙ୍କ ଚାଳ ଛପର ଘର ଉପରେ ହଠାତ୍ ପ୍ରଳୟଙ୍କରୀ ବଜ୍ରପାତ ହୋଇଥିଲା। ଯେଉଁଥିରେ ସମ୍ପୂର୍ଣ୍ଣ ଘରଟି ଜଳିଯାଇଥିଲା। ମୃତ୍ୟୁକୁ ଅତି ନିକଟରୁ ଦେଖି ପ୍ରାଣ ବିକଳରେ ସେମାନେ ଘରୁ ବାହାରକୁ ଦୌଡ଼ି ପଳାଇଥିଲେ। ◆◆ପୃଷ୍ଠା ୭

# ଚାଉଳିଆଗଞ୍ଜ ଆଇଆଇସିଙ୍କ ମୃତ୍ୟୁ ଘଟଣା: ମୋବାଇଲ ଖୋଲିବ ଗୁମର, ଫରେନସିକ୍ ଲ୍ୟାବକୁ ପଠାଇଲା ପୁଲିସ




ଭୁବନେଶ୍ୱର, ୦୫/୭ (ନି.ପ୍ର): ଚାଉଳିଆଗଞ୍ଜ ଆଇଆଇସି ବ୍ୟୁଟି ମହାନ୍ତି, ଆତ୍ମହତ୍ୟା କରିବାକୁ ସହଜରେ କେହି ଗ୍ରହଣ କରିପାରୁ ନାହାନ୍ତି। ବେଶ ମେଳାପି ଥିବା, ମାନସିକ ସ୍ତରରେ ଦୃଢ଼ ଓ ଦକ୍ଷ ଅଧିକାରୀ ହେବା ସତ୍ତ୍ୱେ କାହିଁକି ଚରମ ନିଷ୍ପତି ନେଲେ ତାହା ଅନେକଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। ନିରପେକ୍ଷ ତଦନ୍ତ କରି ମୃତ୍ୟୁର କାରଣ ସାମନାକୁ ଆଣିବାକୁ ଦାବି ହୋଇଛି। ଆଇଆଇସି ବ୍ୟୁଟି ମହାନ୍ତିଙ୍କ ମୃତ୍ୟୁ ରହସ୍ୟ ଉପରୁ ପରଦା ହଟାଇବା ପାଇଁ ତଦନ୍ତ ଜାରି ରଖିଛି ପୁଲିସ୍। ଶୁକ୍ରବାର ରାତି ପ୍ରାୟ ୮ଟା ପର୍ଯ୍ୟନ୍ତ ଥାନାରେ ସ୍ୱାଭାବିକ ଥିବା ବ୍ୟୁଟି, କାହିଁକି ଚରମ ପଦକ୍ଷେପ ନେଲେ ରହସ୍ୟ ଜାଣିବା ପାଇଁ ପୁଲିସ ଚଳାଇଛି ତନାଘନା। ତାଙ୍କ ୨ଟି ମୋବାଇଲକୁ ପୁଲିସ୍ ଜବତ କରି ଫରେନସିକ୍ ଲ୍ୟାବ୍‌କୁ ପଠାଇଛି। ଅନୁମାନ କରାଯାଉଛି ମୋବାଇଲରୁ ଆତ୍ମହତ୍ୟା ପଛର କିଛି ତଥ୍ୟ ମିଳିପାରେ। ◆◆ପୃଷ୍ଠା ୭

## କମିଲା ସୁନା ଓ ରୂପା ଦର

ନୂଆଦିଲ୍ଲୀ,୫/୭ : ଆଜି ପ୍ରାରମ୍ଭିକ କାରବାର ସମୟରେ ଘରୋଇ ସୁନା ବଜାରରେ ଦୁର୍ବଳ ଧାରା ଜାରି ରହିଛି। ଚେନ୍ନାଇ ବ୍ୟତୀତ, ମୂଲ୍ୟ ହ୍ରାସ ହେତୁ ଆଜି ଦେଶର ଅନ୍ୟ ଅଧିକାଂଶ ସୁନା ବଜାରରେ ସୁନା ୧୦ ଗ୍ରାମ ପିଛା ୨୬୦ ଟଙ୍କା ଶସ୍ତା ହୋଇ ୨୮୦ ଟଙ୍କାରେ ପହଂଚିଛି। ଚେନ୍ନାଇରେ ସୁନାର ମୂଲ୍ୟ ୧୦ ଗ୍ରାମ ପିଛା ୧୦୦ ଟଙ୍କା ହ୍ରାସ ପାଇ ୧୧୦ ଟଙ୍କା ହୋଇଛି। ରୂପା ଦର ମଧ ଆଜି କିଲୋଗ୍ରାମ ପିଛା ୧୦୦ ଟଙ୍କା ପର୍ଯ୍ୟନ୍ତ ହ୍ରାସ ପାଇଛି। ସୁନାର ମୂଲ୍ୟ ହ୍ରାସ ହେତୁ ଆଜି ଦେଶର ଅଧିକାଂଶ ସୁନା ବଜାରରେ ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ୧,୪୬,୭୩୦ ଟଙ୍କା ସ୍ତରରେ କାରବାର କରି ୧୦ ଗ୍ରାମ ପିଛା ୧,୪୯,୪୬୦ ଟଙ୍କାରେ ପହଂଚିଛି।

# ସେଲ୍‌ଫି ନେବା ନିଶା ସାଜିଲା କାଳ: ଗାଧୋଇବା ବେଳେ ଭାସିଗଲେ ୩ ଜଣ ଯୁବକ

କଟକ, ୦୫/୭ (ନି.ପ୍ର): ମହାନଦୀରେ ପୁଣି ଅଘଟଣ ଘଟିଛି। ବର୍ଷାଋତୁର ଶୀତଳ ସନ୍ଧ୍ୟା ସମୟରେ ସେଲଫି ନେଉଥିଲା ବେଳେ ୩ଜଣ ଯୁବକ ଭାସି ଯାଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣଙ୍କୁ ଉଦ୍ଧାର କରାଯାଇଥିଲା ବେଳେ ଅନ୍ୟ ଜଣେ ନିଖୋଜ ଅଛନ୍ତି। ନିଖୋଜ ଯୁବକ ମାଛୁଆ ବଜାର ଅଞ୍ଚଳର ଆକାଶ ବେହେରା (୨୩)। ସୂଚନା ଅନୁସାରେ କଟକ ମାଛୁଆ ବଜାର ଅଞ୍ଚଳରୁ ଆଜି ସନ୍ଧ୍ୟାରେ ୩ଜଣ ଯୁବକ ନରାଜ ପୁରୁଣା ବନ୍ଧ ପାଖରେ ବୁଲାବୁଲି କରୁଥିଲେ। ସେମାନେ ସେଲଫି ନେଉଥିଲା ବେଳେ ଭୁଲବଶତଃ ପାଣିରେ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ଓଡ୍ରାଫ୍ ଟିମ୍‌କୁ ସୂଚନା ଦେଇଥିଲେ। ରିପୋର୍ଟ ଲେଖାଯିବା ବେଳକୁ ୨ଜଣଙ୍କୁ ଉଦ୍ଧାର କରାଯାଇଛି। ଅନ୍ୟ ଜଣେ ଯୁବକ ନିଖୋଜ ଅଛନ୍ତି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସନ୍ଧ୍ୟା ହୋଇଯାଇଥିବାରୁ ଉଦ୍ଧାର କାର୍ଯ୍ୟରେ ବାଧା ପହଞ୍ଚିଛି। ସୂଚନାଯୋଗ୍ୟ, ଗତମାସ ୨୮ ତାରିଖ ସନ୍ଧ୍ୟାରେ ଜଗତପୁର ଖଇରା ବ୍ରିଜ ସାତବାଟିଆ ନିକଟ ମହାନଦୀକୁ କଟକର ଚାଉଳିଆଗଂଜ ଥାନା ଅଧୀନ ନୟାବଜାର ◆◆ପୃଷ୍ଠା ୭

# ଭିଜିଲାନ୍ସ ଜାଲରେ ନିମ୍ନା ସରପଞ୍ଚ ସୂର୍ଯ୍ୟକାନ୍ତି ପାଣ୍ଡେ

ସୋନପୁର, ୦୫/୭ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ନିମ୍ନା ପଞ୍ଚାୟତର ସରପଞ୍ଚ ସୂର୍ଯ୍ୟକାନ୍ତି ପାଣ୍ଡେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ପଞ୍ଚାୟତର ଏକ ପୋଖରୀକୁ ମାଛ ଚାଷ ପାଇଁ ଠିକାରେ ନେଇଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ସମ୍ବଲପୁର ଭିଜିଲାନ୍ସ ଧରିଛି। ତାଙ୍କ ପାଖରୁ ଲାଞ୍ଚ ଟଙ୍କା ଜବତ ହୋଇଛି। ସୂଚନା ଅନୁସାରେ, ସଂପୃକ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଞ୍ଚ ବର୍ଷ ପାଇଁ ପଞ୍ଚାୟତ ପୋଖରୀରେ ଠିକାରେ ନେଇଛନ୍ତି। ◆◆ପୃଷ୍ଠା ୭

# ଉଦ୍‌ଘାଟନ ପୂର୍ବରୁ ବର୍ଷାରେ ଧୋଇଗଲା ୭ କୋଟିର ପୋଲ: ପଦାରେ ପଡ଼ିଲା ଗ୍ରାମ୍ୟ ଉନ୍ନୟନ ବିଭାଗର ଦୁର୍ନୀତି



ଡେଲାଙ୍ଗ, ୦୫/୭ (ନି.ପ୍ର): ପ୍ରଥମ ବର୍ଷାରେ ଧୋଇଗଲା କୋଟି କୋଟି ଟଙ୍କାର ପ୍ରକଳ୍ପ! ପ୍ରଥମ ବର୍ଷା ସମ୍ଭାଳିପାରିଲାନି ନବନିର୍ମିତ ବ୍ରିଜ୍। ଭୁସୁଡ଼ି ପଡ଼ିଲା ଡେଲାଙ୍ଗ ଡାକପଡ଼ା ସେତୁର ପଥର ୱାଲ ସହ ପିଚୁ ରାସ୍ତା। ପ୍ରାୟ ୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଲୁଣା ସେତୁ ଏବେ ସମ୍ପୂର୍ଣ୍ଣ ଅସୁରକ୍ଷିତ ହୋଇପଡ଼ିଛି। ପୁରୀ ଜିଲ୍ଲା ପିପିଲି ଗ୍ରାମ୍ୟ ଉନ୍ନୟନ ବିଭାଗର ନିମ୍ନମାନର କାର୍ଯ୍ୟ ଏବେ ପଦାରେ ପଡ଼ିଛି। ଡେଲାଙ୍ଗ ଡାକପଡ଼ାରୁ ମୋହନୀପୁରକୁ ସଂଯୋଗ କରୁଥିବା ଲୁଣା ନଦୀ ଉପରେ ନିର୍ମିତ ନୂଆ ସେତୁ ଯାଏଁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ ହୋଇନାହିଁ। ହେଲେ ମୌସୁମୀର ପ୍ରଥମ ବର୍ଷାରେ ହିଁ ସେତୁର ଅସଲ ଚେହେରା ପଦାରେ ପଡ଼ିଛି। ନୂଆ ବ୍ରିଜର ଗାର୍ଡ ୱାଲ୍ ଭୁସୁଡ଼ି ଯିବା ସହ ପିଚୁ ରାସ୍ତା ତଳକୁ ଧସିଯାଇଛି। ପ୍ରାୟ ୨୦ ଫୁଟ୍ ତଳକୁ ଖସିପଡ଼ିଛି ପଥର ପ୍ୟାକିଂ। ପିପିଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ପ୍ରାୟ ୭ କୋଟି ଟଙ୍କା ଖର୍ଚ୍ଚରେ ସେତୁ ତିଆରି ହୋଇଛି। ଯାହା ଏବେ ସମ୍ପୂର୍ଣ୍ଣ ଅସୁରକ୍ଷିତ। ଏହି ସେତୁ ଉପରେ ମୁନିଦା, ଗୁଆଳିପଡ଼ା, ଧାନକେରା, ଏବଂ ଡେଲାଙ୍ଗ କୋଠବାଡ଼ ପରି ଅନେକ ପଞ୍ଚାୟତର ଲୋକ ନିର୍ଭରଶୀଳ। ପ୍ରତିଦିନ ଶତାଧିକ ସ୍କୁଲ, କଲେଜ ପିଲା, ଆମ୍ବୁଲାନ୍ସ ଏବଂ ସରକାରୀ କାର୍ଯ୍ୟ ପାଇଁ ଲୋକେ ଏହି ରାସ୍ତା ଦେଇ ଯାତାୟାତ କରନ୍ତି। ବର୍ତ୍ତମାନର ସ୍ଥିତିକୁ ଦେଖିଲେ ଡର ଲାଗୁଛି। ତେବେ କାର୍ଯ୍ୟର ମାନକୁ ନେଇ ପୂର୍ବରୁ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଏବଂ ଡେଲାଙ୍ଗ ବିଡିଓଙ୍କୁ ଲିଖିତ ଅଭିଯୋଗ କରିଥିଲେ ସ୍ଥାନୀୟ ଲୋକେ। ହେଲେ ଅଭିଯୋଗ ପ୍ରତି କେହି କର୍ଣ୍ଣପାତ କଲେନାହିଁ। ଯାହାର ପରିଣାମ ଆଜି ସମସ୍ତଙ୍କ ସାମନାରେ। ବର୍ତ୍ତମାନ ପ୍ରଶ୍ନ ଉଠୁଛି, ବିନା ଉଦଘାଟନରେ ଭୁସୁଡ଼ି ପଡ଼ିଥିବା ସେତୁର ସୁରକ୍ଷା ପାଇଁ କିଏ ଦାୟୀ ରହିବ? ନିମ୍ନମାନର କାର୍ଯ୍ୟ କରିଥିବା ଠିକାଦାର ଏବଂ ଏହାକୁ ପ୍ରଶ୍ରୟ ଦେଇଥିବା ଅସାଧୁ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ କେବେ କାର୍ଯ୍ୟାନୁଷ୍ଠାନ ହେବ? ତାହା ଦେଖିବାକୁ ବାକି ରହିଲା।

## ମୁମ୍ବାଇ ବିମାନ ବନ୍ଦରରେ ୪ କିଲୋ ସୁନା ସହ ମହିଳା ଯାତ୍ରୀ ଗିରଫ

ମୁମ୍ବାଇ, ୦୫/୭ : ରାଜସ୍ୱ ଇଂଟେଲିଜେନ୍ସ ନିର୍ଦ୍ଦେଶାଳୟ (ଡିଆର୍ଆଇ) ର ଏକ ଟିମ୍ ମୁମ୍ବାଇ ବିମାନବନ୍ଦରରେ ୪ କିଲୋଗ୍ରାମ ସୁନା ସହିତ ଦୁବାଇରୁ ଜଣେ ମହିଳାଙ୍କୁ ଗିରଫ କରିଛି। ଉଦ୍ଧାର ହୋଇଥିବା ସୁନାର ମୂଲ୍ୟ ଘରୋଇ ବଜାରରେ ପାଖାପାଖି ୬ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଡିଆର୍ଆଇ ଟିମ୍ ଏହି ଘଟଣାର ବିସ୍ତୃତ ତଦନ୍ତ କରୁଛି। ମାମଲାର ତଦନ୍ତ କରୁଥିବା ଡିଆରଆଇ ଅଧିକାରୀ ରବିବାର ଦିନ କହିଛନ୍ତି ଯେ ତାଙ୍କ ଦଳ ଚୋରା ସୁନା ସହିତ ମୁମ୍ବାଇ ବିମାନବନ୍ଦରରେ ମହିଳାଙ୍କ ଆଗମନ ବିଷୟରେ ପୂର୍ବ ସୂଚନା ପାଇଥିଲା। ଏହାକୁ ଆଧାର କରି ତାଙ୍କ ଦଳ ମୁମ୍ବାଇ ବିମାନ ବନ୍ଦରରେ ନଜର ରଖିଥିଲେ। ◆◆ପୃଷ୍ଠା ୭


B.I.T. POLYTECHNIC, BALASORE
(A Sister Concern of Samalpur ITI, Balasore)
DIPLOMA ENGG COURSES
▶ Mechanical Engineering
▶ Electrical Engineering
▶ Civil Engineering
▶ E. & T. C. Engineering
▶ Comp. Sc. & Engineering
ITI TRADE
● Electrician ● Fitter ● Welder ● R & AC
Walk-In-Interview on Dated : 08-06-2026 (Monday)
FACULTY RECRUITMENT | Lecture in all above Branches | Lab Technician in all above Branches | Clerk & Hostel Superintendent
Place of Interview : IET Samalpur, Balasore
Contact : 9861947995, 8270317712
E-mail : bit_balasore@rediffmail.com


# ମୋଦୀଙ୍କୁ ନେଇ ପାକ୍ ପ୍ରତିରକ୍ଷାମନ୍ତ୍ରୀଙ୍କ ମନ୍ତବ୍ୟ : କଡ଼ା ଜବାବ ଦେଲା ଭାରତ



ନୂଆଦିଲ୍ଲୀ,୫/୭ : ପାକିସ୍ତାନର ପ୍ରତିରକ୍ଷାମନ୍ତ୍ରୀ ଖ୍ୱାଜା ଆସିଫ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନେଇ ଦେଇଥିବା ବିବାଦୀୟ ମନ୍ତବ୍ୟର ଭାରତ କଡ଼ା ଭାଷାରେ ପ୍ରତ୍ୟୁତ୍ତର ଦେଇଛି। ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ, ଖ୍ୱାଜା ଆସିଫ୍‌ଙ୍କ ବକ୍ତବ୍ୟରୁ ସ୍ପଷ୍ଟ ହେଉଛି ସେ ମାନସିକ ଭାବେ ଅସୁସ୍ଥ ଅଛନ୍ତି। ନିଜ ଦେଶର ବିଫଳତା ଓ ଆଭ୍ୟନ୍ତରୀଣ ସମସ୍ୟାରୁ ଲୋକଙ୍କ ଦୃଷ୍ଟି ହଟାଇବା ପାଇଁ ସେ ଭାରତ ବିରୋଧରେ ଅନାଧାର ଓ ଉତ୍ତେଜନାମୂଳକ ବୟାନ ଦେଉଛନ୍ତି। ନିକଟରେ ଏକ ସାକ୍ଷାତ୍‌କାରରେ ଖ୍ୱାଜା ଆସିଫ୍ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନେଇ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ନିକଟରେ ପ୍ରଧାନମନ୍ତ୍ରୀ ମୋଦୀ ଦ୍ୱୀପରାଷ୍ଟ୍ର ସେସେଲ୍ସରୁ ପାଇଥିବା ସର୍ବୋଚ୍ଚ ସମ୍ମାନକୁ ତାଚ୍ଛଲ୍ୟ କରି ସେ ଏହାକୁ 'ଇଞ୍ଜିନିୟର୍ଡ' ସ୍ୱୀକୃତି ବୋଲି କହିଥିଲେ। ଖ୍ୱାଜା ଆସିଫ୍‌ଙ୍କ ମନ୍ତବ୍ୟକୁ ଭାରତ ଈର୍ଷାର ପରିଣାମ ବୋଲି କହିଛି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ପାକିସ୍ତାନର ନେତୃତ୍ୱ ନିରନ୍ତର ଭାରତ ବିରୋଧରେ ବିଷୋଦ୍‌ଗାର କରୁଛି, କିନ୍ତୁ ଏହାଦ୍ୱାରା ସତ୍ୟକୁ ଲୁଚାଇ ହେବ ନାହିଁ। ପାକିସ୍ତାନ ଆଜି ବିଶ୍ୱରେ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ଦେଶ ଭାବେ ପରିଚିତ। ଭାରତ କହିଛି ଯେ, ପାକିସ୍ତାନ ସରକାର ନିଜ ଦେଶର ଆର୍ଥିକ ସଙ୍କଟ, ଆଭ୍ୟନ୍ତରୀଣ ଅସ୍ଥିରତା ଓ ଆତଙ୍କବାଦ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ଭାରତ ବିରୋଧୀ ବୟାନ ଦେଇ ରାଜନୈତିକ ଫାଇଦା ସାଉଁଟିବାକୁ ଚେଷ୍ଟା କରୁଛି। ◆◆ପୃଷ୍ଠା ୭

## ନାଉପାଳ ରାସ୍ତାର ଶିଳାନ୍ୟାସ କଲେ ଧର୍ମଶାଳା ବିଧାୟକ

ଧର୍ମଶାଳା, ୦୫/୦୭ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଗ୍ରାମାଚଂଳ ରାସ୍ତାର ଯୁଦ୍ଧ କାଳୀନ ଭିତିରେ ଉନ୍ନତିକରଣ କାର୍ଯ୍ୟ ଜାରି ରହିଛି । ଏହି କ୍ରମରେ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଥିବା ନାଉପାଳ ରାସ୍ତାର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ୨କୋଟି ୫୫ ଲକ୍ଷ ବ୍ୟୟ ଅଟକଳରେ ହେବାକୁ ଯାଉଥିବା ଏହି ରାସ୍ତାର ଉନ୍ନତି କରଣ ନିମନ୍ତେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଶିଳାନ୍ୟାସ କରିଥିଲେ । ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ରାଜେଶ୍ୱରୀ ଭୋଳ,ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ଅବସରରେ ଦଳୀୟ କର୍ମୀମାନେ ଏକ ବିଶାଳ ଶୋଭାଯାତ୍ରାରେ ବିଧାୟକ ଶ୍ରୀ ସାହୁଙ୍କୁ ସ୍ୱାଗତ କରିଥିଲେ । କାର୍ଯ୍ୟକ୍ରମରେ ବିଜେପିର ବରିଷ୍ଠ ନେତା କାହ୍ନୁ ଚରଣ ଦାଶ,ଜିତେନ୍ଦ୍ର ରାଉତ, ରାଜେଶ ପାଳ,ଦେବଦତ ପଣ୍ଡା,ଆମ୍ଭାର ଅଧକ୍ଷ ଉପେନ୍ଦ୍ର ନାଥ କର,ଜାରକା ସରପଂଚ ସୁଦାମ ବେହେରାଙ୍କ ସମେତେ ଶତାଧିକ ମହିଳା ଓ ଯୁବ କର୍ମୀ ସହଯୋଗ କରିଥିଲେ ।

## ଦୁର୍ଘଟଣାରେ ଜଣେ ଗୁରୁତର

ଭଦ୍ରକ, ୦୫/୦୭ (ନି.ପ୍ର): ଏହି ଜିଲାର ବନ୍ତ ବାରିକପୁର ରାସ୍ତାର ତରାପୁର ନିକଟରେ ବାଇକ ଓ ଟାଟାଏସି ମଧ୍ୟରେ ମୁହାମୁହିଁ ଧକ୍କା ହୋଇଛି । ଅପରାହ୍ନରେ ଏହି ଦୁର୍ଘଟଣା ଘଟିଥିବା ବେଳେ ବାଇକି ଅରୋହି ନନ୍ଦିପଦା ଥାନା କପୁଣ୍ଡି ଗ୍ରାମର ଅନାମ ଚରଣ ଯେନା(୫୫) ଗୁରୁତର ହୋଇଛନ୍ତି । ତାଙ୍କ ମଥାରେ ଗଭିର ଆଘାତ ଲାଗିଥିବା ବେଳେ ଏବେ ସେ ବନ୍ତ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ପୋଲିସ ଦୁର୍ଘଟଣା ଗ୍ରସ୍ତ ବାଇକ ଓ ଗାଡ଼ିକୁ ଥାନାକୁ ଅଣିଛି । ପ୍ରକାଶ ଯେ ଅପରାହ୍ନରେ ଗୁରୁତର ଅନାମ ବନ୍ତ ରୁ ବାରିକପୁର ଯାଉଥିବା ବେଳେ ସମ୍ମୁଖରୁ ଆସୁଥିବା ଟାଟାଏସି ସହ ଧକ୍କା ହୋଇଥିଲା । ଟାଟାଏସି ଟି ଏକ ଟାୟର କମ୍ପାନିର ହୋଡ଼ିଙ୍ଗ ଧରି କଲିକତାରୁ ଆସିଥିବା ବେଳେ ଦୁଘଟଣାର ସମ୍ମୁଖିନ ହୋଇଛି ।

# ନିର୍ମାଣ ପରେ ଧସିଲା ଗେଙ୍ଗୁଟି ନଦୀବନ୍ଧ: କୋଟି କୋଟି ଟଙ୍କା ଖର୍ଚ୍ଚ ପରେ ବି ମିଳୁନି ସ୍ଥାୟୀ ସମାଧାନ

ଭଦ୍ରକ, ୦୫/୦୭ (ନି.ପ୍ର): ଏହି ଜିଲାର ଧାମନଗର ଜଳସମ୍ପଦ ବିଭାଗ ଅଧୀନ ଦଳାଙ୍ଗ ପଂଚାୟତର ରାମେଶ୍ୱରପୁର ମଳିକସାହି ନିକଟ ଗେଙ୍ଗୁଟି ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ଧ ପୁଣି ଧସିଯାଇଛି । ଗତ ଦୁଇ ଦିନର ଲଗାଣ ବର୍ଷା ପରେ ବନ୍ଧରେ ପ୍ରାୟ ୫୦ ଫୁଟ ଲମ୍ବର ଫାଟ ସୃଷ୍ଟି ହେବା ସହ କିଛି ଅଂଶ ନଦୀଗର୍ଭକୁ ଧସିଯାଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଭୟର ପରିବେଶ ସୃଷ୍ଟି ହୋଇଛି । ଗତ ୧୦ ବର୍ଷ ମଧ୍ୟରେ ଏହି ସ୍ଥାନରେ ୧୫ରୁ ଅଧିକ ଥର ବନ୍ଧ ଧସିଥିବାରୁ ଲୋକଙ୍କ ଚିନ୍ତା ବଢ଼ିଛି । ବାରମ୍ବାର ବନ୍ଧ ଧସୁଥିବାରୁ ଜଳସମ୍ପଦ ବିଭାଗ ପକ୍ଷରୁ ଚଳିତ ବର୍ଷ ବନ୍ଧ ସୁରକ୍ଷା ପାଇଁ ନଦୀ ଭିତର ପାର୍ଶ୍ୱରେ କଂକ୍ରିଟ ୱାଲ ନିର୍ମାଣ ଓ ପଥର ପିଚିଂ କାମ ଆରମ୍ଭ କରାଯାଇଥିଲା । ମାତ୍ର ପ୍ରାୟ ଦୁଇ ଫୁଟ ଉଚ୍ଚତାର କଂକ୍ରିଟ ୱାଲ ନିର୍ମାଣ ସହ ଅଳ୍ପ ପରିମାଣରେ ପଥର ବିଛାଯାଇଥିବାରୁ ବନ୍ଧର ଚାପ ସମ୍ଭାଳି ପାରୁନଥିବା ଅଭିଯୋଗ ହୋଇଛି । ସ୍ଥାନୀୟ ଲୋକଙ୍କ କହିବାନୁସାରେ, ବନ୍ଧର ଉଚ୍ଚତା ଅନୁଯାୟୀ ସୁଦୃଢ଼ କଂକ୍ରିଟ ୱାଲ ନିର୍ମାଣ କରାଯାଇଥାନ୍ତା, ତେବେ ଏଭଳି ପରିସ୍ଥିତି ସୃଷ୍ଟି ହୁଅନ୍ତା ନାହିଁ ।ପୂର୍ବଥର ବନ୍ଧ ଧସିଥିବାରୁ ଏଠାରେ ବନ୍ଧ କମ ଉଚ୍ଚତା ରହିଛି । ଏଥିସହ କାର୍ଯ୍ୟର ମାନକୁ ନେଇ ମଧ ପ୍ରଶ୍ନ ଉଠିଛି । ପଥର ପିଚିଂ ସ୍ଥାନରେ ମାଟି ଭର୍ତି କରାଯାଇଥିବାରୁ ନିମ୍ନମାନର କାମ ହୋଇଥିବା ଅଭିଯୋଗ ହୋଇଛି । ନିର୍ଦ୍ଧାରିତ ସମୟରେ କାମ ଶେଷ ନହେବାରୁ ବର୍ଷା ପୂର୍ବରୁ ପ୍ରକଳ୍ପ ଅଧାରେ ଅଟକି ରହିଥିଲା । ବର୍ତମାନ ସେହି ସ୍ଥାନରେ ପୁଣି ବନ୍ଧରେ ଫାଟ ସୃଷ୍ଟି ହୋଇ କିଛି ଅଂଶ ନଦୀ ଗର୍ଭ କୁ ଧସିଯାଇଛି ।ଏହି ସ୍ଥାନର ଭୌଗୋଳିକ ଗଠନ ଏବଂ ରାମେଶ୍ୱରପୁର-କରଦା ଗେଙ୍ଗୁଟି ପୋଲର ଆବଟମେଂଟ ୱାଲ ଯୋଗୁଁ ନଦୀର ପ୍ରଖର ସ୍ରୋତ ସିଧାସଳଖ ବନ୍ଧ ଉପରେ ଚାପ ସୃଷ୍ଟି କରୁଛି । ପ୍ରବାହ ପଥ ସଂକୀର୍ଣ୍ଣ ହୋଇଯାଇଥିବାରୁ ଜଳସ୍ରୋତ ବାରମ୍ବାର ଦିଗ ପରିବର୍ତନ କରି ମଳିକ ସାହି ନିକଟ ବନ୍ଧରେ ମାଡ଼ ହେଉଛି, ଯାହା ଧସିବା ର ମୁଖ୍ୟ କାରଣ ବୋଲି କୁହାଯାଉଛି । ଏନେଇ ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସଂଜୀବ ସାମଲଙ୍କୁ ପଚାରିବାରୁ କୁହନ୍ତି ଏହି ଘଟଣା ତଦନ୍ତ କରିବି ବୋଲି କହିଥିଲେ ।

# ଶିକ୍ଷାବର୍ଷ-୨୦୨୬-୨୭ର ପ୍ରଥମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

ବଲାଙ୍ଗିର, ୦୫/୦୭ (ନି.ପ୍ର): ଚଳିତ ଶିକ୍ଷାବର୍ଷ-୨୦୨୬-୨୭ର ପ୍ରଥମ ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ ସରକାରୀ ପ୍ରାଥମିକ ବିଦ୍ୟାଳୟ, ନଅଗାଁ, କଲୋନିପଡା ଠାରେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚନ୍ଦ୍ରଧ୍ୱଜ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କ୍ଲଷ୍ଟରର ବରିଷ୍ଠ ଶିକ୍ଷକ ମନୋରଞ୍ଜନ ମାହାଣାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ଓ ବୁରୋମାଲ ପ୍ରାଥମିକ ବିଦ୍ୟାଳୟର ନବାଗତ ଶିକ୍ଷକ ସୁଶୀଳ କୁମାର ଭୋଇଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଗୁଡଭେଲା ବ୍ଲକ୍ ଏବିଇଓ ବିପିନ ବାଗ ଯୋଗଦେଇ 'ଶିକ୍ଷକଙ୍କ ସ୍ପର୍ଶରେ ସ୍ୱପ୍ନ ପାଏ ସାର୍ଥକତା' ବୋଲି କହିଥିଲେ । ସିଆର୍‌ସିସି ଜଗମୋହନ ତ୍ରିପାଠୀ ମୁଖ୍ୟ ସାଧନ କର୍ମୀ ଭାବେ ଯୋଗ ଦେଇ ଜୁଲାଇ ମାସର ଏଜେଣ୍ଡା ଶୈକ୍ଷିକ କ୍ୟାଲେଣ୍ଡର, ବିଦ୍ୟାଳୟ ସମୟ ନିର୍ଘଣ୍ଟ, ଶିକ୍ଷଣ ଫଳାଫଳ ପୁସ୍ତିକା, ପ୍ରାରମ୍ଭିକ ସ୍ତରର ଆକଳନ ରୂପରେଖ, ଶିକ୍ଷଣ ସୋପାନ ରେଜିଷ୍ଟର, ନୂତନ ବିଦ୍ୟାଳୟ କମିଟି ଗଠନ ତଥା ତୁଷୁରା କ୍ଲଷ୍ଟର ସ୍ତରୀୟ ଶିଖର କାର୍ଯ୍ୟକ୍ରମ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହିତ ବିଦାୟୀ ଶିକ୍ଷକ ଶ୍ରୀ ମାହାଣା ଜଣେ ଅତ୍ୟନ୍ତ ସହଯୋଗୀ, ସ୍ପଷ୍ଟବାଦୀ ଓ ଛାତ୍ର ବତ୍ସଳ ଶିକ୍ଷକ ଥିଲେ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ୍ ଏକାଉଂଟାଂଟ ଟୁନା ପ୍ରଧାନ ଓ ଗୋବିନ୍ଦ ବାଗ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଦାଶ ମଂଚ ସଂଚାଳନ କରିଥିଲେ । ପ୍ରଧାନ ଶିକ୍ଷକ ଡକ୍ଟର ବାଗ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଏଥିରେ କ୍ଲଷ୍ଟରର ପ୍ରଧାନ ଶିକ୍ଷକ ମୋହନ ଭୋଇ, ଦୁତିଆ ସେଠ, ମନ୍ମଥ ରାଜହଂସ, ପ୍ରମୋଦ କୁମାର ନାଏକ ଏବଂ ଏଫ୍‌ଏଲ୍‌ଏନ୍ ଶିକ୍ଷକ ପୂରନ ମେହେର, ସ୍ନେହାଶୀଷ ତ୍ରିପାଠୀ, ବେଣୁଧର ପୂଜାହାରୀ ଏବଂ ଶିକ୍ଷୟିତ୍ରୀ ବିନ୍ଦୁ ମାହାଣା, ଦୁର୍ଗାମଣି ମହାନନ୍ଦ, ସୃଷ୍ଟିମୟୀ କଲେତ, ଲକ୍ଷ୍ମୀପ୍ରିୟା କର୍ମକାର, ତପସ୍ୱିନୀ ରଣା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ଚାନ୍ଦବାଲି ଜଳସମ୍ପଦ ବିଭାଗର ବଢୁଛି ଅଡୁଆ: ଚୋରା ଲୁହାକୁ ଫେରାଇଲେ କନିଷ୍ଠଯନ୍ତ୍ରୀ

ଭଦ୍ରକ, ୦୫/୦୭ (ନି.ପ୍ର): ଚାନ୍ଦବାଲି ଜଳସମ୍ପଦ ବିଭାଗ କନିଷ୍ଠଯନ୍ତ୍ରୀ ବାଣିଶ୍ରୀ ନାୟକଙ୍କୁ ନେଇ ଦିନକୁ ଦିନ ବଢୁଛି ଅଡୁଆ । ପ୍ରଥମ ପଦକ୍ଷେପ ସ୍ୱରୂପ ସଂପୃକ୍ତ କନିଷ୍ଠଯନ୍ତ୍ରୀ ଏଫ -୨ କାର୍ଯ୍ୟ ହୋଇ ନଥିବା ବେଳେ ଆଖୁଆପଦା ଜଳସମ୍ପଦ ବିଭାଗର ଅଧୀକ୍ଷଣଯନ୍ତ୍ରୀ ସଞ୍ଜିବ ସାମଲ ଙ୍କ ସହ ହାତ ମିଳାଇ ୩୮ଟି ମିଥ୍ୟା କାର୍ଯ୍ୟ ପାଇଁ ୨କୋଟି ଟଙ୍କା ବିଲ ପ୍ରଦାନ କଲେ ।ଏହି ମିଥ୍ୟା କାର୍ଯ୍ୟକୁ ନେଇ ଭଦ୍ରକ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହେବା ପରେ ଭଦ୍ରକ ଜିଲ୍ଲାପାଳ ତୁରନ୍ତ ଆଖୁଆପଦା ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଏଫ-୨ କାର୍ଯ୍ୟର ସମସ୍ତ ତଥ୍ୟ ରଖିବାକୁ ନିର୍ଦେଶ ଦେଇଥିଲେ । ଦୀର୍ଘ ୧ ମାସ ପରେ ସଂପୃକ୍ତ ଅଧୀକ୍ଷଣଯନ୍ତ୍ରୀ ଏହାର ଜବାବ କିଛି ରଖି ନଥିଲେ ।ପୁନଶ୍ଚ କନିଷ୍ଠଯନ୍ତ୍ରୀ ବାଣିଶ୍ରୀ ନାୟକ ଏବଂ ସଂପୃକ୍ତ ଅଧୀକ୍ଷଣଯନ୍ତ୍ରୀ ଚାନ୍ଦବାଲି ଠାରେ ୨୪ଟି କାର୍ଯ୍ୟ କୁ ତଦାରଖ ନକରି ଏବଂ ସଂପୃକ୍ତ ଏସଡିଓ ଙ୍କ ଚେକ ମେଜରମେଂଟ ଏବଂ ଦସ୍ତଖତ ବିନା ୨୪ଜଣ ଠିକାଦାରଙ୍କୁ ୨୪ କୋଟି ଟଙ୍କା ପ୍ରଦାନ କରିଦେଲେ ।ଏହି କଥାକୁ ନେଇ ପୁନଶ୍ଚ ଭଦ୍ରକ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ ହେଲା । ଏହି ସମସ୍ତ କଥା ସାଧାରଣ ଜନତାଙ୍କ ମନରୁ ଲିଭି ନଥିବା ବେଳେ ଗତ ଜୁନ ୧୪ତାରିଖରେ ସଂପୃକ୍ତ କନିଷ୍ଠଯନ୍ତ୍ରୀ ବାଣିଶ୍ରୀ ନାୟକ ଚାନ୍ଦବାଲି ଜଳସମ୍ପଦ ବିଭାଗର ଏସଡିଓଙ୍କ ଅଫିସରେ ଥିବା ୩ଟି ସେକ୍ସନର ୮୦ଟନ ଲୁହାକୁ ଏକ କବାଡିଆକୁ ବିକ୍ରି କରୁଥିବା ବେଳେ ସ୍ଥାନୀୟ ଲୋକଙ୍କ ଦ୍ୱାରା ଧରା ପଡିଥିଲେ । କେଉଁ ପରିସ୍ଥିତିରେ ଏହି ଲୁହା ବିକ୍ରି କରାଯାଉଥିଲା ବୋଲି ପଚାରିବାରୁ ସଂପୃକ୍ତ କନିଷ୍ଠଯନ୍ତ୍ରୀ ଆଖୁଆପଦା ଅଧୀକ୍ଷଣଯନ୍ତ୍ରୀଙ୍କୁ ଅଙ୍ଗୁଳି ନିର୍ଦେଶ କରି ତାଙ୍କ ଇଙ୍ଗିତରେ ଏହି କାର୍ଯ୍ୟ ହେଉଥିବା କଥା କହିଥିଲେ । ପରେ ଏହି ଲୁହା ଚୋରୀ କଥାକୁ ନେଇ ସଂପୃକ୍ତ ଏସଡିଓ ସୁରଜ ମଲିକ ଚାନ୍ଦବାଲି ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ୨୩୦।୨୬ରେ ଏକ କେସ ରୁଜୁ ହୋଇଥିଲା ।ଏହି ଖବର ପ୍ରସାରଣ ପରେ ଜଳସମ୍ପଦ ବିଭାଗର ଉପ ମୁଖ୍ୟଯନ୍ତ୍ରୀ ପ୍ରଣବ ନାୟକ ଆସି ଏହି ଚୋରୀ ଲୁହା ବିଷୟରେ ତଦନ୍ତ କରି ସଂପୃକ୍ତ କନିଷ୍ଠଯନ୍ତ୍ରୀ ଏବଂ ଅଧୀକ୍ଷଣଯନ୍ତ୍ରୀଙ୍କୁ ଲିଖିତ ଭାବେ କୈଫତ ମାଗିଥିଲେ । ପରେ ଏହି ଚୋରୀ କେସରୁ ନିଜକୁ ଏବଂ କନିଷ୍ଠଯନ୍ତ୍ରୀଙ୍କୁ ମୁକୁଳାଇବାକୁ ଯାଇ ସଂପୃକ୍ତ ଅଧୀକ୍ଷଣଯନ୍ତ୍ରୀ ସଞ୍ଜିବ ସାମଲ ଲୋକ ଲଜ୍ଜାକୁ ଭୟ କରି ଜୁନ ୧୬ତାରିଖ ରାତି ୧୨ଟାରେ ଆସି ଚାନ୍ଦବାଲି ଥାନାଧିକାରୀ ପରେଶ ମହାନ୍ତିଙ୍କୁ ଭେଟି ଫେରିଥିଲେ । ଚାନ୍ଦବାଲି ଥାନାରେ ଏହି ଚୋରା ଲୁହା ବୋଝେଇ ଟ୍ରକ ଦୀର୍ଘ ୨୦ଦିନ ରହିବା ପରେ ଜୁଲାଇ ୨ତାରିଖ ରାତିରେ ଏହି ସମସ୍ତ ଚୋରୀ ଲୁହାକୁ ସଂପୃକ୍ତ ଜଳସମ୍ପଦ ବିଭାଗର ଏସଡିଓଙ୍କ ଅଫିସରେ ଅନଲୋଡ କରି ସଂପୃକ୍ତ ଟ୍ରକଟିକୁ ଟ୍ରକର ମାଲିକ ରିଲିଜ କରି ନେଇଛନ୍ତି । ଦିନକୁ ଦିନ ଚାନ୍ଦବାଲି ଜଳସମ୍ପଦ ବିଭାଗ ଜଣେ କନିଷ୍ଠଯନ୍ତ୍ରୀଙ୍କ ଆଚାର ବ୍ୟବହାରକୁ ନେଇ ନିନ୍ଦିତ ହୋଇ ପଡୁଥିବା ବେଳେ ବିଭାଗୀୟ ଅଧିକାରୀ କେବଳ ତଦନ୍ତ ଚାଲିଛି ବୋଲି କହି କଥାକୁ ଟାଳି ଚାଲିଛନ୍ତି । ଅନ୍ୟ ପକ୍ଷରେ ନିଜକୁ ନିର୍ଦୋଷ ବୋଲି କହୁଥିବା ଅଧୀକ୍ଷଣଯନ୍ତ୍ରୀ ଏବଂ କନିଷ୍ଠଯନ୍ତ୍ରୀ ରାତାରାତି କୋଟି ପତି ହେବା ଲକ୍ଷ୍ୟରେ ଜାଣିଶୁଣି ଏଭଳି ବିବାଦୀୟ ହୋଇ ପଡୁଛନ୍ତି ବୋଲି ଆମ୍ବେଦକର ମଂଚ ସଭାପତି ପ୍ରଫୁଲ ଦାସ ଅଭିଯୋଗ ଆଣିଛନ୍ତି । ଏହି ସମସ୍ତ ତଥ୍ୟକୁ ନେଇ ସଂପୃକ୍ତ କନିଷ୍ଠଯନ୍ତ୍ରୀ ବାଣିଶ୍ରୀ ନାୟକ ନିଜ ଉତରରେ ସବୁ ଠିକ ଚାଲିଛି ବୋଲି କହିଥିବା ବେଳେ ଅଧୀକ୍ଷଣଯନ୍ତ୍ରୀ ସଞ୍ଜିବ ସାମଲଙ୍କୁ ପଚାରିବାରୁ ସେ ତଦନ୍ତ ଚାଲିଛି ବୋଲି ଉତର ରଖିଥିଲେ । ସେହିପରି ଜଳସମ୍ପଦ ବିଭାଗର ଉପ ମୁଖ୍ୟଯନ୍ତ୍ରୀ ପ୍ରଣବ ନାୟକ ତଦନ୍ତ କରିବାକୁ ଆସିଥିବା ବେଳେ କଣ ତଦନ୍ତ କଲେ ବୋଲି ପଚାରିବାରୁ ସେ ସମସ୍ତ ତଥ୍ୟ ହାସଲ କରିଛନ୍ତି ଏବଂ ଏହି ବିଷୟରେ ସେ ଏକ ରିପୋର୍ଟ ପ୍ରସ୍ତୁତ କରି ଜଳସମ୍ପଦ ବିଭାଗର ଯନ୍ତ୍ରୀମୁଖ୍ୟଙ୍କୁ ପ୍ରଦାନ କରିଛନ୍ତି ବୋଲି କହିଥିଲେ । ମାତ୍ର ଏହି ସମସ୍ତ ଘଟଣା ଚାନ୍ଦବାଲି ଜଳସମ୍ପଦ ବିଭାଗର ଏସଡିଓଙ୍କ ସୁରଜ ମଲିକଙ୍କ ଅଫିସରେ ଘଟୁଥିବା ବେଳେ ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି ସଂପୃକ୍ତ କନିଷ୍ଠଯନ୍ତ୍ରୀ ସମସ୍ତଙ୍କ ଅଗୋଚରରେ ଏହି ଲୁହା ବିକ୍ରି , ଏଫ-୨ କାର୍ଯ୍ୟରେ ସଂପୃକ୍ତ କନିଷ୍ଠଯନ୍ତ୍ରୀ ବାଣିଶ୍ରୀ ନାୟକ ୨କୋଟି ଟଙ୍କା ପ୍ରଦାନ ଏବଂ ୨୪ଟି କାର୍ଯ୍ୟ ଯାହାର ଆନୁମାନିକ ମୁଲ୍ୟ ୨୪କୋଟି ସେହି ସମସ୍ତ କାର୍ଯ୍ୟ ଏସଡିଓଙ୍କ ବିନା ଚେକ ମେଜମେଂଟରେ ସେମାନଙ୍କୁ କିପରି ଭାବେ ଦେୟ ପ୍ରଦାନ କରାଗଲା ତାହା ମଧ୍ୟ ତଦନ୍ତ ସାପେକ୍ଷ । ଏହି ସମସ୍ତ କାର୍ଯ୍ୟକୁ ଭିଜିଲାନ୍ସ ବିଭାଗକୁ ହସ୍ତାନ୍ତରିତ କରାଯାଇଛି । ଏକ ଅସମର୍ଥିତ ସୂତ୍ରରୁ ପ୍ରକାଶ ଭିଜିଲାନ୍ସ ଏକ ଟିମ ଆସି ୨ଥର ଏହି ସମସ୍ତ କାର୍ଯ୍ୟକୁ ଦେଖି ତଦନ୍ତ କରିଥିବା ବେଳେ କେବେ ଏହାର ସୁଫଳ ମିଳିବ ଅଥବା ବିଭାଗୀୟ ଅଧିକାରୀଙ୍କ ମତାନୁଯାଇ ତଦନ୍ତ ଚାଲିଛିରେ ଅଟକିଛି ତଦନ୍ତ ବୋଲି ନାଲି ଫାଇଲରେ ଚାପି ହୋଇଯିବ ତାହା ଚର୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ।

# ସମବାୟ ମନ୍ତ୍ରଣାଳୟ ଭାରତ ସରକାରଙ୍କ ୫ମ ପ୍ରତିଷ୍ଠା ଦିବସ

ଝାରସୁଗୁଡା, ୦୫/୦୭ (ନି.ପ୍ର): ସମବାୟ ମନ୍ତ୍ରଣାଳୟ ଭାରତ ସରକାରଙ୍କ ୫ମ ପ୍ରତିଷ୍ଠା ଦିବସ ଅବସରରେ ସମବାୟ ବିଭାଗ, ଓଡିଶା ତରଫରୁ ଝାରସୁଗୁଡା ଜ଼ିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ କରାଯାଉଛି । ଏହି ଉପଲକ୍ଷେ ସମବାୟ ବିଭାଗ ଝାରସୁଗୁଡା ପକ୍ଷରୁ ତା. ୨୯.୦୬.୨୦୨୬ ରୁ ତା. ୦୬.୦୭.୨୦୨୬ ପର୍ଯ୍ୟନ୍ତ ସମବାୟ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇ ସମବକ୍ଷୟକୁ ସୁଦୃଢ କରିବା ସହିତ ଛାତ୍ରଛାତ୍ରୀଙ୍କୁ ମଧ୍ୟ ସମବାୟର ଭୂମିକା ଓ ସମବାୟରୁ ସମୃଦ୍ଧି ଉପରେ ଜଣାଇବା ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଡି.ଏମ.ଏଫ. ଅଡିଟୋରିୟମ ଠାରେ ପ୍ରବନ୍ଧ, ବକ୍ତୃତା ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଏଥିରେ ଜ଼ିଲ୍ଲାର କନିଷ୍ଠ ବର୍ଗ ଓ ବରିଷ୍ଠ ବର୍ଗର ବହୁ ଛାତ୍ରଛାତ୍ରୀ ଯୋଗଦାନ କରି ନିଜ ନିଜର ମତାମତ, ରଚନା ଓ ବକ୍ତୃତା ମାଧ୍ୟମରେ ସମାଜରେ ସମବାୟର ଯୋଗଦାନ ଓ ସମବକ୍ଷୟରୁ ସମୃଦ୍ଧି ବିଷୟରେ ମତବ୍ୟକ୍ତ କରିଥିଲେ । ଏଥିରେ ଇଂରାଜୀ ଓ ଓଡ଼ିଆ ଭାଷାରେ ପ୍ରତିଯୋଗିତା ସ୍ଥାନ ପାଇଥିଲା । କୃତି ଛାତ୍ରଛାତ୍ରୀ ମାନଙ୍କୁ ସମବାୟ ବିଭାଗ ଝାରସୁଗୁଡା ତରଫରୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ (ଉପନିବନ୍ଧକ) ପରିଚାଳନା ମମତାରାଣୀ କୁଜୁର ପରିଚାଳନା କରିଥିଲେ । ପ୍ରତିଯୋଗିତାର ବିଚାରକ ଭାବେ ଠାକୁରରାମ ପଟେଲ, ପୂର୍ବତନ ସମବାୟ ବିଭାଗର ଅଧିକାରୀ, ସୁଜିତ କୁମାର ରଥ, ଅଧକ୍ଷ, କୃତାର୍ଥ ଆଚାର୍ଯ୍ୟ ପ୍ରଶିକ୍ଷଣ କେନ୍ଦ୍ର, ବରଗଡ଼ ଉପସ୍ଥିତ ରହି ବିଚାରକ ଦାୟିତ୍ୱ ତୁଲାଇଥିଲେ । ଏହା ସହିତ ସମବାୟ ବିଭାଗର ବିଭିନ୍ନ ଅଧିକାରୀ ତଥା ପୂର୍ବତନ ଅଧିକାରୀ ଏହାକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ସହଯୋଗ କରିଥିଲେ । ଏଥିରେ ପୁରସ୍କୃତ ହୋଇଥିବା ଛାତ୍ରଛାତ୍ରୀଙ୍କୁ ନଗଦ ଟଙ୍କା, ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଆଗାମୀ ଦିନରେ କାର୍ଯ୍ୟକ୍ରମକୁ ସମ୍ପାଦନା କରିବା ସକାଶେ ଶ୍ରୀମତୀ କୁଜୁର ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଆସନ୍ତାକାଲି ତା. ୦୪.୦୬.୨୦୨୬ ରିଖ ଦିନ ଜ଼ିଲ୍ଲାସ୍ତରୀୟ ବୃକ୍ଷରୋପଣ କାର୍ଯ୍ୟକ୍ରମ ତଥା ରକ୍ତଦାନ କାର୍ଯ୍ୟକ୍ରମ ଥିବାରୁ ସମସ୍ତେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଏହାକୁ ସକ୍ଷଫଲ୍ୟ ମଣ୍ଡିତ କରିବା ପାଇଁ ଶ୍ରୀମତୀ କୁଜୁର ଅନୁରୋଧ କରିଥିଲେ ।

# ପଲସଦା ପ୍ରସୂତି ଗୃହରେ ନବଜାତ ମୃତ୍ୟୁ ମାମଲା : ସିଡିଏମ୍ ଓ ପିଏଚଓଙ୍କୁ ରିପୋର୍ଟ ତଲବ କଲେ ମାନବାଧିକାର କମିଶନ

ଝାରସୁଗୁଡା, ୦୫/୦୭ (ନି.ପ୍ର): ଲଖନପୁର ବ୍ଲକ ଅନ୍ତର୍ଗତ ପଲସଦା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଘଟିଥିବା ନବଜାତ ଶିଶୁ କନ୍ୟାର ମୃତ୍ୟୁ ଘଟଣାକୁ ନେଇ ଓଡ଼ିଶା ମାନବାଧିକାର କମିଶନ କଡ଼ା ହସ୍ତକ୍ଷେପ କରିଛନ୍ତି । ଘଟଣାର ସମସ୍ତ ପରିସ୍ଥିତିର ତଥ୍ୟଭିତିକ ଯାଂଚ୍ ପାଇଁ କମିଶନ ଝାରସୁଗୁଡ଼ା ସିଡିଏମ୍ ଓ ପିଏଚଓଙ୍କୁ ସବିଶେଷ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ସେପ୍ଟେମ୍ବର ୨୮ ସୁଦ୍ଧା ଏହି ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି ।

ସୂଚନାନୁସାରେ, ଗତ ମେ' ୨୪ ତାରିଖରେ ସୁରେଖା ପ୍ରଧାନ ନାମ୍ନୀ ଜଣେ ଗର୍ଭବତୀ ପ୍ରସବ ବେଦନା ଅନୁଭବ କରି ପଲସଦା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଂଚି ଥିଲେ । ତାଙ୍କ ପରିବାର ଲୋକେ ଚିକିତ୍ସା କର୍ମଚାରୀଙ୍କୁ ଏକ ଷ୍ଟ୍ରେଚର ଯୋଗାଇବା ପାଇଁ ବାରମ୍ବାର ଅନୁରୋଧ କରିଥିବା ଅଭିଯୋଗ ହୋଇଛି । ହେଲେ ସମୟମତେ ଷ୍ଟ୍ରେଚର ନମିଳିବାରୁ ପ୍ରସୂତିଙ୍କୁ ପ୍ରସୂତି ଗୃହକୁ ଚାଲିକରି ଯିବାକୁ ପଡ଼ିଥିଲା । ଏହି ସମୟରେ ପ୍ରସବ ହୋଇ ନବଜାତ ଶିଶୁଟି ତଳେ ପଡ଼ିଯାଇଥିବାରୁ ଘଟଣାସ୍ଥଳରେ ହିଁ ତାହାର ମୃତ୍ୟୁ ଘଟିଥିବା ଅଭିଯୋଗ ଉଠିଥିଲା । ଏହି ଘଟଣା ସମ୍ପର୍କରେ ବିଭିନ୍ନ ଖବରକାଗଜରେ ଖବର ପ୍ରକାଶ ପାଇବା ପରେ ପ୍ରବୀର କୁମାର ଦାସ ନାମକ ଜଣେ ବ୍ୟକ୍ତି ଓଡ଼ିଶା ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ ଦାଖଲ କରିଥିଲେ । ପ୍ରାଥମିକ ଯାଂଚ୍ ପରେ କମିଶନ ଏହାକୁ ସମ୍ଭାବ୍ୟ ମାନବାଧିକାର ଉଲ୍ଲଂଘନ ଘଟଣା ଭାବେ ବିବେଚନା କରି ମାମଲାର ସମସ୍ତ ତଥ୍ୟ ତଲବ କରିଛନ୍ତି ।

କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ, ଝାରସୁଗୁଡ଼ା ସିଡିଏମ୍ ଓ ପିଏଚ୍‌ଓ ସେପ୍ଟେମ୍ବର ୨୮ ସୁଦ୍ଧା ଘଟଣାର ପ୍ରକୃତ ପରିସ୍ଥିତି, ଯାଂଚ୍ ଅଗ୍ରଗତି ଏବଂ ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କିତ ସବିଶେଷ ରିପୋର୍ଟ ଦାଖଲ କରିବେ । ଏହି ଘଟଣା ପରେ ଜିଲ୍ଲାରେ ପ୍ରସୂତି ସେବାର ମାନ, ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ଆବଶ୍ୟକ ସୁବିଧାର ଉପଲବ୍ଧତା ଓ ରୋଗୀ ସେବା ବ୍ୟବସ୍ଥାକୁ ନେଇ ପୁଣିଥରେ ପ୍ରଶ୍ନ ଉଠିଛି ।

# ତାମିଲନାଡୁ ଗ୍ୟାସ୍ ଟ୍ରାଜେଡି ଘଟଣା: ତେଲକୋଇ ବ୍ଲକରେ ପହଞ୍ଚିଲେ ପ୍ରଦେଶ କଂଗ୍ରେସ କମିଟି ସଭାପତି

କେନ୍ଦୁଝର, ୦୫/୦୭ (ନି.ପ୍ର): ତାମିଲନାଡୁ ଗ୍ୟାସ୍ ଟ୍ରାଜେଡି ଘଟଣା ରେ କେନ୍ଦୁଝର ଜିଲ୍ଲା ର ୧୩ ଜଣଙ୍କ ର ମୃତ୍ୟୁ ଘଟିଥିଲା । ଏନେଇ ଜିଲ୍ଲାର ତିନୋଟି ବ୍ଲକ ତେଲକୋଇ,ବାଶଂପାଳ, ହରିଚନ୍ଦନପୁର ବ୍ଲକ ଅଞ୍ଚଳ ର ବିଭିନ୍ନ ଗାଁ ରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ସରକାର ଗ୍ୟାସ୍ ଦୁର୍ଘଟଣା ରେ ମୃତ୍ୟୁ ବରଣ କରି ଥିବା ପ୍ରତ୍ୟକ ମୃତକଙ୍କ ନିକଟତମ ସମ୍ପର୍କୀୟଙ୍କୁ ୧୦ ଲକ୍ଷ ଅର୍ଥ ରାଶି ପ୍ରଦାନ ପାଇଁ ପ୍ରତିଶୃତି ଦେଇଛନ୍ତି । ଆଜି ତେଲକୋଇ ବ୍ଲକ ବିମଳା ପଞ୍ଚାୟତ କୁଡବିଲ ଗାଁ ଦୁବନାଳି ସାହି ଠାରେ ଗ୍ୟାସ ଟ୍ରାଜେଡି ରେ ମୃତ୍ୟୁ ଘଟିଥିବା ସମସ୍ତ ପରିବାର ସେଠାରେ ଯୋଗ ଦେଇଥିଲେ । ଏବଂ ଏଇ ପରିପ୍ରେକ୍ଷୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପିଡିତ ପରିବାର ଙ୍କୁ ଭେଟି ସହାୟତା ରାଶି ପ୍ରଦାନ କରିବା ସହ ସେମାନଙ୍କ ସହିତ ଆଲୋଚନା କରିଥିଲେ । କିଭଳି ଆଉ କେଉଁ ପରିସ୍ଥିତିରେ ଜୁଆଙ୍ଗ ଯୁବତୀ ମାନେ ଦାଦନ ପାଇଁ ଯାଇଥିଲେ ସେକଥା ପଚାରି ବୁଝିଥିଲେ ।ଏଥିରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ସଭାପତି, ନିରଞ୍ଜନ ପଟନାୟକ, ଜୟଦେବ ଜେନା, ବିରୋଧୀ ଦଳ ନେତା ରାମଚନ୍ଦ୍ର କାଡାମ, ଆଦିବାସୀ ନେତା ଯଶୋବନ୍ତ ଲାଗୁରୀ, ଜିଲ୍ଲା ସଭାପତି ମନୋଜ ଜେନା,ନିର୍ମଳ ନାୟକ ପ୍ରମୁଖ ଯୋଗଦେଇଥିଲେ । ସମସ୍ତ ୧୩ ଜଣ ମୃତକ ପରିବାର କୁ ୧୦ ହଜାର ଟଙ୍କା ଲେଖାଏଁ ଜିଲ୍ଲା ସଭାପତି ମନୋଜ ଜେନା ପ୍ରଦାନ କରିଥିଲେ । ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ ଆଦିବାସୀ ମାନଙ୍କ ପାଇଁ ଯୋଜନା ଗୁଡିକ ଲାଗୁ କରିବା ପାଇଁ ଆଗାମି ଅକ୍ଟୋବର ମାସରୁ ପଦଯାତ୍ରା ସହିତ କେନ୍ଦୁଝର ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ପ୍ରକାଶ କରିଛନ୍ତି । ସମସ୍ତ ମୃତକ ପରିବାର ପକ୍ଷରୁ କଂଗ୍ରେସ କମିଟି କୁ ଧନ୍ୟବାଦ ଜଣାଇଥିଲେ ।

# ରଥଯାତ୍ରା ୨୦୨୬ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୦୫/୦୭ (ନି.ପ୍ର): ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ପବିତ୍ର ରଥଯାତ୍ରା ୨୦୨୬କୁ ଶାନ୍ତିଶୃଙ୍ଖଳା ସହିତ ସମାପନ ନିମନ୍ତେ ଜିଲ୍ଲାପାଳ ରଘୁରାମ ଆର୍. ଆୟରଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରସ୍ତୁତି ବୈଠକରେ ମୁଖ୍ୟତଃ ରଥଗଠନ, ରଥଯାତ୍ରା ଓ ବାହୁଡ଼ାଯାତ୍ରା ନୀତି ନିର୍ଘଂଟ, ରାସ୍ତାଘାଟ ମରାମତି, ନିରବିଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ଜନସ୍ୱାସ୍ଥ୍ୟ, ଜଳଯୋଗାଣ, ପ୍ରାଥମିକ ସ୍ୱାସ୍ଥ୍ୟ ବ୍ୟବସ୍ଥା, ନିଶା ନିବାରଣ, ଅଗ୍ନି ନିରାପକ ବ୍ୟବସ୍ଥା, ଶାନ୍ତି ଶୃଙ୍ଖଳା, ସୂଚନା କେନ୍ଦ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ, ଟ୍ରାଫିକ କଟକଣା ଇତ୍ୟାଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହାବ୍ୟତୀତ ରଥଦାଣ୍ଡ ସଫେଇ, ଆପ୍ରଚ ରାସ୍ତା ମରାମତି, ଆମ୍ବୁଲାନ୍ସ ସେବା, ପରିବା ବିକାଳୀଙ୍କୁ ବଡ଼ଦାଣ୍ଡରେ ରଥଯାତ୍ରା ଠାରୁ ବାହୁଡ଼ାଯାତ୍ରା ପର୍ଯ୍ୟନ୍ତ ନବସିବା ପାଇଁ ବାରଣ କରାଯିବା, ସଫେଇ ବ୍ୟବସ୍ଥା, ଅଚଳ ଷ୍ଟ୍ରିଟ ଲାଇଟ୍ ମରାମତି, ହାଇମାକ୍ସ ଲାଇଟ୍ ବ୍ୟବସ୍ଥା, ବଡ଼ଦାଣ୍ଡରେ ଆମିଷ ସମ୍ପୂର୍ଣ୍ଣ ଭାବେ ବିକ୍ରି ବନ୍ଦ କରାଯିବା, ଅସ୍ଥାୟୀ ସିସି ଟିଭି ଲଗେଇବା, ଠାକୁରଙ୍କ ସାମ୍ନାରେ ସେବାୟତମାନେ ଭିଡ଼ ନକରିବା ଇତ୍ୟାଦି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଚଳିତ ରଥଯାତ୍ରା ଓ ବାହୁଡ଼ାଯାତ୍ରାକୁ ଶାନ୍ତିଶୃଙ୍ଖଳା ସହ ସମାପନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଜନସାଧାରଣ ଓ ସେବାୟତମାନଙ୍କ ସାହାଯ୍ୟ ସହଯୋଗ କାମନା କରାଯାଇଥିଲା । ଗତବର୍ଷ ଭଳି ଏ ବର୍ଷ ମଧ ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ ୧୨ ଗୋଟି ଷ୍ଟଲ ଖୋଲାଯିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ରଥଯାତ୍ରାର ପ୍ରଥମ ଓ ଦ୍ୱିତୀୟ ଦିବସ ଏବଂ ବାହୁଡ଼ା ଯାତ୍ରାର ପ୍ରଥମ ଓ ଦ୍ୱିତୀୟ ଦିବସରେ ସମୁଦାୟ ୪ ଦିନ ପାଇଁ ମଦ ଦୋକାନ ବନ୍ଦ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ତଥା ଶ୍ରୀ ଶ୍ରୀ ବଳଦେବଜୀଉ ଦେବଦ୍ୱର ଟ୍ରଷ୍ଟ ବୋର୍ଡ଼ ଅଧକ୍ଷ ନବକ୍ରିଷ୍ଣ ଜେନା ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ । ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ବିଧାୟକ ଶ୍ରୀ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ର ଅଧକ୍ଷ ଡ. ଦୁର୍ଗାପ୍ରସନ୍ନ ନାୟକ, ସାଂସଦଙ୍କ ପ୍ରତିନିଧି ଅମିତାଭ ସୁଆର, ଜିଲ୍ଲା ପରିଷଦ ଅଧକ୍ଷା ଲିଲିତା ଦାସ, ପୌରପରିଷଦ ଅଧକ୍ଷା ସରିତା ସାହୁ, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତିରଞ୍ଜନ ଗୌଡ଼, ଦେବତର ବିଭାଗର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ଟ୍ରଷ୍ଟ ବୋର୍ଡ଼ ସଭ୍ୟ ତଥା ପୂର୍ବତନ ପୌରପରିଷଦ ଅଧକ୍ଷ ଧୀରେନ ସାହୁ ଓ ପଣ୍ଡିତ ହୃଷୀକେଶ ରଥ, ସେବକ ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀ, ମହାରଣା ସେବକ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଲାଇନ ଡିପାର୍ଟମେଂଟର ଅଧିକାରୀ, ବୁଦ୍ଧିଜୀବି, ସାମ୍ବାଦିକ ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ ।

# ସେଲ୍, ରାଉରକେଲା ଇସ୍ପାତ କାରଖାନାର ବିବିଧ ପ୍ରମୁଖ ୟୁନିଟ୍‌ରେ ଜୁନ୍ ମାସ ଓ ପ୍ରଥମ ତ୍ରୟମାସିକ ରେକର୍ଡ ଉତ୍ପାଦନ

ରାଉରକେଲା, ୦୫/୦୭ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଜୁନ୍ ମାସ ଏବଂ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସିକ (ଏପ୍ରିଲ-ଜୁନ୍ ୨୦୨୬)ରେ ଉତ୍ପାଦନ କ୍ଷେତ୍ରରେ ଏକାଧିକ କୀର୍ତ୍ତିମାନ ସ୍ଥାପନ କରିଛି । କାରଖାନାର ଅପଷ୍ଟ୍ରିମ୍ ଓ ଡାଉନଷ୍ଟ୍ରିମ୍ ଉତ୍ପାଦନ ୟୁନିଟ୍‌ଗୁଡ଼ିକର ଦୃଢ଼ କାର୍ଯ୍ୟଦକ୍ଷତା ଏହି ସଫଳତାକୁ ପ୍ରତିଫଳିତ କରିଛି । ଜୁନ୍ ମାସରେ ବ୍ଲାଷ୍ଟ ଫର୍ଣ୍ଣେସ୍-୧, ସିଣ୍ଟର ପ୍ଲାଣ୍ଟ-୨, ପ୍ଲେଟ୍ ମିଲ୍, ନ୍ୟୁ ପ୍ଲେଟ୍ ମିଲ୍ ଏବଂ ହଟ୍ ଷ୍ଟ୍ରିପ୍ ମିଲ୍‌ର ସିଟ୍ ଶିୟରିଂ ଲାଇନ୍ ନିଜ ନିଜ କ୍ଷେତ୍ରରେ ସର୍ବକାଳୀନ ସର୍ବାଧିକ ଜୁନ୍ ମାସର ଉତ୍ପାଦନ ହାସଲ କରିଛି । ଏହା କାରଖାନାର ପ୍ରମୁଖ ଉତ୍ପାଦନ ୟୁନିଟ୍ ଗୁଡ଼ିକର ଦୃଢ଼ କାର୍ଯ୍ୟଦକ୍ଷତାକୁ ପ୍ରତିପାଦିତ କରୁଛି । ପ୍ରଥମ ତ୍ରୟମାସିକରେ ସିଣ୍ଟର ପ୍ଲାଣ୍ଟ-୧ ଏବଂ ସମଗ୍ର ସିଣ୍ଟର ପ୍ଲାଣ୍ଟ କମ୍ପ୍ଲେକ୍ସ ସର୍ବକାଳୀନ ସର୍ବାଧିକ ସିଣ୍ଟର ଉତ୍ପାଦନ କରିଛି । ସେହିପରି, ଷ୍ଟିଲ୍ ମେଲ୍ଟିଂ ସପ୍-୨ରେ କ୍ରୁଡ୍ ଷ୍ଟିଲ୍ ଉତ୍ପାଦନ ତ୍ରୟମାସିକ ଭିତ୍ତିରେ ସର୍ବକାଳୀନ ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିବା ବେଳେ, ଏହା ଡାଉନଷ୍ଟ୍ରିମ୍ ୟୁନିଟ୍ ଗୁଡ଼ିକରେ ଫିନିସ୍ଡ ଷ୍ଟିଲ୍ ଉତ୍ପାଦନ ବୃଦ୍ଧିରେ ସହାୟକ ହୋଇଛି । ଫିନିସ୍ଡ ଷ୍ଟିଲ୍ ଉତ୍ପାଦନ କ୍ଷେତ୍ରରେ ମଧ୍ୟ ଆଲୋଚ୍ୟ ସମୟରେ ଉଲ୍ଲେଖନୀୟ ସଫଳତା ମିଳିଛି । ପ୍ଲେଟ୍ ମିଲ୍ ଏବଂ ନ୍ୟୁ ପ୍ଲେଟ୍ ମିଲ୍ ଉଭୟ ନିଜର ସର୍ବୋତ୍କୃଷ୍ଟ ତ୍ରୟମାସିକ ଉତ୍ପାଦନ ହାସଲ କରିଥିବା ବେଳେ, ହଟ୍ ଷ୍ଟ୍ରିପ୍ ମିଲ୍‌ର ସିଟ୍ ଶିୟରିଂ ଲାଇନ୍‌ରୁ ଉତ୍ପାଦିତ ଏଚ୍‌ଆର୍ ପ୍ଲେଟ୍ ମଧ୍ୟ ସର୍ବକାଳୀନ ରେକର୍ଡ ତ୍ରୟମାସିକ ଉତ୍ପାଦନ କରିଛି । ପ୍ରଥମ ତ୍ରୟମାସିକରେ ନ୍ୟୁ ପ୍ଲେଟ୍ ମିଲ୍ ୨,୬୬,୨୬୩ ଟନ୍ ପ୍ଲେଟ୍ ଉତ୍ପାଦନ କରି ପୂର୍ବବର୍ଷ ତୁଳନାରେ ୧୧.୬ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି । ସେହିପରି, ସିଟ୍ ଶିୟରିଂ ଲାଇନ୍‌ରୁ ଏଚ୍‌ଆର୍ ପ୍ଲେଟ୍ ଉତ୍ପାଦନ ୧୪.୯ ପ୍ରତିଶତ ବୃଦ୍ଧି ପାଇ ୮୨,୫୧୪ ଟନ୍‌ରେ ପହଞ୍ଚିଛି, ଯାହା ଉଚ୍ଚ ମୂଲ୍ୟଯୁକ୍ତ ଉତ୍ପାଦ ବର୍ଗରେ ଏକ ସୁସ୍ଥ ଅଭିବୃଦ୍ଧିକୁ ସୂଚିତ କରୁଛି । କାର୍ଯ୍ୟ ପରିଚାଳନାରେ ଉନ୍ନତି ଫଳରେ ରୋଡ୍ ଡିସ୍ପାଚ୍ କୋଏଫିସିଏଣ୍ଟକୁ ସର୍ବାଧିକ ସ୍ତରରେ ପହଞ୍ଚାଯାଇପାରିଛି, ଯାହାର ପରିଣାମ ସ୍ୱରୂପ ଜୁନ୍ ମାସରେ ୪୮,୫୬୪ ଟନ୍‌ର ସର୍ବକାଳୀନ ରେକର୍ଡ ରୋଡ୍ ଡିସ୍ପାଚ୍ ହାସଲ ହୋଇଛି । ସେହିପରି, ଏପ୍ରିଲ-ଜୁନ୍ ଅବଧିରେ କାରଖାନା ୮,୨୭,୮୭୧ ଟନ୍ ଡାଇରେକ୍ଟ ଡିସ୍ପାଚ୍ କରି ପୂର୍ବର ୭,୯୫,୫୨୧ ଟନ୍‌ର ରେକର୍ଡକୁ ଅତିକ୍ରମ କରିଛି । ଆଲୋଚ୍ୟ ସମୟରେ ଆରଏସପି କାର୍ଯ୍ୟକାରୀ ପୁଞ୍ଜିର ଉତ୍ତମ ପରିଚାଳନା ଉପରେ ମଧ ବିଶେଷ ଧ୍ୟାନ ଦେଇ, ନିଜର ରୋଡ୍ ଏବଂ ଡାଇରେକ୍ଟ ଡିସ୍ପାଚ୍‌କୁ ତ୍ୱରାନ୍ୱିତ କରିଥିବା ବେଳେ ପ୍ଲେଟ୍ ମିଲ୍ ପ୍ଲେଟ ଓ ଏଚ୍‌ଆର୍ ପ୍ଲେଟ୍ ପରି ଉଚ୍ଚ ମୂଲ୍ୟଯୁକ୍ତ ଉତ୍ପାଦ ବର୍ଗରୁ ମିଳିଥିବା ଉଲ୍ଲେଖନୀୟ ଅବଦାନ କାରଖାନାର ଆର୍ଥିକ ପ୍ରଦର୍ଶନକୁ ଅଧିକ ସୁଦୃଢ଼ କରିଛି ।




**ଅଧିକାଂଶ ମହିଳା ଆଲକହଲ୍ ପିଉଥିବା ଦେଖିବାକୁ ମିଳୁଛି । ହେଲେ ଆପଣ ଜାଣନ୍ତି କି ଏହା ନା କେବଳ କ୍ୟାନ୍ସର, ହୃଦ୍‌ରୋଗ ଏବଂ ଅନ୍ୟାନ୍ୟ ଘାତକ ରୋଗର ଆଶଙ୍କା ବୃଦ୍ଧି କରିଥାଏ ବରଂ ତ୍ୱଚା ପାଇଁ ମଧ୍ୟ ଏହା କ୍ଷତିକାରକ...**

ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ମୁତାବକ ଆଲ୍‌କହଲ୍ ଶରୀର ପାଇଁ କ୍ଷତିକାରକ। ଏହା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ଫଳରେ ତ୍ୱଚା କୁଣ୍ଡେଇହେବା, ଆଲର୍ଜି ଭଳି ସମସ୍ୟା ଦେଖାଦେଇଥାଏ। ଏହା ଡ୍ରାଏ ସ୍କିନ୍ ସମସ୍ୟା ସହ ଆଖି ଲାଲ୍ ପଡ଼ିବା ଏବଂ ଓଠ ଫାଟିବା ସମସ୍ୟାର ମୂଳ କାରଣ ସାଜିଥାଏ।

ଡବ୍ଲ୍ୟୁଏଚ୍‌ଓ ରିପୋର୍ଟ ମୁତାବକ ଦିନରେ ୧ ପେଗ୍‌ରୁ ଅଧିକ ଆଲ୍‌କହଲ୍ ପିଉଥିବା ମହିଳାଙ୍କ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମିଯାଏ। ଫଳରେ ତ୍ୱଚାରେ ସହଜରେ ବିଭିନ୍ନ ରୋଗ ସଂକ୍ରମଣ ହୋଇଥାଏ। କେବଳ ଏତିକି ନୁହେଁ, ଏମାନଙ୍କ ତ୍ୱଚା ଅଧିକ ସମ୍ବେଦନଶୀଳ (ସେନ୍‌ସିଟିଭ୍) ଥିବାରୁ କ୍ୟାନ୍ସର ଆଶଙ୍କା ବଢ଼ିଯାଏ।

ଆଲ୍‌କହଲ୍ ପିଇବା ଯୋଗୁ ଅନେକଙ୍କଠାରେ ନିଦ୍ରାହୀନତା ଦେଖାଯାଏ। ତ୍ୱଚାରେ ଲାଲ୍ ହୋଇ ଫଳିଯିବା, ଆଖିତଳ କଳା ପଡ଼ିବା, ମୁହଁ ଫୁଲିଯିବା ଭଳି ଲକ୍ଷଣ ଦେଖାଦିଏ।

ଏମାନଙ୍କଠାରେ ଅଧିକାଂଶ ସମୟରେ ହାଇବ୍ଲଡ୍‌ପ୍ରେସର ଏବଂ ନିଦ୍ରାହୀନତା ସମସ୍ୟା ଦେଖାଦେଇଥାଏ। କମ୍ ଶୋଇବା କାରଣରୁ ଆଖିତଳେ ଡାର୍କ ସର୍କଲ, ଏଜ୍ ଲାଇନ, ରିଙ୍କଲ୍ ମାର୍କ, ସ୍କିନ୍ ଟୋନ୍ ଡାର୍କ ହେବା ଭଳି ସମସ୍ୟା ଦେଖାଦିଏ।

ଆଲ୍‌କହଲ୍ ଶରୀରରେ ଅଧିକ ହିଷ୍ଟାମାଇନ୍ ନିର୍ଗତ କରିଥାଏ। ତେଣୁ ତ୍ୱଚାର ତଳଭାଗରେ ଥିବା ବ୍ଲଡ୍ ଭେଜେଲ୍ ଫୁଲିଯାଇଥାଏ। ଫଳରେ ମୁହଁ ଓ ପୂରା ଶରୀର ମୋଟା ଦେଖାଯାଏ।




ଯେତେ ରୋଜଗାର କଲେ ପାଖରେ ରହୁନି କି ଟଙ୍କା? ଏହାକୁ ନେଇ ସର୍ବଶ୍ରେଷ୍ଠ ଅର୍ଥନୀତିଜ୍ଞ ଏବଂ ରଣନୀତିଜ୍ଞ ଚାଣକ୍ୟ ତାଙ୍କ ନୀତିରେ କହିଛନ୍ତି କିଛି କୁଅଭ୍ୟାସ ପାଇଁ ପାଖରେ ଟଙ୍କା ରହେ ନାହିଁ। ଟଙ୍କା ଉପାର୍ଜନ କରିବା ଯଥେଷ୍ଟ ନୁହେଁ; ଏହାକୁ ପରିଚାଳନା କରିବା ଏବଂ ସଠିକ୍ ଦିଗରେ ବିନିଯୋଗ କରିବା ମଧ୍ୟ ଜରୁରୀ। ଯଦି ଆପଣ ଚାହାନ୍ତି ଯେ, ଆପଣଙ୍କ ଟଙ୍କା ସ୍ଥାୟୀ ହେଉ ଏବଂ ବୃଦ୍ଧି ପାଉ, ତେବେ ଆପଣଙ୍କୁ ପ୍ରଥମେ ସେହି ଅଭ୍ୟାସଗୁଡ଼ିକୁ ଚିହ୍ନଟ କରିବାକୁ ପଡ଼ିବ ଯାହା ଆପଣଙ୍କ ଆର୍ଥିକ ଭବିଷ୍ୟତ ପାଇଁ ବିପଦ ସୃଷ୍ଟି କରୁଛି। ଚାଣକ୍ୟ ନୀତିରେ ସ୍ପଷ୍ଟ ଭାବରେ କୁହାଯାଇଛି ଯେ, ଯେଉଁମାନେ ଅଳସୁଆ ଏବଂ ଅନୁଶାସନହୀନ ଜୀବନଯାପନ କରନ୍ତି ସେମାନଙ୍କ ପାଖରେ ଟଙ୍କା ଅଧିକ ଦିନ ସ୍ଥାୟୀ ହୁଏ ନାହିଁ। ଏପରି ଲୋକମାନେ ରୋଜଗାରର ସୁଯୋଗ ହରାଇଥାନ୍ତି ଏବଂ ସେମାନଙ୍କ ଟଙ୍କାକୁ ସଠିକ୍ ଭାବରେ ପରିଚାଳନା କରିବାରେ ବିଫଳ ହୁଅନ୍ତି।

ଯେଉଁ ବ୍ୟକ୍ତି କେବଳ ନିଜ ପାଇଁ କାମ କରନ୍ତି ଏବଂ ଅନ୍ୟମାନଙ୍କ ମଙ୍ଗଳ ପାଇଁ ଚିନ୍ତା କରନ୍ତି ନାହିଁ ସେ ଶୀଘ୍ର ନିଜର ସମ୍ପତ୍ତି ହରାଇ ଥାଆନ୍ତି। ଚାଣକ୍ୟଙ୍କ ଅନୁସାରେ ଟଙ୍କା କେବଳ ସେମାନଙ୍କ ପାଇଁ ରହିଥାଏ ଯେଉଁମାନେ ଉଦାର, ଜ୍ଞାନୀ ଏବଂ ସାମାଜିକ ସଚେତନ। ଅତ୍ୟଧିକ ଲୋଭୀ ଲୋକମାନେ ଅଯଥା ନିବେଶ କରନ୍ତି ଏବଂ ଶୀଘ୍ର ଟଙ୍କା ହରାଇ ଦିଅନ୍ତି। ଅନ୍ୟପକ୍ଷରେ ଯେଉଁମାନେ ଧୈର୍ଯ୍ୟର ସହିତ ସେମାନଙ୍କର ସମ୍ବଳ ବୃଦ୍ଧି କରନ୍ତି ଏବଂ ବୁଦ୍ଧିମାନ ଭାବରେ ଖର୍ଚ୍ଚ କରନ୍ତି ସେମାନେ ଦୀର୍ଘକାଳୀନ ଭାବରେ ସେମାନଙ୍କର ସମ୍ପତ୍ତି ବୃଦ୍ଧି ପାଆନ୍ତି। ଚାଣକ୍ୟ କହିଛନ୍ତି, ଯେଉଁ ଲୋକମାନଙ୍କର ଅତ୍ୟଧିକ ଭୟ, ଈର୍ଷା ଏବଂ ଚିନ୍ତା ଥାଏ ସେମାନଙ୍କର ଟଙ୍କା ମଧ୍ୟ ସ୍ଥାୟୀ ହୁଏ ନାହିଁ। ମାନସିକ ଅଶାନ୍ତି ସେମାନଙ୍କୁ ବୁଦ୍ଧିମାନ ନିଷ୍ପତ୍ତି ନେବାରୁ ବାଧା ଦିଏ ଏବଂ ପ୍ରାୟତଃ ସୁଯୋଗ ହରାଇବାକୁ ପଡ଼େ।

ଧନ କେବଳ ସକ୍ଷମ, ଶୃଙ୍ଖଳିତ ଏବଂ ଜ୍ଞାନୀ ଲୋକଙ୍କ ପାଇଁ ରହିଥାଏ। ତେଣୁ ଆଳସ୍ୟ, ଲୋଭ ଏବଂ ସ୍ୱାର୍ଥପରତା ପରିହାର କରନ୍ତୁ, ବୁଦ୍ଧିମାନ ଭାବରେ ବିନିଯୋଗ କରନ୍ତୁ ଏବଂ ଧୈର୍ଯ୍ୟ ରଖନ୍ତୁ।






**ଜଲଦି ଛାଡ଼ନ୍ତୁ ଏ ଅଭ୍ୟାସ**

ଆଜିକାଲିର ବ୍ୟସ୍ତବହୁଳ ଜୀବନଶୈଳୀରେ, ବିଳମ୍ବିତ ରାତିରେ ରାତ୍ରୀଭୋଜନ କରିବା ଏକ ସାଧାରଣ ଅଭ୍ୟାସରେ ପରିଣତ ହୋଇଛି । କାମର ଚାପ, ଲମ୍ବା ଶିଫ୍ଟ କିମ୍ବା ଅନିୟମିତ ରୁଟିନ୍ ଯୋଗୁଁ ଲୋକମାନେ ପ୍ରାୟତଃ ରାତିରେ ରାତ୍ରୀଭୋଜନ କରନ୍ତି । ଏହି ଅଭ୍ୟାସ ଆମ ସ୍ୱାସ୍ଥ୍ୟ ଉପରେ ଗମ୍ଭୀର ନକାରାତ୍ମକ ପ୍ରଭାବ ପକାଏ । ଆୟୁର୍ବେଦ ଏବଂ ଆଧୁନିକ ବିଜ୍ଞାନ ଉଭୟ ଗୁରୁତ୍ୱାରୋପ କରନ୍ତି ଯେ ଆମର ପାଚନ ତନ୍ତ୍ର ରାତିରେ ସବୁଠାରୁ ଧୀର କାମ କରେ ଏବଂ ବିଳମ୍ବିତ ରାତିରେ ଖାଇବା ଶରୀର ଉପରେ ଅନାବଶ୍ୟକ ଚାପ ପକାଇଥାଏ । ଏହା କେବଳ ଓଜନ ବୃଦ୍ଧିର କାରଣ ନୁହେଁ, ବରଂ ଏହା ଅନେକ ଗମ୍ଭୀର ରୋଗର ଆଶଙ୍କା ମଧ୍ୟ ବୃଦ୍ଧି କରେ । ରାତ୍ରୀଭୋଜନ ଏବଂ ଶୋଇବା ସମୟ ମଧ୍ୟରେ ଏକ ସୁସ୍ଥ ବ୍ୟବଧାନ ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜାଣନ୍ତୁ ଏହି ଅଭ୍ୟାସ ଦ୍ୱାରା ଶରୀରରେ କେଉଁ ରୋଗ ହୋଇପାରେ ଏବଂ ଏହି ଅଭ୍ୟାସକୁ କିପରି ଏଡାଇ ଦିଆଯାଇପାରିବ।

-ବିଳମ୍ବିତ ରାତିରେ ଭୋଜନ କରିବା ଦ୍ୱାରା ଓଜନ ବୃଦ୍ଧି ହେବାର ସମ୍ଭାବନା ଅଧିକ
-ରାତିରେ ସମୟରେ ଶରୀରର ମେଟାବୋଲିଜିମ୍ ସ୍ତର ଧୀମା ହୋଇଯାଏ
-ବିଳମ୍ବରେ ଖାଇବା ଦ୍ୱାରା ଅତ୍ୟଧିକ କ୍ୟାଲୋରି ଉତ୍ପନ୍ନ ହୋଇଥାଏ
-ଶରୀର ଏହାକୁ ସମ୍ପୂର୍ଣ୍ଣ ଶକ୍ତିରେ ପରିବର୍ତ୍ତନ କରିପାରି ନଥାଏ
-ଅତିରିକ୍ତ କ୍ୟାଲୋରି ଶରୀରରେ ଚର୍ବି ଭାବରେ ସଞ୍ଚିତ ହୁଏ, ଯାହା ଓଜନ ବୃଦ୍ଧି କରେ
-ବିଳମ୍ବିତ ରାତିରେ ଖାଇବା ଦ୍ୱାରା ରକ୍ତରେ ଶର୍କରା ସ୍ତର ବୃଦ୍ଧି ପାଏ
-ଇନସୁଲିନ୍ ମାତ୍ରା ହ୍ରାସ ପାଏ, ଯାହା ରକ୍ତ ଶର୍କରାକୁ ନିୟନ୍ତ୍ରଣ କରିବାକୁ ଅକ୍ଷମ ହୁଏ
-ଟାଇପ୍-୨ ମଧୁମେହ ହେବାର ଆଶଙ୍କା ବହୁତ ବଢ଼ିଯାଏ
-ରକ୍ତଚାପ ଏବଂ କୋଲେଷ୍ଟ୍ରଲ୍ ସ୍ତର ବଢ଼ିପାରେ
-ଯାହା ହୃଦରୋଗ ଏବଂ ଷ୍ଟ୍ରୋକ୍ ପାଇଁ ପ୍ରମୁଖ ବିପଦର କାରଣ
-ରାତିରେ ଭାରି ଖାଦ୍ୟ ଖାଇବା ଦ୍ୱାରା ପାଚନ ପ୍ରଣାଳୀ ଉପରେ ଚାପ ପଡ଼ିଥାଏ
-ଏହା ହୃଦୟ ସ୍ୱାସ୍ଥ୍ୟକୁ ମଧ୍ୟ ପ୍ରଭାବିତ କରିଥାଏ
-ବିଳମ୍ବିତ ରାତିରେ ଖାଇବାର ଅଭ୍ୟାସ ପରିହାର କରନ୍ତୁ
-ରାତିରେ ଭୋକ ଲାଗୁଥିଲେ ହାଲୁକା ଖାଦ୍ୟ ଗ୍ରହଣ କରିପାରିବେ

## ଏସବୁ ପତ୍ରକୁ ଖାଲି ପେଟରେ ଖାଇଲେ ଯିବାକୁ ପଡ଼ିବନି ମେଡିକାଲ: ସୁସ୍ଥ ରହିବ ହାର୍ଟ



ଏମିତି ବି କିଛି ଗୁଣକାରୀ ପତ୍ର ରହିଛି; ଯାହାକୁ ଖାଲିପେଟରେ ଚୋବେଇ ଖାଇଲେ ଶରୀରକୁ ଅନେକ ଫାଇଦା ମିଳିଥାଏ। ଯେମିତିକ, ଖାଲିପେଟରେ କିଛି ନିମପତ୍ରକୁ ଚୋବେଇ ଖାଇଲେ ଏହା କୃମି ସମସ୍ୟା ଦୂର କରିବା ସହ ଚର୍ମଜନିତ ରୋଗକୁ କିଛିକାଂଶରେ ମୁକ୍ତି ଦେଇଥାଏ। ଖାଲିପେଟରେ ତୁଳସୀ ପତ୍ର ଖାଇଲେ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ପୁଦିନା ପତ୍ରରୁ କିଛି ଖାଲିପେଟରେ ଖାଇଲେ ପାଚନକ୍ରିୟା ସକ୍ରିୟ ହୋଇଥାଏ। ଭୃଙ୍ଗରାଜ ପତ୍ରକୁ ଖାଲିପେଟରେ ଚୋବେଇ ଖାଇଲେ ହାର୍ଟ ଭଲ ରହିଥାଏ ବୋଲି ବିଶ୍ୱାସ କରାଯାଏ। ଜୁଆଣି ପତ୍ରକୁ ବି ଖାଲିପେଟରେ ଚୋବେଇ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ଉପକାରୀ ହୋଇଥାଏ। ମୁଖ୍ୟତଃ ପେଟ ଜନିତ ସମସ୍ୟାରୁ ଏହା ମୁକ୍ତି ଦିଏ। ଜାମୁକୋଳି ପତ୍ରକୁ ଖାଲିପେଟରେ ଚୋବେଇ ଖାଇଲେ ସୁଗାର ନିୟନ୍ତ୍ରଣରେ ରହିଥାଏ ବୋଲି ବିଶ୍ୱାସ କରାଯାଏ। ଖାଲିପେଟରେ ପାନ ଖାଇଲେ ମୁଖ ଦୁର୍ଗନ୍ଧ ଦୂର ହେବା ସହ ପାଚନ କ୍ରିୟା ଠିକ୍ ହୋଇଥାଏ। ସେହିପରି ଖାଲିପେଟରେ ଧନିଆ ପତ୍ରରୁ କିଛି ଚୋବେଇ ଖାଇଲେ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ମିଳିବା ସହ ଭୋକ ହୋଇଥାଏ। ତା'ଛଡ଼ା ବିଭିନ୍ନ ପ୍ରକାରର ସ୍କିନ୍ ଇନ୍‌ଫେକ୍ସନରୁ ବି ଏହା ରକ୍ଷା କରିଥାଏ।



## ଦନ୍ତ କ୍ଷୟରୁ ରକ୍ଷା କରେ କ୍ଷୀର



କ୍ଷୀର ଆମ ଶରୀର ପାଇଁ କେତେ ଉପକାରୀ ତାହା ବର୍ଣ୍ଣନା କରିବା ଅନାବଶ୍ୟକ। କାରଣ ଆମେ ସମସ୍ତେ ପ୍ରାୟ ଜାଣିଛେ ଯେ ଏଥିରେ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ରହିଛି। ତେବେ ଏହି ତାଲିକାରେ ଆଉ ଏକ କଥାକୁ ସାମିଲ କରାଯାଇଛି। ନିୟମିତ କ୍ଷୀର ପିଇଲେ ତାହା ଦନ୍ତକ୍ଷୟଜନିତ ସମସ୍ୟା ଆଶଙ୍କାକୁ କେତେକାଂଶରେ ଦୂରେଇ ରଖିଥାଏ।

ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏଭଳି ମତବ୍ୟକ୍ତ କରିଛନ୍ତି। ଦାନ୍ତଜନିତ ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କର ଚିକିତ୍ସା କରିବା ସମୟରେ ସେମାନେ ଏହି ଉପାୟକୁ ଅନୁସରଣ କରିଥିଲେ। ସେମାନଙ୍କୁ ନିୟମିତ କ୍ଷୀର ପିଇବାକୁ ସେମାନେ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ନିୟମିତ ସମୟ ବ୍ୟବଧାନରେ ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କର ଦାନ୍ତ ପରୀକ୍ଷା କରି ସେମାନେ ଏକଥା ଜାଣିପାରିଥିଲେ। ନିୟମିତ କ୍ଷୀର ପିଇବା ଫଳରେ ଦାନ୍ତ ସନ୍ଧିରେ ଲୁଚି ରହିଥିବା ଜୀବାଣୁମାନଙ୍କୁ ଏହା ମାରିଦେଇଥାଏ ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଜାଣନ୍ତି କି ଗୋଟିଏ ଘଣ୍ଟାରେ ହାର୍ଟରେ କେତେଥର ହୁଏ ସ୍ପନ୍ଦନ...

ମନୁଷ୍ୟ ଶରୀରରେ ମସ୍ତିଷ୍କ ପରେ ହୃତ୍‌ପିଣ୍ଡ ବା ହାର୍ଟ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହାର ଓଜନ ହେଉଛି ମାତ୍ର ୩୦୦-୪୦୦ ଗ୍ରାମ୍। ତିନିଗୋଟି ସ୍ତରର ଗୋଟିଏ ଛୋଟିଆ ରକ୍ତ ସଞ୍ଚାଳନ ପମ୍ପ ରୂପେ କମ୍ପନ କରୁଥିବା ହୃତ୍‌ପିଣ୍ଡଟି ଗର୍ଭ ସଞ୍ଚାରଣର ମାତ୍ର ୪-୫ ସପ୍ତାହରୁ ନିରବଚ୍ଛିନ ଭାବେ ମଣିଷ ବଞ୍ଚିହିବା ଯାଏ କାର୍ଯ୍ୟ କରୁଥାଏ। ହୃତ୍ ?ପିଣ୍ଡ ବନ୍ଦ ହେଲେ ଲୋକଟି ମୃତ୍ୟୁମୁଖରେ ପଡ଼ିଥାଏ ଏବଂ ମୃତ୍ୟୁ ହେଲେ ହୃତ୍‌ପିଣ୍ଡଟି ବନ୍ଦ ହୋଇଯାଏ। ମାତ୍ର ୧୨ ସେମି ଲମ୍ବ, ୮.୫ ସେମି ଓସାର ଓ ୬ ସେମି ମୋଟା ବିଶିଷ୍ଟ ହୃଦ୍‌ଯନ୍ତ୍ର ପ୍ରତି ମିନିଟ୍‌ରେ ହାରାହାରି ୭୨ ଥର (୬୦-୮୦), ପ୍ରତି ଘଣ୍ଟାରେ ୪୩୨୦ ଥର, ଗୋଟିଏ ଦିନରେ ଲକ୍ଷେ ଚାରିହଜାର ଥର ସ୍ପନ୍ଦିତ (ସଙ୍କୁଚିତ ଓ ପ୍ରସାରିତ) ହୋଇଥାଏ। ଏହାଦ୍ୱାରା ଶରୀରର ସମସ୍ତ ଅଙ୍ଗକୁ ରକ୍ତ ସଞ୍ଚାଳନ ହୋଇଥାଏ। ଗୋଟିଏ ହୃତ୍‌ପିଣ୍ଡ ପ୍ରତ୍ୟେକ ସ୍ପନ୍ଦନ ପାଇଁ ଏହା ୦.୮ ସେକେଣ୍ଡ ନେଇଥାଏ ଓ ସଙ୍କୋଚନ ପାଇଁ ଯେତିକି ସମୟ ନିଏ, ପ୍ରସାରଣ ପାଇଁ ତା'ଠାରୁ ଅଢ଼େଇ ଗୁଣ ସମୟ ନେଇଥାଏ। ଅର୍ଥାତ୍, ହୃତ୍‌ପିଣ୍ଡ ଯେତିକି ସମୟ ସଙ୍କୁଚିତ ହୁଏ ତା' ତୁଳନାରେ ଅଢ଼େଇରୁ ୩ ଗୁଣ (ପ୍ରସାରିତ) ବିଶ୍ରାମ ନେଇଥାଏ। ତେଣୁ ଏହା ଉପରେ କାର୍ଯ୍ୟଭାର କିଛି ମାତ୍ରାରେ କମ୍ ହୋଇଥାଏ। ହୃତ୍‌ପିଣ୍ଡର ସଙ୍କୋଚନ ସମୟରେ ହେଉଥିବା ବଳ ଦ୍ୱାରା ରକ୍ତ ସଞ୍ଚାରଣ ହୋଇଥାଏ ଏବଂ ଏହା ଧମନୀରେ ରକ୍ତଚାପ ସୃଷ୍ଟି କରିଥାଏ, ଯାହା ସାଧାରଣତଃ ୧୨୦ ମିମି ପାରଦର ଚାପ ସହ ସମାନ। ସେହିପରି ଡାଇଷ୍ଟୋଲ୍ ସମୟରେ ରକ୍ତଚାପ ସାଧାରଣତଃ ୮୦ ମିମି ପାରଦ ହୋଇଥାଏ। ଏହି ସମୟରେ ପଲ୍‌ସ ପ୍ରେସର (ନାଡ଼ି ଚାପ) ଏହି ଦୁଇ ଚାପର ତଫାତ ଅର୍ଥାତ୍ ୪୦ ମିମି ପାରଦ ହୋଇଥାଏ। ରକ୍ତଚାପ ବୃଦ୍ଧି ହେଲେ ଏହା ମଧ୍ୟ ଅସୁବିଧା ହୋଇଥାଏ। ମେଦବହୁଳତା, ଶାରୀରିକ ପରିଶ୍ରମର ଅଭାବ, ଆପେକ୍ଷିକ ଲବଣ, ଧୂମପାନ, ମାନସିକ ଚାପ, ବିଷାଦ ଓ ଆହୁରି ଅନେକ କାରଣରୁ ହୃଦ୍‌ରୋଗର ଆଶଙ୍କା ଅଧିକ ଥାଏ। ହୃଦ୍‌ଜନିତ ସମସ୍ୟା ଥରେ ଜଣାପଡ଼ିଲେ ଏଥିପାଇଁ ନିୟମିତ ଔଷଧ ସେବନ ଓ ଡାକ୍ତରୀ ପରାମର୍ଶର ଆବଶ୍ୟକତା ପଡ଼ିଥାଏ।

# ଶସ୍ତା କ୍ରୁଡ୍, ମହଙ୍ଗା ପେଟ୍ରୋଲ୍

ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ବା କ୍ରୁଡ୍ ଅଏଲ୍ ଦରରେ ଲଗାତାର ହ୍ରାସ ଘଟୁଥିବା ବେଳେ ଭାରତୀୟ ଖାଉଟିମାନଙ୍କୁ ଏହାର କୌଣସି ଫାଇଦା ମିଳୁନାହିଁ। ଏପ୍ରିଲ୍ ମାସ ଠାରୁ ଆଜି ପର୍ଯ୍ୟନ୍ତ ଅଶୋଧିତ ତୈଳ ଦର ପ୍ରାୟ ୪୧ ପ୍ରତିଶତ ଖସିସାରିଲାଣି। ତଥାପି ପେଟ୍ରୋଲ୍ ଏବଂ ଡିଜେଲ୍ ଦର କମିବାର ନାମ ନେଉନାହିଁ । କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ସଦ୍ୟତମ ବୟାନ ଅନୁଯାୟୀ, ତୈଳ ବିପଣନ କମ୍ପାନୀଗୁଡ଼ିକ ସେମାନଙ୍କର ପୂର୍ବ କ୍ଷତି ଭରଣା ନକରିବା ପର୍ଯ୍ୟନ୍ତ ଗ୍ରାହକମାନଙ୍କୁ କୌଣସି ଆଶ୍ୱସ୍ତି ମିଳିବାର ସମ୍ଭାବନା ନାହିଁ । ଗୋଟିଏ ପଟେ ସାଧାରଣ ଲୋକ ମୁଦ୍ରାସ୍ଫୀତି ଏବଂ ଦରଦାମ୍ ବୃଦ୍ଧିର କଷାଘାତରେ ଛଟପଟ ହେଉଥିବା ବେଳେ, ଅନ୍ୟ ପଟେ ସରକାର ଏବଂ ତୈଳ କମ୍ପାନୀଗୁଡ଼ିକର ଏଭଳି ଆଭିମୁଖ୍ୟ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଆନ୍ତର୍ଜାତୀୟ ବଜାରର ସ୍ଥିତି ଏବଂ ଘରୋଇ ବଜାରର ବାସ୍ତବତା ମଧ୍ୟରେ ଥିବା ଏହି ବିରାଟ ତାରତମ୍ୟକୁ ତର୍ଜମା କଲେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସେ । ବିଶେଷକରି ସରକାରୀ ତୈଳ କମ୍ପାନୀଗୁଡ଼ିକର ବିପୁଳ ଲାଭ ଏବଂ ସରକାରଙ୍କ ଟିକସ ଆଦାୟ ନୀତିକୁ ଦେଖିଲେ ସ୍ପଷ୍ଟ ହୁଏ ଯେ ଖାଉଟିମାନଙ୍କ ସ୍ୱାର୍ଥ ଅପେକ୍ଷା କମ୍ପାନୀଗୁଡ଼ିକର ବାଲାନ୍ସ ସିଟ୍ ?କୁ ଅଧିକ ଗୁରୁତ୍ୱ ଦିଆଯାଉଛି ।ଗତ କିଛି ମାସର ଅଶୋଧିତ ତୈଳ ଦରର ପରିସଂଖ୍ୟାନକୁ ଅନୁଧ୍ୟାନ କଲେ ସ୍ଥିତି ଅଧିକ ସ୍ପଷ୍ଟ ହେବ । ଆମେରିକା, ଇସ୍ରାଏଲ୍ ଏବଂ ଇରାନ ମଧ୍ୟରେ ଲାଗିରହିଥିବା ଦ୍ୱନ୍ଦ୍ୱ ଏବଂ ଯୁଦ୍ଧ ପରିସ୍ଥିତି କାରଣରୁ ଏପ୍ରିଲ୍ ମାସରେ ଅଶୋଧିତ ତୈଳ ଦର ଆକାଶଛୁଆଁ ହୋଇ ବ୍ୟାରେଲ୍ ପିଛା ୧୧୪.୪୮ ଡଲାରରେ ପହଞ୍ଚିଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଆନ୍ତର୍ଜାତୀୟ ରାଜନୈତିକ ଉତ୍ତେଜନା ହ୍ରାସ ପାଇବା ସହ ଏହି ଦରରେ ଦ୍ରୁତ ଅବନତି ଘଟିଛି । ଭାରତ ସରକାରଙ୍କ ପେଟ୍ରୋଲିୟମ୍ ପ୍ଲାନିଂ ଆଣ୍ଡ ଆନାଲିସିସ୍ ସେଲ୍ (ପିପିଏସି)ର ରିପୋର୍ଟ ଅନୁଯାୟୀ, ଜୁନ୍ ମାସ ବେଳକୁ ଭାରତ କିଣୁଥିବା ଅଶୋଧିତ ତୈଳର ହାରାହାରି ମୂଲ୍ୟ ବ୍ୟାରେଲ୍ ପିଛା ୮୬.୩୧ ଡଲାରକୁ ଖସିଆସିଥିଲା । ଜୁଲାଇ ମାସର ପ୍ରଥମ ସପ୍ତାହ ସୁଦ୍ଧା ଏହା ଆହୁରି ହ୍ରାସ ପାଇ ପ୍ରାୟ ୬୭.୭୨ ଡଲାରରେ ପହଞ୍ଚିଯାଇଛି । ଅର୍ଥାତ୍ ମାତ୍ର ଦୁଇ ରୁ ତିନି ମାସ ମଧ୍ୟରେ ଅଶୋଧିତ ତୈଳ ଦରରେ ପ୍ରାୟ ୪୧ ପ୍ରତିଶତର ଅବନତି ଦେଖିବାକୁ ମିଳିଛି । ସାଧାରଣ ଅର୍ଥନୈତିକ ନିୟମ ଅନୁଯାୟୀ, କଞ୍ଚାମାଲର ଦର କମିଲେ ଉତ୍ପାଦିତ ସାମଗ୍ରୀର ଦର ମଧ୍ୟ ତୁରନ୍ତ କମିବା କଥା । କିନ୍ତୁ ଭାରତରେ ପେଟ୍ରୋଲ୍ ଓ ଡିଜେଲ୍ କ୍ଷେତ୍ରରେ ଏହି ସରଳ ନିୟମ ଲାଗୁ ହେଉନାହିଁ । ଓଲଟା ମେ' ମାସ ମଧ୍ୟଭାଗରେ ତୈଳ କମ୍ପାନୀଗୁଡ଼ିକ ଲଗାତାର ଭାବେ ପେଟ୍ରୋଲ୍ ଦରକୁ ପ୍ରାୟ ୭.୮ ପ୍ରତିଶତ ଏବଂ ଡିଜେଲ୍ ଦରକୁ ୮.୬ ପ୍ରତିଶତ ବୃଦ୍ଧି କରିଥିଲେ । ଏହାଦ୍ୱାରା ସାଧାରଣ ଖାଉଟିଙ୍କ ଉପରେ ଏକ ଅତିରିକ୍ତ ଏବଂ ଅଯୌକ୍ତିକ ଆର୍ଥିକ ବୋଝ ଲଦିଦିଆଯାଇଥିଲା ଯାହାର ପ୍ରଭାବ ଏବେ ବି ଅନୁଭୂତ ହେଉଛି । ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ଏବଂ ପେଟ୍ରୋଲିୟମ୍ ମନ୍ତ୍ରୀଙ୍କ ଯୁକ୍ତି ହେଉଛି ଯେ, ବର୍ତ୍ତମାନ ଯେଉଁ ତୈଳ ଖାଉଟିମାନଙ୍କୁ ବିକ୍ରି କରାଯାଉଛି ତାହା ଦୁଇ ମାସ ପୂର୍ବରୁ ଉଚ୍ଚ ଦରରେ ଚୁକ୍ତି କରାଯାଇ ଆମଦାନୀ କରାଯାଇଥିଲା । ସାଧାରଣତଃ ଆମଦାନୀ ହେଉଥିବା ତୈଳର ମୂଲ୍ୟ ଆଗୁଆ ନିର୍ଦ୍ଧାରିତ ହୋଇଥାଏ ଏବଂ ଏହା ଦେଶରେ ପହଞ୍ଚିବା ପାଇଁ ସମୟ ଲାଗିଥାଏ । ପେଟ୍ରୋଲିୟମ୍ ମନ୍ତ୍ରୀଙ୍କ କହିବା ଅନୁଯାୟୀ, ଆନ୍ତର୍ଜାତୀୟ ସ୍ତରରେ ଯେତେବେଳେ ତୈଳ ଦର ସର୍ବୋଚ୍ଚ ସ୍ତରରେ ଥିଲା, ସେତେବେଳେ କମ୍ପାନୀଗୁଡ଼ିକ ଗ୍ରାହକଙ୍କ ଉପରେ ସମ୍ପୂର୍ଣ୍ଣ ବୋଝ ନଲଦି ନିଜେ କ୍ଷତି ସହିଥିଲେ । ଏହି କାରଣରୁ ତୈଳ ବିପଣନ କମ୍ପାନୀଗୁଡ଼ିକର ସମୁଦାୟ କ୍ଷତି ବା 'ଅଣ୍ଡର-ରିକଭରି' ପ୍ରାୟ ୧.୧୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ସରକାରୀ ତଥ୍ୟ ଅନୁସାରେ ଏଥିରେ ପେଟ୍ରୋଲ୍ ବିକ୍ରିରୁ ୧୯,୯୦୫ କୋଟି, ଡିଜେଲ୍ ରୁ ପ୍ରାୟ ୧.୪୫ ଲକ୍ଷ କୋଟି ଏବଂ ଏଲ୍‌ପିଜିରୁ ୨୪,୧୪୮ କୋଟି ଟଙ୍କାର କ୍ଷତି ସାମିଲ ଅଛି । କେବଳ ଏପ୍ରିଲ୍ ରୁ ଜୁନ୍ ତ୍ରୈମାସିକରେ ଏହି କ୍ଷତିର ପରିମାଣ ୭୫,୦୦୦ କୋଟି ଟଙ୍କା ଥିଲା ବୋଲି ଦାବି କରାଯାଇଛି । ତେଣୁ ଯେପର୍ଯ୍ୟନ୍ତ କମ୍ପାନୀଗୁଡ଼ିକ ଏହି ବିପୁଳ କ୍ଷତିର ସମ୍ପୂର୍ଣ୍ଣ ଭରଣା ନକରିଛନ୍ତି, ସେପର୍ଯ୍ୟନ୍ତ ଖୁଚୁରା ବଜାରରେ ଦର କମାଇବା ସମ୍ଭବ ନୁହେଁ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି । ଏହା ବ୍ୟତୀତ ରଣନୀତିକ ଦୃଷ୍ଟିକୋଣରୁ ଭବିଷ୍ୟତ ପାଇଁ ଅଧିକ ତୈଳ ଗଚ୍ଛିତ ରଖିବା ଏବଂ ଭିତ୍ତିଭୂମିର ବିକାଶ ପାଇଁ ଅତିରିକ୍ତ ପାଣ୍ଠିର ଆବଶ୍ୟକତା ରହିଛି ବୋଲି ମଧ୍ୟ ସରକାର ଯୁକ୍ତି ବାଢ଼ିଛନ୍ତି ।

ତେବେ ସରକାରଙ୍କ ଏହି 'କ୍ଷତି ଭରଣା' ଯୁକ୍ତିକୁ ବିଭିନ୍ନ ଆର୍ଥିକ ତଥ୍ୟ ଏବଂ ବଜାର ବିଶ୍ଳେଷଣ ଭିତ୍ତିରେ ପରୀକ୍ଷା କଲେ ଏକ ସମ୍ପୂର୍ଣ୍ଣ ଭିନ୍ନ ତଥା ଆଶ୍ଚର୍ଯ୍ୟଜନକ ଚିତ୍ର ସାମ୍ନାକୁ ଆସେ । ଭାରତରେ ତୈଳ ବିକ୍ରି କ୍ଷେତ୍ରରେ ଏକଚାଟିଆ ଅଧିକାର ଥିବା ସରକାରୀ ମାଲିକାନାର ତିନୋଟି ପ୍ରମୁଖ ତୈଳ କମ୍ପାନୀ ଯଥା ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍, ଭାରତ ପେଟ୍ରୋଲିୟମ୍ ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମ୍ ର ଆର୍ଥିକ ଫଳାଫଳକୁ ଦେଖିଲେ ଜଣାପଡ଼େ ଯେ ସେମାନେ ଆଦୌ କୌଣସି ଆର୍ଥିକ ସଙ୍କଟରେ ନାହାନ୍ତି । ଉପଲବ୍ଧ ତଥ୍ୟ ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୫-୨୬ ରେ ଏହି ତିନୋଟି କମ୍ପାନୀ ମିଳିତ ଭାବେ ୭୭,୮୨୧ କୋଟି ଟଙ୍କାର ବିପୁଳ ଲାଭ ହାସଲ କରିଛନ୍ତି, ଯାହାକି ପୂର୍ବ ଆର୍ଥିକ ବର୍ଷ ତୁଳନାରେ ପ୍ରାୟ ୧୩୦ ପ୍ରତିଶତ ଅଧିକ ଅଟେ । ଏପରିକି ଜାନୁଆରୀ ରୁ ମାର୍ଚ୍ଚ ୨୦୨୬ ତ୍ରୈମାସିକରେ, ଯେତେବେଳେ କି ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତି ଆରମ୍ଭ ହୋଇଯାଇଥିଲା ଏବଂ ଅଶୋଧିତ ତୈଳ ଦର ବୃଦ୍ଧି ପାଉଥିଲା, ସେତେବେଳେ ମଧ୍ୟ ଏହି କମ୍ପାନୀଗୁଡ଼ିକ ମିଳିତ ଭାବେ ୧୯,୪୭୦ କୋଟି ଟଙ୍କାର ଲାଭ କରିଥିଲେ । ଅର୍ଥନୈତିକ ବିଶ୍ଳେଷକମାନଙ୍କ ମତରେ, ବର୍ତ୍ତମାନର ୬୭ ରୁ ୭୩ ଡଲାର ପ୍ରତି ବ୍ୟାରେଲ୍ ଦରରେ ତୈଳ କମ୍ପାନୀଗୁଡ଼ିକ ଖୁଚୁରା ବଜାରରେ ଲିଟର ପିଛା ପ୍ରାୟ ୧୦ ଟଙ୍କାର ମାର୍ଜିନ୍ ବା ଲାଭ କରୁଛନ୍ତି । ଯଦିଓ ସରକାର କହୁଛନ୍ତି ଯେ ଡିଜେଲ୍ ଏବଂ ପେଟ୍ରୋଲ୍ ଉପରେ କ୍ଷତି ସମ୍ପୂର୍ଣ୍ଣ ଭରଣା ହୋଇନାହିଁ, କିନ୍ତୁ କମ୍ପାନୀଗୁଡ଼ିକର ଏହି ଐତିହାସିକ ବାର୍ଷିକ ଲାଭକୁ ଦେଖିଲେ ସରକାରଙ୍କ ଯୁକ୍ତି ସାଧାରଣ ଲୋକଙ୍କ ପାଇଁ ଆଦୌ ଗ୍ରହଣଯୋଗ୍ୟ ମନେହେଉନାହିଁ । ବାସ୍ତବରେ କମ୍ପାନୀଗୁଡ଼ିକର ଲାଭର ଧାରାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ହିଁ ଖାଉଟିମାନଙ୍କୁ ବଳି ପକାଯାଉଛି ବୋଲି ଅର୍ଥନୀତିଜ୍ଞମାନେ ମତ ପୋଷଣ କରୁଛନ୍ତି ।

ଭାରତରେ ତୈଳ ଦର ନିର୍ଦ୍ଧାରଣ ପ୍ରକ୍ରିୟା ଏବଂ ସରକାରୀ ଟିକସ ନୀତିର ଇତିହାସକୁ ଟିକିନିଖି ଅନୁଧ୍ୟାନ କଲେ ଜଣାପଡ଼େ ଯେ ସରକାରଙ୍କ ଆଭିମୁଖ୍ୟ ସବୁବେଳେ କେବଳ ରାଜସ୍ୱ ସଂଗ୍ରହ ଉପରେ ହିଁ କେନ୍ଦ୍ରୀଭୂତ ରହିଆସିଛି । ଭାରତ ତାର ସମୁଦାୟ ତୈଳ ଆବଶ୍ୟକତାର ପ୍ରାୟ ୮୫ ପ୍ରତିଶତରୁ ଅଧିକ ଅଂଶ ବିଦେଶରୁ ଆମଦାନୀ କରିଥାଏ । ତେଣୁ ଆନ୍ତର୍ଜାତୀୟ ବଜାରରେ ଦର କମିଲେ ଦେଶର ଆମଦାନୀ ଖର୍ଚ୍ଚ କମିବା ସହ ସାଧାରଣ ଲୋକଙ୍କୁ ଶସ୍ତାରେ ଇନ୍ଧନ ମିଳିବା ଏକ ସ୍ୱାଭାବିକ ପ୍ରକ୍ରିୟା ହେବା ଉଚିତ୍ । କିନ୍ତୁ ଅତୀତର ଘଟଣାବଳୀ ପ୍ରମାଣ କରୁଛି ଯେ ଏହାର ସୁଫଳ କେବେବି ଲୋକଙ୍କୁ ସମ୍ପୂର୍ଣ୍ଣ ରୂପେ ଦିଆଯାଇନାହିଁ । ଉଦାହରଣ ସ୍ୱରୂପ, ୨୦୧୪ ରୁ ୨୦୧୬ ମସିହା ମଧ୍ୟରେ ଯେତେବେଳେ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ରେକର୍ଡ ସ୍ତରକୁ ଖସିଆସିଥିଲା, ସେତେବେଳେ କେନ୍ଦ୍ର ସରକାର ତୈଳ ଦର କମାଇବା ପରିବର୍ତ୍ତେ ପେଟ୍ରୋଲ୍ ଏବଂ ଡିଜେଲ୍ ଉପରେ ଉତ୍ପାଦନ ଶୁଳ୍କ ବା ଏକ୍ସାଇଜ୍ ଡ୍ୟୁଟିକୁ ଅହେତୁକ ଭାବେ ବୃଦ୍ଧି କରିଦେଇଥିଲେ । ସମାନ ପରିସ୍ଥିତି ୨୦୨୦ ମସିହାରେ କୋଭିଡ୍ ମହାମାରୀ ସମୟରେ ମଧ୍ୟ ଦେଖିବାକୁ ମିଳିଥିଲା ଯେତେବେଳେ ବିଶ୍ୱ ବଜାରରେ ତୈଳ ଦର ଐତିହାସିକ ନିମ୍ନ ସ୍ତରରେ ପହଞ୍ଚିଥିଲା। ଆନ୍ତର୍ଜାତୀୟ ଦର କମିବାର ସୁଯୋଗ ନେଇ ସରକାର ନିଜର ଟ୍ରେଜେରୀ ଭରିଥିଲେ କିନ୍ତୁ ପମ୍ପରେ ଖାଉଟିମାନଙ୍କ ପାଇଁ ଦର କମାଇନଥିଲେ । ବର୍ତ୍ତମାନ ମଧ୍ୟ ଠିକ୍ ସେହି ସମାନ ରଣନୀତି ଆପଣାଯାଉଥିବା ସ୍ପଷ୍ଟ ବାରି ହୋଇପଡୁଛି । ଆନ୍ତର୍ଜାତୀୟ ଦର ୪୧ ପ୍ରତିଶତ କମିବା ସତ୍ତ୍ୱେ ତୈଳ କମ୍ପାନୀଗୁଡ଼ିକୁ ଲାଭାନ୍ୱିତ କରିବା ପାଇଁ ଗ୍ରାହକଙ୍କ ଉପରେ ଦରଦାମ୍ ?ର ଚାପ ବଜାୟ ରଖାଯାଇଛି । ସରକାରଙ୍କ ଏହି ଅସ୍ୱଚ୍ଛ ଟିକସ ନୀତି ତୈଳ ଦରକୁ ଏକ ଅତ୍ୟାବଶ୍ୟକ ସାମଗ୍ରୀ ପରିବର୍ତ୍ତେ ଏକ ପ୍ରମୁଖ ରାଜସ୍ୱ ଆଦାୟକାରୀ ଉତ୍ସରେ ପରିଣତ କରିସାରିଛି । ଆହୁରି ମଧ୍ୟ ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣ କରାଯାଉଛି ଯାହାଦ୍ୱାରା ଗାଡ଼ିର ମାଇଲେଜ୍ କମୁଛି, ଅର୍ଥାତ୍ ଗ୍ରାହକମାନେ ସମାନ ଅର୍ଥ ବ୍ୟୟ କରି କମ୍ ଫାଇଦା ପାଉଛନ୍ତି ।

ପେଟ୍ରୋଲ୍ ଏବଂ ଡିଜେଲ୍ ଦର କେବଳ ଯାନବାହନ ଚଳାଉଥିବା ବ୍ୟକ୍ତିବିଶେଷଙ୍କୁ ପ୍ରଭାବିତ କରେ ନାହିଁ, ବରଂ ସମଗ୍ର ଦେଶର ଅର୍ଥବ୍ୟବସ୍ଥା ଏବଂ ମୁଦ୍ରାସ୍ଫୀତି ଉପରେ ଏହାର ବହୁମୁଖୀ ପ୍ରଭାବ ପଡ଼ିଥାଏ । ଡିଜେଲ୍ ଦର ଉଚ୍ଚା ରହିଲେ ମାଲବାହୀ ଟ୍ରକ୍ ଏବଂ ଟ୍ରେନ୍ ର ପରିବହନ ଖର୍ଚ୍ଚ ବୃଦ୍ଧି ପାଏ, ଯାହାର ସିଧାସଳଖ ନକାରାତ୍ମକ ପ୍ରଭାବ ଖାଦ୍ୟଶସ୍ୟ, ପନିପରିବା, ଔଷଧ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ଉପରେ ପଡ଼ିଥାଏ । ବର୍ତ୍ତମାନ ଦେଶରେ ଖୁଚୁରା ମୁଦ୍ରାସ୍ଫୀତି ଏବଂ ବେକାରୀ ସମସ୍ୟା ଏକ ପ୍ରମୁଖ ଚିନ୍ତାର କାରଣ ପାଲଟିଥିବା ବେଳେ ଲୋକଙ୍କ କ୍ରୟ କ୍ଷମତା ହ୍ରାସ ପାଇବାରେ ଲାଗିଛି । ଏଭଳି ଏକ ସମ୍ବେଦନଶୀଳ ସ୍ଥିତିରେ ଆନ୍ତର୍ଜାତୀୟ ବଜାରରେ ତୈଳ ଦର ଏତେ ମାତ୍ରାରେ କମିବା ସତ୍ତ୍ୱେ ଘରୋଇ ବଜାରରେ ଦର ନକମାଇବା ଦ୍ୱାରା ସାଧାରଣ ଲୋକଙ୍କ ଉପରେ ଅଯଥାରେ ମୁଦ୍ରାସ୍ଫୀତିର ବିପୁଳ ବୋଝ ଲଦି ଦିଆଯାଉଛି । ତୈଳ କମ୍ପାନୀଗୁଡ଼ିକ ବର୍ଷକୁ ହଜାର ହଜାର କୋଟି ଟଙ୍କାର ମୁନାଫା କମାଉଥିବା ବେଳେ, ଜଣେ ସାଧାରଣ ଶ୍ରମିକ ବା ମଧ୍ୟବିତ୍ତ ଖାଉଟି ନିଜର ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବା ପାଇଁ କଠିନ ସଂଘର୍ଷ କରୁଛି । ଯଦି ସରକାର ପ୍ରକୃତରେ ଦେଶର ସାଧାରଣ ଜନତାଙ୍କ ସ୍ୱାର୍ଥ ରକ୍ଷା କରିବାକୁ ଚାହୁଁଛନ୍ତି ଏବଂ ଅର୍ଥନୀତିକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛନ୍ତି, ତେବେ ବିନା ବିଳମ୍ବରେ ତୈଳ ଦର ହ୍ରାସ କରିବା ନିହାତି ଆବଶ୍ୟକ । କମ୍ପାନୀଗୁଡ଼ିକର କ୍ଷତି ଭରଣା ନାମରେ ବର୍ଷ ବର୍ଷ ଧରି ଗ୍ରାହକମାନଙ୍କୁ ଶୋଷଣ କରିବା ଏବଂ ଟିକସ ମାଧ୍ୟମରେ ରାଜସ୍ୱ ଆଦାୟ କରିବା କୌଣସି ଗଣତାନ୍ତ୍ରିକ ରାଷ୍ଟ୍ରର କଲ୍ୟାଣକାରୀ ନୀତି ହୋଇନପାରେ । ତୈଳ ଦର ନିର୍ଦ୍ଧାରଣ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଆଣିବା ସହ ଆନ୍ତର୍ଜାତୀୟ ବଜାରର ସୁଫଳ ଯେପରି ସିଧାସଳଖ ତଥା ତୁରନ୍ତ ଗ୍ରାହକଙ୍କୁ ମିଳିବ, ସେ ଦିଗରେ ସରକାର ଦୃଢ଼ ଏବଂ ସକାରାତ୍ମକ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ । ନଚେତ୍ ଏହି ତ୍ରୁଟିପୂର୍ଣ୍ଣ ନୀତି ଦେଶର ସାମଗ୍ରିକ ଅର୍ଥନୈତିକ ଅଭିବୃଦ୍ଧି ଏବଂ ସାଧାରଣ ଲୋକଙ୍କ ଜୀବନଧାରଣ ମାନ ଉପରେ ଅତ୍ୟନ୍ତ ଭୟାବହ ପ୍ରଭାବ ପକାଇବ ।



# ଶ୍ରୀଜଗନ୍ନାଥ ସଂସ୍କୃତି ଓ ଓଡ଼ିଶାର ଭକ୍ତ କବି



ଅଲେଖ ଚନ୍ଦ୍ର ସାମଲ

'ଯେତେକ ବିଷ୍ଣୁ ଅବତାର, ଏହି କ୍ଷେତ୍ରରୁ ସେ ବାହାର। ଏ ଦେବଙ୍କ ଉତ୍ତମ, ଶ୍ରୀକ୍ଷେତ୍ର ଏ ପୁରୁଷୋତ୍ତମ' - କବି ଜଗନ୍ନାଥ ଦାସ 'ଶ୍ରୀଜଗନ୍ନାଥ ଚରିତ୍ରାମୃତ ଚତୁର୍ଥ ଅଧ୍ୟାୟ'ରେ ଶ୍ରୀକ୍ଷେତ୍ରର ମହାତ୍ମ୍ୟ ସମ୍ପର୍କରେ ନିଜ ଭାବନା ବ୍ୟକ୍ତ କରିଛନ୍ତି। ସେହିଭଳି କବି ଅର୍ଜ୍ଜୁନ ଦାସ ତାଙ୍କ 'କଳ୍ପଲତା' ପୁସ୍ତକରେ ଉଲ୍ଲେଖ କରିଛନ୍ତି - 'ନାମ ଜଗନ୍ନାଥ ଶ୍ରୀମୁଖ କଳା, ବିକଚ ଶ୍ୱେତପଦ୍ମ ବେନି ଡୋଳା।' 'ଜଗମୋହନ ରାମାୟଣ'ରେ ଉଲ୍ଲେଖ ଅଛି - 'ବନ୍ଦଇ ଜଗନ୍ନାଥ କମଳାଦେବୀର ପତି, ନୀଳଗିରି ସୁନ୍ଦର ଅପୂର୍ବ ଦିବ୍ୟମୂର୍ତ୍ତି'। ଆବହମାନ ସମୟରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୁଣ୍ୟପାବନ ଭୂମିରେ ସମୟ ଅତିବାହିତ କରି ଅନେକ ଭକ୍ତକବି ତାଙ୍କ ଲୀଳା ବର୍ଣ୍ଣନା କରିଛନ୍ତି। ସମୟର ବିବର୍ତ୍ତନରେ ଆସିଛି ଅନେକ ପରିବର୍ତ୍ତନ। ନୂତନ ଆଲୋକର ଶିଖା ଏହାର ଦିଗବଳୟକୁ ଆଲୋକିତ କରିଛି ସତ; କିନ୍ତୁ ପୁରାତନର ଆଭା ସଂପୂର୍ଣ୍ଣ ଲିଭି ଯାଇନି ବରଂ ଏହା ଆମର ସଂସ୍କୃତିକୁ କରିଛି ଆହୁରି ପୁଷ୍କଳ ଓ ଋଦ୍ଧିମନ୍ତ।

ଓଡ଼ିଶାରେ ମହାପ୍ରଭୁଙ୍କ ଭକ୍ତକବିଙ୍କ ସମ୍ପର୍କରେ ଆଲୋଚନା କରି ବସିଲା ବେଳକୁ ସର୍ବପ୍ରଥମେ ଦୃଷ୍ଟିକୁ ଆସନ୍ତି ଭକ୍ତକବି ସାରଳା ଦାସ : ସେ ତାଙ୍କ 'ମହାଭାରତ'ରେ ଜୀବନ ଚେତନା, ସାମାଜିକ ଶୃଙ୍ଖଳା, ତତ୍କାଳୀନ ଜାତି, ଧର୍ମ, ଲୋକଚରିତ୍ର ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ତାଙ୍କ ସାହିତ୍ୟ ହେଉଛି ଶ୍ରେଷ୍ଠ ସାହିତ୍ୟ ଯେଉଁ ସାହିତ୍ୟ ଲୋକଜୀବନକୁ ଯୁଗେ ଯୁଗେ ଅନୁପ୍ରାଣିତ କରିଚାଲିଛି। ଏ ଦୃଷ୍ଟିରୁ ବିଚାର କଲେ ଜଣାଯାଏ ଯେ ଭକ୍ତକବି ସାରଳା ଦାସଙ୍କ ମହାଭାରତ ଜନଜୀବନର ସଫଳ ପ୍ରତିଫଳନ। ତାଙ୍କର ସୃଷ୍ଟି ସମ୍ପଦ ସେହି କାରଣରୁ କେବଳ ଓଡ଼ିଆ ସାହିତ୍ୟର ଗର୍ବ ଓ ଗୌରବ ନୁହେଁ, ଯୁଗ ଯୁଗ ଧରି ତାହା ଓଡ଼ିଆ ସମାଜର ଅଭୂତ ପ୍ରେରଣାର ଉତ୍ସ ହୋଇ ଆସିଅଛି। ମଧ୍ୟଯୁଗୀୟ ସମୟରେ ଚୈତନ୍ୟଦେବଙ୍କ ଓଡ଼ିଶା ଆସିବା ପରେ ଏଠି ଗୌଡ଼ୀୟ ବୈଷ୍ଣବ ଚେତନାର ଧାରା ପ୍ରବାହିତ ହୋଇଥିଲା। ଭକ୍ତକବି ଯଶୋବନ୍ତ ଦାସ ଥିଲେ ସେହି ଚେତନାର ଅଗ୍ରଦୂତ। ତାଙ୍କ ରଚିତ ଭଜନଗୁଡ଼ିକରେ ବାସ୍ତବରେ ବୈଷ୍ଣବ ଭକ୍ତିଭାବ ଓ ଜୀବନ ଦର୍ଶନ ସମ୍ପୂର୍ଣ୍ଣ ରୂପେ ପ୍ରତିଫଳିତ। ସେ ଲେଖିଛନ୍ତି - 'ସୁମନ ଆରେ ମୋ ବୋଲ କର, ସୁସଙ୍ଗେ ସୁପଥେ ଯାଅରେ। ଅଗାଧ ଜଳ ନପାଇ ସ୍ଥଳ ହରିନାମ ମୁଖେ ଗାଅରେ।' ଏହି ଭଜନରେ ସାଧାରଣ ଜନ ସମାଜ ମଧ୍ୟରେ ନୈତିକ ସଂସ୍କାର ଆନୟନ ପାଇଁ ପ୍ରଚେଷ୍ଟା ହୋଇଛି। ସେ ଯେ ଜଣେ ପରମ ବୈଷ୍ଣବ ତାହା ଅନୁମିତ ହୋଇଥାଏ।

ଷୋଡ଼ଶ ଶତାବ୍ଦୀ ବେଳକୁ ଓଡ଼ିଶାରେ ବୈଷ୍ଣବ ସାଧକଙ୍କ ଗୋଷ୍ଠୀ 'ପଞ୍ଚସଖା' ଭାବରେ ପରିଚିତ ଥିଲେ। ତାଙ୍କ ଭିତରୁ ମହାପ୍ରଭୁଙ୍କ ପଙ୍କଜର ଭକ୍ତିର ନୈବେଦ୍ୟ ଢ଼ାଳି ବିଶେଷକରି ଶିଶୁ ସମ୍ପ୍ରଦାୟର ପ୍ରତିଷ୍ଠାତା ଥିଲେ ଭକ୍ତକବି ଶିଶୁ ଅନନ୍ତ। ଓଡ଼ିଆ ସାହିତ୍ୟକୁ ଅତୁଳନୀୟ ଦାନ ଦେଇଥିବା ଭକ୍ତକବି ଶିଶୁ ଅନନ୍ତ ଦାସଙ୍କ ପ୍ରଭାବ ପରବର୍ତ୍ତୀ ଓଡ଼ିଆ ସାହିତ୍ୟରେ ଦେଖାଦେଇଥିଲା। ଅନେକ ବୈଷ୍ଣବ କବି ସାଧନା କ୍ଷେତ୍ରରେ ନିଜ ନାମ ପୂର୍ବରୁ ଶିଶୁ ଶବ୍ଦ ଯୋଗ କରୁଥିଲେ। ସେମାନଙ୍କ ଭିତରେ ଶିଶୁ ଅର୍ଜୁନ ଦାସ, ଶିଶୁ ବନମାଳୀ ଦାସ, ଶିଶୁ ଶଙ୍କର ଦାସ ପ୍ରଭୃତିଙ୍କ ନାମ ଉଲ୍ଲେଖନୀୟ।

ଆମ ଓଡ଼ିଆ ଆଧ୍ୟାତ୍ମିକ ଗ୍ରନ୍ଥ ସାହିତ୍ୟରେ 'ବ୍ରହ୍ମଜ୍ଞାନ ଗୀତା' ହେଉଛି ସ୍ୱତନ୍ତ୍ର ଓ ଅନନ୍ୟ। ଅଠରଟି ଅଧ୍ୟାୟରେ ଶ୍ରୀକୃଷ୍ଣ ଅର୍ଜ୍ଜୁନ ସମ୍ବାଦ ନିଖୁଣ ଭାବରେ ବର୍ଣ୍ଣନା କରିଥିଲେ ସିଦ୍ଧକବି ପର୍ଶୁରାମ ବିହାରୀ। ଶ୍ରୀଜଗନ୍ନାଥ ଚେତନାରେ ସେ ଏକ ଭାବପୂର୍ଣ୍ଣ ଭକ୍ତିଧାରା ଚଉପଦି ଭାବରେ ସୃଷ୍ଟି କରିଥିଲେ ତାହା ହେଉଛି ପୁଣି 'ଆହେ ଚକାଡ଼ୋଳା। ତୁମ୍ଭେ ଥାଉଁ ଥାଉଁ ବୁଡୁଅଛି ଭେଳା ହେ' ଅନ୍ୟ ଏକ ଚଉପଦୀରେ ଶ୍ରୀରାଧାଙ୍କର ବିରହ ଜ୍ୱର ଘୁଞ୍ଚିବା ପାଇଁ ଶ୍ରୀରାଧା ଖୋଜିଛନ୍ତି ରୁଚିକର ଖାଦ୍ୟ। କେବଳ ହିଁ ଶ୍ରୀକୃଷ୍ଣ ନାମରୋଚକ ବିଭିନ୍ନ ଖାଦ୍ୟ ପଦାର୍ଥ। ଏହି ଖାଦ୍ୟ ଭିତରେ ରହିଛି ଓଡ଼ିଆ ଗାଁ ଗହଳିର ଖାଦ୍ୟ। ଓଡ଼ିଆ ସାହିତ୍ୟରେ ଆମେ ଅନ୍ୟ ଅଧ୍ୟାୟରେ ଆଲୋଚନା କରିଥିବା ଦୀନକୃଷ୍ଣ ବା କୃଷ୍ଣ ଦାସ ନାମରେ ଏକାଧିକଙ୍କୁ ଆମେ ସାହିତ୍ୟ ସାଧନା କ୍ଷେତ୍ରରେ ପାଇଛୁ ସେହିଭଳି ଓଡ଼ିଆ ସାହିତ୍ୟରେ ମଧ୍ୟ ଅତି ପରିଚିତ ଭକ୍ତ କବି ହେଉଛି ଭକ୍ତକବି ବନମାଳୀ ଦାସ (ଜେନା)। ତାଙ୍କ କାଳଜୟୀ ରଚନା ଗୁଡ଼ିକ ହେଉଛି 'ବର୍ଷାକାଳୀନ ରାସ', 'ପ୍ରଣେତା ବନମାଳୀ ସାମନ୍ତରାୟ', 'ରାଧିକା ବୋଲି' ଓ 'ବଡ଼ ଉଦ୍ଧବ ଚଉତିଶା'ର ରଚୟିତା ଦ୍ୱିଜ ବନମାଳୀ, 'ଚାଟ ଇଚ୍ଛାବତୀ' ଏବଂ 'ବନମାଳୀ ରାସ' ପ୍ରମୁଖ। ତାଙ୍କ ରଚିତ ସୁବିପୁଳ ରାସଗ୍ରନ୍ଥ 'ବନମାଳୀ ରାସ'ରେ ଉଲ୍ଲେଖ ଅଛି - 'ବାଳୁତ ମତି ଦୃବୁଦ୍ଧି ଅଗମ୍ୟ ଜଡ଼ ଦେହୀ, ବର୍ଣ୍ଣେଣ ଗୋପାଳ ମୁଁ ସୁଜନ ସଙ୍ଗ ନାହିଁ। ପିତା ମୋହନ ଜେନା ପରେଣ ଉପଗାର, ତାହାଙ୍କ ଧର୍ମରୁ ସେ ନିର୍ମଳ ମୋ ଶରୀର।' ମୋଟ ଉପରେ ଦେଖିବାକୁ ଗଲେ ଉତ୍କଳୀୟ ବୈଷ୍ଣବ ଧର୍ମଧାରଣାରେ ଦୀକ୍ଷିତ କବି ବନମାଳୀ ଧର୍ମ କ୍ଷେତ୍ରରେ ଅତ୍ୟନ୍ତ ଉଦାର ଓ ସମନ୍ୱୟବାଦୀ ଥିବାର ମନେହୁଏ।

'ବାପା ମୋ ମୋଗଲ ପୁଅ ମାଆ ମୋ ବ୍ରାହ୍ମଣୀ, ଏ କୁଳେ ଜନ୍ମିଲି ହିନ୍ଦୁ ନଖାଏ ମୋ ପାଣି। ପିତା ମୋ ମୋଗଲ ବେଟା ମାତା ମୋ ବ୍ରାହ୍ମଣୀ, ହୀନ କୁଳେ ଜାତ ମୁହିଁ ହିନ୍ଦୁ ନ ଛୁଏଁ ପାଣି।' - ଖ୍ରୀଷ୍ଟ ୧୬୭୮ବେଳକୁ ମହାପ୍ରଭୁଙ୍କ ଜଣେ ଏପରି ଭକ୍ତ ଯିଏ ନିଜ ସୃଷ୍ଟି ଓ ଜୀବନର ଭାବପୂର୍ଣ୍ଣ ଅଭିବ୍ୟକ୍ତିକୁ ଓଜନିଆ କଣ୍ଠରେ ଓ ଆବେଗପୂର୍ଣ୍ଣ ଭାବରେ ଉଲ୍ଲେଖ କରିଥିଲେ ସେ ହେଉଛନ୍ତି ଯବନଭକ୍ତ ଭକ୍ତକବି ସାଲବେଗ। ତାଙ୍କ ରଚନାରୁ ତାଙ୍କ ପିତା ଜଣେ ଯବନ ଓ ମାତା ବ୍ରାହ୍ମଣୀ ବୋଲି ସୂଚାଇ ଅଛନ୍ତି। ଆଲୋଚନାରୁ ଜଣାଯାଏ ଯେ ତାଙ୍କ ପିତା ଥିଲେ ଜାହାଙ୍ଗୀର କୁଲି ଖାଁ। ଯାହାଙ୍କୁ ସମସ୍ତେ ଲାଲବେଗ ନାମରେ ଜାଣିଥାନ୍ତି। ସାଲବେଗଙ୍କ ଭାବପୂର୍ଣ୍ଣ ଶ୍ରୀଜଗନ୍ନାଥଙ୍କ ଆବେଗଭରା ଭଜନ ଗୁଡ଼ିକ ଭକ୍ତଜନ ତାଙ୍କ କଣ୍ଠ ଭୂଷଣ ହୋଇଥାଏ। ଓଡ଼ିଶାରେ ଜଣାଣ ଭଜନ, ଚଉତିସା ଠାରୁ ଅଳଙ୍କାରପୂର୍ଣ୍ଣ ରାଧାକୃଷ୍ଣ ପ୍ରଣୟ ବିଳାସ ହେଉ ବା ପ୍ରକୃତିରୂପୀଣି ରାଧିକା ଏ ସବୁକୁ ଅତି ଲାଳିତ୍ୟ ପୂର୍ଣ୍ଣ ଭାବେ ଓଡ଼ିଆ ଭାଷାରେ ଯିଏ ମଧୁର ଧ୍ୱନୀମୟ କରି 'କଲ୍ଲୋଳେ ପଦଲାଳିତ୍ୟମ' କରି ଗ୍ରନ୍ଥ ସୃଷ୍ଟି କରିଥିଲେ ସେ ହେଉଛନ୍ତି ଭକ୍ତକବି ଦୀନକୃଷ୍ଣ । ଦୀନକୃଷ୍ଣ ସପ୍ତଦଶ ଶତକର କବି। ଏହି ସମୟଟି ହେଉଛି ଓଡ଼ିଆ ସାହିତ୍ୟରେ ରୀତି ଚେତନାର ଯଥାର୍ଥ ଅଭ୍ୟୁଦୟକାଳ। କବି ଦୀନକୃଷ୍ଣ, ସୃଷ୍ଟି, ସ୍ଥିତି, ଲୟର ଏକମାତ୍ର କର୍ତ୍ତା ରୂପେ ଜଗନ୍ନାଥଙ୍କର ଅନନ୍ୟତାକୁ ସ୍ୱୀକାର କରି ନିଜ ସୃଷ୍ଟିରେ ତାଙ୍କର ସେଇ ଭାବମୂର୍ତ୍ତିକୁ ସ୍ପଷ୍ଟ କରିଛନ୍ତି।

ବାଲୁଗାଁର ଭକ୍ତ ଦାସିଆଙ୍କ ଘଟଣା ହେଉଛି ଖ୍ରୀଷ୍ଟ ୧୬୨୫ ସମୟର। ତାଙ୍କ ପ୍ରଦତ୍ତ ନଡ଼ିଆ ଅଦୃଶ୍ୟ ଭାବରେ ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଗ୍ରହଣ କରିବା କାଳ କାଳ ପାଇଁ ଭକ୍ତ ଓ ଭଗବାନ ସମ୍ପର୍କରେ ଏକ ଭାବପୂର୍ଣ୍ଣ ଉଦାହରଣ ହୋଇ ରହିଗଲା। 'ଆଗତ ଭବିଷ୍ୟତ ମାଳିକା' ଓ 'ଭକ୍ତ ମାଳିକା' ସୃଷ୍ଟି କରିଥିବା ମହାପ୍ରଭୁଙ୍କ ଅନନ୍ୟ ଭକ୍ତ ହେଉଛନ୍ତି ଭକ୍ତ ଦାସିଆ ବାଉରୀ। 'ଆଗତ ଭବିଷ୍ୟତ' ଗ୍ରନ୍ଥର ମଙ୍ଗଳା ଚରଣରେ ଶ୍ରୀଜଗନ୍ନାଥଙ୍କୁ ଶ୍ରୀୟା ଦେବୀବର, ଶ୍ରୀଧର, କମଳା ମନୋହାରୀ ଶଙ୍ଖଚକ୍ର ପଦ୍ମଧାରୀ ପ୍ରଭୃତି ରୂପରେ କବି ବନ୍ଦନା କରି ତାଙ୍କର ଚରଣ କମଳରେ ଶରଣ ଭିକ୍ଷା କରିଛନ୍ତି। ଜଗନ୍ନାଥ ତତ୍ତ୍ୱ ସମ୍ପର୍କରେ 'ରସିକ ହରାବଳୀ' ସୃଷ୍ଟି କରିଥିବା କବି ହେଉଛନ୍ତି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ। ତାଙ୍କର ଅନ୍ୟତମ ସୃଷ୍ଟି ହେଉଛି 'କଳାକଉତୁକ' ଓ 'ଛାନ୍ଦ ଭୂଷଣ' ଯେଉଁଥିରେ ଜଗନ୍ନାଥ ଓ କୃଷ୍ଣଙ୍କ ମଧ୍ୟରେ କବି ଅଭେଦ କଳ୍ପନା କରିଛନ୍ତି। 'ଲାବଣ୍ୟବତୀ', 'ବୈଦେହୀ ବିଳାସ', 'ପ୍ରେମସୁଧାନିଧି', 'ରସଲେଖା', 'କଳାକଉତୁକ' ଓ 'ନୀଳାଦ୍ରିଶ ଚଉତିଶା' ପ୍ରଭୃତି କାବ୍ୟ ଗ୍ରନ୍ଥରେ କବି ଜଗନ୍ନାଥଙ୍କର ବନ୍ଦନା କରିବା ସଙ୍ଗେ ସଙ୍ଗେ ରାମ ଓ କୃଷ୍ଣଙ୍କୁ ଲୀଳା ଅବତାର ଭାବରେ ବର୍ଣ୍ଣନା କରି ନିଜ ଭକ୍ତି ଅର୍ପଣ କରିଛନ୍ତି। ଅଷ୍ଟାଦଶ ଶତାବ୍ଦୀର କବିଙ୍କ ସମ୍ପର୍କରେ ଯାହା ତଥ୍ୟ ମିଳେ ତାଙ୍କ ଘଟଣା ହେଉଛି ୧୭୩୮ ସମୟର। 'ଗଜ ଉଦ୍ଧାରଣ', 'ଦ୍ରୌପଦୀ ଲଜ୍ଜା ନିବାରଣ', 'ବାଳୀବଧ' ଓ 'ଅଜାମିଳ ଉଦ୍ଧାର' ପରି ଭକ୍ତି ନୈବେଦ୍ୟପୂର୍ଣ୍ଣ ଗ୍ରନ୍ଥ ରଚନା କରିଥିବା ଓଡ଼ିଶାର ଅନନ୍ୟ ପ୍ରମୁଖ କବି ହେଉଛନ୍ତି କବି ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା।

୧୭୫୭-୧୮୦୬ ସମୟର କଥା। ସେହି ସମୟରେ ଓଡ଼ିଶାରେ ଭକ୍ତକବି ଭାବେ ଅନେକ କାଳଜୟୀ ସୃଷ୍ଟି କରିଛନ୍ତି ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର। ତାଙ୍କର ଉଲ୍ଲେଖନୀୟ କାବ୍ୟ ହେଉଛି 'ବିଦଗ୍ଧ ଚିନ୍ତାମଣି'। ଯେଉଁଥିରେ ରାଧାକୃଷ୍ଣଙ୍କ ମାନଭଞ୍ଜନ ଲୀଳା ବର୍ଣ୍ଣନା କରିବା ପ୍ରସଙ୍ଗରେ ଜଗନ୍ନାଥଙ୍କ ରଥଯାତ୍ରାବେଳେ ଗୁଣ୍ଡିଚା ବାଡ଼ିରେ ଥିବା ରଥକୁ ହେରାପଞ୍ଚମୀ ଦିନ ଯାଇ ଲକ୍ଷ୍ମୀଦେବୀ ରଥରୁ ଖଣ୍ଡେ ଭାଙ୍ଗି ଆଣିବା କାର୍ଯ୍ୟକୁ ଉପମା ଦେଇ ଏଠାରେ ପ୍ରକାଶ କରିଛନ୍ତି। ୧୭୭୨ ଖ୍ରୀଷ୍ଟାବ୍ଦର କବି ହେଉଛନ୍ତି ଭକ୍ତକବି ହାଡ଼ି ଦାସ। ତାଙ୍କର ଉଲ୍ଲେଖନୀୟ ଗ୍ରନ୍ଥ ହେଉଛି 'ଶଙ୍ଖନାଭି'। ଏହି ଗ୍ରନ୍ଥରେ ଏକୋଇଶିଟି ଅଧ୍ୟାୟ ରହିଛି ଯେଉଁଥିରେ ରାଜା ଇନ୍ଦ୍ରଦ୍ୟୁମ୍ନ ଓ ବ୍ରହ୍ମାଙ୍କ ପ୍ରଶ୍ନୋତ୍ତର ମାଧ୍ୟମରେ ଶ୍ରୀକ୍ଷେତ୍ରର ଗୌରବ ଓ ଜଗନ୍ନାଥଙ୍କ ବିଭେଦ ତତ୍ତ୍ୱ ବର୍ଣ୍ଣିତ ହୋଇଛି। ତାଙ୍କର ଅନ୍ୟତମ ସୃଷ୍ଟି ହେଉଛି 'କ୍ଷେତ୍ର ମାହାତ୍ମ୍ୟ', 'ନୀଳମାଧବ ଗୀତା', 'ଶଙ୍ଖନାଭି ଭୈଇରବ ସ୍ତୁତି', 'ଅନନ୍ତଗୋଇ' ପ୍ରମୁଖ। ସେ ତାଙ୍କ ଶେଷ ଜୀବନ ଜଗନ୍ନାଥଙ୍କ ସ୍ତୁତି କରି ପୁରୁଷୋତ୍ତମ କ୍ଷେତ୍ରର ମହନୀୟତା ପ୍ରତିପାଦନ କରିବା ସଙ୍ଗେ ସଙ୍ଗେ ନୀଳାଦ୍ରି ବିହାରୀଙ୍କ ପାଦପଦ୍ମରେ ଲୟ ରଖିଛନ୍ତି। ଶ୍ରୀକ୍ଷେତ୍ରରର ବେଢ଼ାର ଦେବାଦେବୀଙ୍କ ବର୍ଣ୍ଣନ ସହ ପରଂବ୍ରହ୍ମ ଚତୁର୍ଦ୍ଧା ବିଗ୍ରହ, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କର ବର୍ଣ୍ଣନା କରି ଭକ୍ତି ଗୀତିକା 'ଚନ୍ଦ୍ରକଳା', 'ସର୍ପ ଜଣାଣ', 'ମହାବାହୁ ଜଣାଣ' ପରି କାଳଜୟୀ ସୃଷ୍ଟି କରିଥିବା କବି ହେଉଛନ୍ତି କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ। ତାଙ୍କ ରଚନାର ସ୍ୱତନ୍ତ୍ରତା ହେଉଛି ତାଙ୍କ ଲେଖନୀ କିଶୋର ଚନ୍ଦ୍ରାନନ୍ଦ ଚମ୍ପୂର 'କ୍ଷ' ଗୀତରେ ରାଧାକୃଷ୍ଣ ଲୀଳାର ଉପସଂହାର ହୋଇଛି। ୧୮୫୭ ଖ୍ରୀଷ୍ଟାବ୍ଦର ସିପାହୀ ବିଦ୍ରୋହରେ ଭାଗ ନେଇଥିବା ପୁରୀର ଚାଖି ଖୁଣ୍ଟିଆ ବା ଚନ୍ଦନ ହଜୁରୀଙ୍କ ଜନପ୍ରିୟ ଜଣାଣ ଶ୍ରୋତାମାନଙ୍କୁ ଆଲୋଡ଼ିତ କରିଥିଲେ। ତାଙ୍କ ପ୍ରମୁଖ ରଚନା ଗୁଡ଼ିକ ହେଉଛି ଯାହା ଅନେକଙ୍କ ପାଇଁ ତାଙ୍କ ଅନ୍ୟତମ ନାମ ଚନ୍ଦନ ହଜୁରୀଙ୍କ ରଚନା ଭାବେ ପ୍ରସିଦ୍ଧ ସେଗୁଡ଼ିକ ହେଉଛି 'କରୀ' ଓ 'ହରିଣୀର ଜୀବନ ରକ୍ଷକ', 'ସୁଦାମା ଦରିଦ୍ର ନାଶକ', 'ପାପୀ ଅଜାମିଳର ମୁକ୍ତିପ୍ରଦାତା' ପ୍ରମୁଖ। ଯେଉଁଥିରେ ସେ ସ୍ୱୟଂ ନିଜର ମୁକ୍ତି ପାଇଁ ପ୍ରାର୍ଥନା ଘେନା କରିଛନ୍ତି।

ଉତ୍କଳମଣି ଗୋପବନ୍ଧୁଙ୍କ ସମୟ ହେଉଛି ଖ୍ରୀ: ୧୮୭୭-୧୯୨୮ ବେଳର। ସେ ମହାପ୍ରଭୁ ଜଗନ୍ନାଥ ଆଉ ନୀଳାଚଳଧାମ ସମ୍ପର୍କରେ ଲେଖନୀ ଚାଳନା କରି ଉଲ୍ଲେଖ କରିଥିଲେ - 'ଜଗତର ସରସୀ ଭିତରେ ଭାରତ କମଳ ମଧ୍ୟରେ କେଶର ହେଉଛି ପୁଣ୍ୟ ନୀଳାଚଳଧାମ'। ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସେହି ନୀଳାଚଳଧାମରେ ସାମ୍ୟ ମୈତ୍ରୀ ମନ୍ତ୍ରର ଉଚ୍ଚାରଣ ସ୍ଥାନର ଗୌରବକୁ ବୃଦ୍ଧି କରେ। ରସିକ କବି ବୈଷ୍ଣବ ପାଣିଙ୍କ ସମୟ ହେଉଛି ଖ୍ରୀ: ୧୮୮୨-୧୯୫୬ ବେଳର। ତାଙ୍କର ଏକ ଲାଳିତ୍ୟପୂର୍ଣ୍ଣ ଲେଖାର ଧାଡ଼ିଟି ହେଉଛି - 'ବଡ଼ ଦେଉଳର ବଡ଼ ଗୋସାଇଁ ଯେଉଁଠୁ ମାଡ଼ ଖାଆନ୍ତି ସେହିମାନଙ୍କୁ ବର ଦିଅନ୍ତି'। କେବଳ ସେତିକି ନୁହେଁ ମହାପ୍ରଭୁଙ୍କୁ ପୁଣି ହାତୀ ମୁଖ ଓ ଜାତିଗୋତ୍ର ହୀନ ବୋଲି କହି ମୃଦୁ ଭର୍ତ୍ସନା କରିଛନ୍ତି। କବିଚନ୍ଦ୍ର କାଳୀ ଚରଣ ପଟ୍ଟନାୟକଙ୍କ ସମୟ ହେଉଛି ୧୮୯୮-୧୯୭୮ ବେଳର। ସେ ଅତି ଲାଳିତ୍ୟପୂର୍ଣ୍ଣ ଭାବରେ ମହାପ୍ରଭୁଙ୍କ ଉପରେ ଦରଦୀ ହୃଦୟରେ ଅଭିମାନ କଣ୍ଠରେ ଅଳି କରିଛନ୍ତି 'ତାଙ୍କ ପାଇଁ ସେହି କରୁଣାର ସିନ୍ଧୁ ଶୁଖି ଯାଉଛି କିନ୍ତୁ ପତିତପାବନ ବାନା ଉଡାଇ ନନ୍ଦିଘୋଷ ରଥରେ ବିଜେ ହୋଇ ଜଗବନ୍ଧୁ ଜନସମୁଦ୍ରରୁ ଜନ ମନର ଦୁଃଖକୁ ଦୂର କରୁଛନ୍ତି'। (କ୍ରମଶଃ)

ପୂର୍ବତନ ଡିଏଫଓ, ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ମୋ : ୯୪୩୭୨୫୬୧୨୩

# ସେବା ଏବଂ ଟଙ୍କା କାହାକୁ ପ୍ରାଧାନ୍ୟ ଦେବେ ଡାକ୍ତର ବାବୁମାନେ ?



ସୁବ୍ରତ କର

ଏଇଟା ନିଶ୍ଚିତ ଯେଉଁ ପିଲାଟି ଭବିଷ୍ୟତରେ ଗୋଟାଏ ଡାକ୍ତର ହୋଇ ବହାରିବ ସେ ଅତି ପରିଶ୍ରମି ହେବା ଦରକାର କାରଣ ଗୋଟାଏ ଡାକ୍ତରୀ ସିଟ ମିଳିବା ଏକ କାଠିକର ପାଠ ଏବଂ ଈଶ୍ୱରଙ୍କ ଆଶୀର୍ବାଦ ଏହା ପାଇ ନିହାତି ଆବଶ୍ୟକ ପଡ଼ିଥାଏ । ଏଇଥି ପାଁଇ ହୁଏତ ଡାକ୍ତରବାବୁ ମାନଙ୍କୁ ଈଶ୍ୱରଙ୍କ ପ୍ରତିନିଧି ହିସାବରେ ଗଣା ହୋଇଥାଏ । ଏବେ ମା, ବାପା ମାନଙ୍କର ପ୍ରଥମ ଇଚ୍ଛା ପୁଅ ହେଉ ଝିଅ ହେଉ ଏହାକୁ ଡାକ୍ତରୀ ପାଠ ପଢ଼ାଇବା ପାଇଁ ମୂଳରୁ ଚେଷ୍ଟା ଜାରି ରଖନ୍ତି । ମୂଳ କାରଣ ହେଲା ଆମ ସମାଜରେ ଡାକ୍ତରଙ୍କ ଚାହିଦା ସବୁଠୁ ଅଧିକା । ସେ ପିଲାଟି ଯଦି ଭଲ ଡାକ୍ତର ହୋଇ ବାହାରି ପାରିଲା ସେ ସମାଜର ଏବଂ ମା, ବାପାଙ୍କର ଗର୍ବ । ଏହା ପାଇଁ ସରକାରଙ୍କ ଅବଦାନ ମଧ କିଛି କମ୍ ନୁହଁ କାରଣ ଯେଉଁମାନେ ସରକାରୀ ମେଡିକାଲ କଲେଜରେ ପଢ଼ନ୍ତି ଖୁବ୍ ଅଳ୍ପ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ ଏବଂ ସରକାରଙ୍କ ତରଫରୁ ସୁବ ପ୍ରକାରର ସୁବିଧା ସୁଯୋଗ ଯୋଗାଇ ଦିଆ ହୋଇଥାଏ । ଏହି ସରକାରଙ୍କ ଅବଦାନ ଆସୁଛି ଜନ ସାଧାରଣଙ୍କ ନିକଟରୁ । ସେହି ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଯେଉଁ ପିଲାଟି ପାଠ ପଢ଼ି ଡାକ୍ତର ହୋଇ ବାହାରିଲା ତାର ମଧ୍ୟ ଭୁଲିବା କଥା ନୁହଁ ଯେ ଭଲ ଭାବରେ ଜନସାଧାରଣ ଏବଂ ସମାଜ ପାଖରେ ଉତ୍ତରଦାୟୀ ହୋଇରହିବା । ଏହି ଦୃଷ୍ଟି କୋଣରୁ ଦେଖିଲେ ଡାକ୍ତରବାବୁମା, ନେ ଆଗରେ ଜନସେବା କରିବା ଉଚିତ ପରେ ଟଙ୍କା । ଟଙ୍କା ତ ସରକାର ଯଥେଷ୍ଟ ଦେଉଛନ୍ତି ଏବଂ ଅନ୍ୟ ସରକାରୀ ବାବୁ ମାନଙ୍କ ତୁଳନାରେ ଡାକ୍ତର ବାବୁମାନେ ସେମାନଙ୍କ ଜୀବନ କାଳରେ ପ୍ରଚୁର ଟଙ୍କା ରୋଜଗାର କରିଥାଆନ୍ତି ଏବଂ ସବୁଠୁ ବନ କଥା ହେଲା କଲେଜରୁ ପାସ୍ କରି ବାହାରିବା ମାତ୍ରେ ସରକାରୀ ଚାକିରୀଟି ଥୁଆ । ଚାକିରୀରେ ପଶିବା ପୂର୍ବରୁ ସେମାନେ ଶପଥ ପାଠ କରି ଥାଆନ୍ତି ଆଗେ ଲୋକଙ୍କ ସେବା କରିବା ପରେ ଅନ୍ୟ କିଛି। କିନ୍ତୁ ଏବେ ସବୁକୁ ଅଣଦେଖା କରି ଟଙ୍କାକୁ ଆଗ ଏବଂ ଏହା ପରେ ଅନ୍ୟାନ୍ୟ ସୁବିଧା। ସରକାରଙ୍କ ଗେହ୍ଲାପୁଅ ହେଉଛନ୍ତି ଡାକ୍ତରୀ ବାବୁମାନେ କିନ୍ତୁ ଏହା ମାନେ ନୁହେଁ ଯେ ସବୁ ଡାକ୍ତର ମିଶି ଏକାଠି ହୋଇ ଏସୋସିଏସନ କରି ସରକାରଙ୍କୁ ଧମକ୍ ଦେବା ଏବଂ ସାଧାରଣ ଜନତାଙ୍କୁ ହଇରାଣ ହରକତ୍ କରିବା । ଗତ ଚାରିଦିନ ହେଲା ଆମ ରାଜ୍ୟରେ ସମସ୍ତ ଡାକ୍ତର ସରକାରଙ୍କ ପାଖରେ ନିଜର ଦାବି ରଖି ଏବଂ ଦାବିକୁ ହାସଲ କରିବା ପାଇଁ ଗତ ଚାରିଦିନ ହେବ କାର୍ଯ୍ୟରୁ ଅବ୍ୟାହୃତି ଦେଇଛନ୍ତି । ରୋଗୀମାନେ ଏତେ ହଇରାଣ ହେଉଛନ୍ତି କହିବାର ନାହିଁ। ଡାକ୍ତରବାବୁ ମାନଙ୍କୁ ଅନୁରୋଧ ରହିବ ଈଶ୍ୱର ସେମାନଙ୍କୁ ଶ୍ରେଷ୍ଠ ମାନଙ୍କ ହିସାବରେ ଗଢ଼ିଛନ୍ତି ଏବଂ ସେମାନଙ୍କ ମୂଳ କାରଣ ଗରିବ ଜନସାଧାରଣଙ୍କୁ ଠିକ୍ ସମୟରେ ସେବା ଯୋଗାଇବା । ଏହାକୁ ଠିକ୍ ଭାବରେ ନକରି ଜନସାଧାରଣଙ୍କୁ ଧମକ୍ ଦେବା ମାନେ ଜଗନ୍ନାଥଙ୍କୁ ଧମକ୍ ଦେବା । ଦୟାକରି ସେମାନେ ଯଥାଶୀଘ୍ର କାର୍ଯ୍ୟରେ ଯୋଗ ଦେଇ ଲୋକଙ୍କୁ ସେବା ଦିଅନ୍ତୁ । ଏବେ ଏବେ ଖବର ଡାକ୍ତର ବାବୁମାନେ କାର୍ଯ୍ୟରେ ଯୋଗଦେବେ । ଧନ୍ୟବାଦ




## ଚାପ

ସୁଜିତ କୁମାର ମିଶ୍ର



ଫୁଟିବାକୁ ଦିଅ ଫୁଲକୁ
ତା ଅଗଣାରେ
ନିଅଣ୍ଟିଆ ପଡୁ ପୃଥିବୀର ଦେହ
ତା ବାସ୍ନାରେ ।
ସେ ବି ଉଡିବାର ଇଛାଟିଏ
ସେ ବି ସ୍ୱପ୍ନ ଭରା ନିଛାଟିଆ ମନ
ଝୁରେ ସେ ଜହ୍ନରାତିକୁ
ଠୁଳେଇ ତା ଅବୁଝାପଣ ।
ବାତାୟନ ଦେଇ ପବନ ଆସେ
ପୁଣି ଚାଲି ଯାଏ
ବନ୍ଦୀ ଜୀବନକୁ ବଇନା ଦେଇ,
ଆକଟର ନାଗଫାଶରେ
ଛନ୍ଦି ହୋଇ
ବାରମ୍ବାର ଦ୍ରୋହ ରଚୁଥାଏ
ସୁକୁମାରୀ ନଈ,
ନିରାଶାର ତାତି ଭିତରେ
ଅଦୃଶ୍ୟ ହେଉଥାଏ
ଆଶାର ବରଗଛ ଛାଇ ।
ତାର ଅଛି ଆଖି
ସେ ସାଉଁଟେ ଲୁହ
ତାର ଅଛି କୋମଳ ଛାତି
ସେ କଠୋର ଅମାରାତି,
ତା ଗୁଣୁଗୁଣୁ ଶବ୍ଦର ମିଠା ଗୁଞ୍ଜନକୁ
ବଡଲୋକେ ଔଦ୍ଧତ୍ୟ କହନ୍ତି ।
ସେ ବି ଜଳୁଥିବା ଦୀପ
ଆଲୋକିତ କରିବାର ଦୁର୍ବାର ତପ
ଲୁଣ୍ଠିତ ଛୁଆଁରେ କିଆଁ
ଏଠି ତପସ୍ୱିନୀ
ଜଞ୍ଜାଳଗ୍ରସ୍ତ ଜୀବନ ଯାକ ।
ପ୍ରେମ ଖୋଜିଛି ସେ
ଉଡି ପ୍ରାଣରୁ ପ୍ରାଣ,
ଲୁହ ପୋଖରୀକୁ ଠେଲି ହୋଇ
ସେ ପାଲଟିଛି ତୀବ୍ର ଦହନ,
ପଚାରନା ତାକୁ ତା
ଭୂଇଁରେ ଲୋଟି ଯିବାର କାରଣ ।
ପ୍ରତିଶ୍ରୁତିର ଚିତ୍କାର କେଉଁ କାମ ଯେ
ଯେବେ ସାଜସଜ୍ଜାର ମଣିଷଟିଏ
ଶବ ପାଲଟେ
ସଭିଙ୍କୁ ପ୍ରଶ୍ନ ପଚାରି ?
ସେ କର୍ମର ମନ୍ଦିର
ତୁମେ ତାକୁ ହତ୍ୟା କରୁଥିବା
ତୀକ୍ଷ୍ଣ ତରବାରୀ ।
ପାଦରେ ବେଡି ବାନ୍ଧି
ଚାଲି ହୁଏ କି ବନ୍ଧୁ
ଯୋଡି ଦିଅ ସେ କାନ୍ଧରେ
ପ୍ରେରଣାର ଦୁଇ ପର
ସେ ଚାଲିବ ଅଥକ ବୀରଙ୍ଗାନା ପରି
ନିରନ୍ତର ।
ଆଉ ଲଦି ଦିଅନି ତା ଉପରେ
ପେଲିକ୍ଲିର ଖଣ୍ଡା
ସେ ବି ଶକ୍ତିମୟୀ ଅଭିଳାଷର
ଝରଟିଏ
ଗାଇବାକୁ ଜୀବନର ଗୀତ
ସେ ତପୋରତା ଆଜି ଯାଏ ।
ତୁମେ ସାମର୍ଥ୍ୟରେ
ସେ ପରା
ନବନିର୍ମାଣର ଶ୍ରାବଣ ଧାରା ।

+ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ: ୭୬୮୩୮୬୭୭୪୨

## କଲମର ଆହ୍ୱାନ

ଅରସ୍ମିତା ବେହେରା

ହେ ମୋହର ଚିରଦିନର ବିପ୍ଳବୀ କଲମ
କବିର କବିତ୍ୱ ପ୍ରକାଶର ଅଟୁ ମାଧ୍ୟମ
ତୋହରି ମୂନରୁ ହୋଇଥାଏ
ବିଦ୍ରୋହର ବାତ୍ୟା
କେତେବେଳେ ଆସିଥାଏ
ଶାନ୍ତିର ବାରତା।
ଆଜି କାହିଁ ନିରବ
ହେ ମୋର କଲମ
ଆଜି କାହିଁ ନିରବ !

ଆହ୍ୱାନେ କଟିଗଲା ହାଟ କଟିଲା ମସ୍ତକ
ତଥାପି ଅଟକିଲାନି ତୋ ଆହ୍ୱାନର ଡାକ
ବିପ୍ଳବ ଅଗ୍ନିରେ ଲିଭିଲା
ଯଶ ଓ କୀର୍ତ୍ତିର ମାନ
ଆଜି କାହିଁ ନିରବ
ହେ ମୋର କଲମ
ଆଜି କାହିଁ ନିରବ !

ଭିନ୍ନ ଯୋଜନାରୁ
ଧନୀକ ହେଲେ ଉପକାରୀ
ଧନର ପ୍ରଭାବେ
ହୋଇଗଲେ ଅହଙ୍କାରୀ
ଚାଷୀ ହୋଇଗଲାଣି ଋଣୀ
ଉପାୟ ନପାଇ ଜୀବନ ହାରିଲେଣି
ଆଜି କାହିଁ ନିରବ
ହେ ମୋର କଲମ
ଆଜି କାହିଁ ନିରବ !

ତୁ ଯେବେ ସୁପ୍ତ ରହୁ
ବଢ଼େ ଅତ୍ୟାଚାର
ନିରିହ ମଣିଷ ହୁଏ
ଶୋଷଣର ଶିକାର
ତୁ ଚେଇଁଲେ ହେବ ଦିନେ
ଶୋଷଣର ଅନ୍ତ
ଆଜି କାହିଁ ପଡ଼ିରହୁଛି ଏକାନ୍ତ।
ଆଜି କାହିଁ ନିରବ
ହେ ମୋର କଲମ
ଆଜି କାହିଁ ନିରବ !

ହେ ମୋର କଲମ
ଯେବେ ହେବୁରେ ଜାଗ୍ରତ
ଶୋଷଣ ଓ ଅତ୍ୟାଚାର ନିଶ୍ଚେ ହେବ ଅନ୍ତ
ଅସୀ ଠାରୁ ମସୀ ବଡ଼ ହେବ ପ୍ରମାଣିତ
ଚିର ଉନ୍ମୁକ୍ତ ହୋଇବ
ଆଲୋକର ପଥ
ହେ ମୋର କଲମ
ଏବେ ହୁଅ ଜାଗ୍ରତ।

+ କସିପଦା, ରୂପସା, ବାଲେଶ୍ୱର

# ଦୂର ପାହାଡ଼

ବିଷ୍ଣୁ ପ୍ରସାଦ ଦାସ





ଆସାମ ପ୍ରଦେଶର ଏକ ଛୋଟ ସହର, ନିମ୍ନ ମଧ୍ୟବିତ୍ତ ପରିବାରର ଗୃହବଧୂ ଜୟା ଦାସ ମୋର ଗଳ୍ପର ନାୟିକା। ପ୍ରାୟ ପାଞ୍ଚ ବର୍ଷ ତଳୁ ଜୟା ସହିତ ମୋର ପରିଚୟ ହୋଇଥିଲା। ଜୟା ଖୁବ୍ ଭଦ୍ର ତଥା ମାର୍ଜିତ ମହିଳା , ମାପି ଚୁପି କଥାବାର୍ତ୍ତା କରେ । ବୟସରେ ସେ ମୋଠାରୁ ଅନେକ ଛୋଟ ହୋଇଥିଲେ ମଧ୍ୟ ଆମ ବନ୍ଧୁତାରେ କୌଣସି ପ୍ରଭାବ ପଡୁନଥିଲା । ତେବେ ଗୋଟିଏ ମଜା କଥା ହେଉଛି ଯେ, ଜୟା ସହିତ ଆଜି ପର୍ଯ୍ୟନ୍ତ ମୋର ସାମ୍ନା ସାମନି ଦେଖାହୋଇନାହିଁ। ଆମର ବନ୍ଧୁତା ଫେସ୍‌ବୁକ୍ ଏବଂ ୱାଟ୍ସଆପ୍ ମାଧ୍ୟମରେ ଅଦ୍ୟାବଧି ତିଷ୍ଠି ରହିଛି । ଦୁଇ ତିନି ମାସରେ କଦବା କୋଚିତ୍ ଫୋନ୍ ଯୋଗେ ଦୁଇ ଚାରିପଦ ସାମାନ୍ୟ କଥା ବାର୍ତ୍ତାରେ ସୀମିତ ରହି ଯାଇଛି ଆମର ବନ୍ଧୁତା। ଜୟାର ପରିବାର କହିଲେ ତା'ର ସ୍ୱାମୀ ଗୋବିନ୍ଦ ଦାସ ଏବଂ ସ୍କୁଲ ରେ ପଢୁଥିବା ଝିଅ ଶ୍ରାବଣୀ। ସ୍ୱାମୀ ଛୋଟ କାଟର ବ୍ୟବସାୟ କରୁଛନ୍ତି, ବର୍ତ୍ତମାନ ଜୟା ଏକ ନର୍ସିଙ୍ଗ ହୋମରେ ଫ୍ରଣ୍ଟ ଅଫିସ୍ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟରତ । ଖୁବ୍ ସୁନ୍ଦର ସୁଖୀ ପରିବାର କହିଲେ ଚଳିବ। ଜୟାର ସ୍ୱାମୀ ଗୋବିନ୍ଦ ବାବୁ ଜଣେ ଅମାୟିକ ଭଦ୍ରଲୋକ । ତାଙ୍କ ସହିତ ମଧ୍ୟ ଥରେ ଦୁଇଥର ଫୋନ୍ ଯୋଗେ କଥା ହୋଇଛି। କଥାବାର୍ତ୍ତାରୁ ମନେହୁଏ ସେ ଜଣେ ନିର୍ମାୟା ସାଧାରଣ ଲୋକ ।

ପ୍ରାୟ ତିନି ବର୍ଷ ତଳର କଥା ମନେ ପଡ଼ିଯାଏ । ମୁଁ ସେତେବେଳେ କିଛି ଦିନ ପାଇଁ ବେଙ୍ଗାଲୁରୁ ଯାଇଥାଏ। ପ୍ରତିଦିନ ସକାଳୁ ପ୍ରାୟ ଦୁଇଶହ ବନ୍ଧୁଙ୍କ ପାଖକୁ ଶୁଭ ସକାଳର ସୁଭେଚ୍ଛା ପଠାଇବା ମୋର ଅନେକ ଦିନର ଅଭ୍ୟାସ । ଜୟା ମଧ୍ୟ ସେଥିରୁ ବାଦ୍ ଯାଏ ନାହିଁ। ହଠାତ୍ ଦିନେ ଜୟାର ଫୋନ୍ ପାଇଲି। ଫୋନ୍ ଉଠାଇ ଜୟା ସହିତ କିଛି କଥା ହୋଇଥିଲି । ତାହା ସମ୍ପୂର୍ଣ୍ଣ ଗୋପନୀୟ ନିଜସ୍ୱ କଥା ଥିଲା । କଥାର ଗୁରୁତ୍ୱ ଉପଲବ୍ଧି କରି ତାକୁ କିଛି ସମୟ ପରେ ପୁନଶ୍ଚ ଫୋନ୍ କରିବାକୁ କହିଥିଲି। ଫ୍ଲାଟରୁ ଓଲହାଇ ଗାର୍ଡେନର ଏକ ନିର୍ଜନ ସ୍ଥାନକୁ ଚାଲିଆସି ଜୟାକୁ ମିସ୍ କଲ ଦେଇଥିଲି । ଜୟା ଫୋନ୍ କଲା ଏବଂ କାନ୍ଦୁଥିଲା । ମୁଁ କିଛି ବିଷୟ ବୁଝି ପାରିଲି ନାହିଁ । ତାକୁ ଆଶ୍ୱାସନା ଦେଇ ସଂପୂର୍ଣ୍ଣ କଥାଟି କହିବାକୁ ଅନୁରୋଧ କରିଥିଲି। ଜୟା ଟିକେ ପ୍ରକୃତିସ୍ଥ ହୋଇ କହିଲା ...ଦାଦା ମୋର ଗୋଟିଏ କଥା ରଖିବ ଯଦି କୁହ ? କଥା କ'ଣ ନ' ଜାଣି ନଶୁଣି କେମିତି ରଖିବାର ପ୍ରତିଶୃତି ଦେବି ଭାବି ପାରୁନଥିଲି ।

ଇଣ୍ଟରନେଟ୍ ଯୁଗରେ ଅନେକ ନିଜ ସ୍ୱାର୍ଥ ପାଇଁ କୌଣସି ନା କୌଣସି ବାହାନା ଦେଖାଇ ଟଙ୍କା ଚାହାନ୍ତି, ଉପହାର ଚାହାନ୍ତି ବା କିଛି ନ'ହେଲେ ତାଙ୍କ ମୋବାଇଲ ଚାର୍ଜ କରିବାକୁ ଅନୁରୋଧ କରନ୍ତି । ନିଜ ଅଭିଜ୍ଞତାକୁ ନେଇ ଟିକେ ନିରବ ରହିଲି । ଜୟା ବାରମ୍ବାର ତା' କଥା ଉପରେ ଜୋର ଦେଇ ମୋତେ ଅନୁରୋଧ କରି ଚାଲିଥିଲା । ଅଗତ୍ୟା ଦ୍ୱନ୍ଦ ଭିତରେ ମୁଁ ଚେଷ୍ଟା କରିବି ବୋଲି ତାକୁ ଆଶ୍ୱାସନା ଦେଇଥିଲି ।

ଜୟା କହି ଚାଲିଲା ... ଦାଦା ମୁଁ ଜଣେ ଭଦ୍ର ଲୋକଙ୍କ ପ୍ରେମରେ ପଡି ଯାଇଛି। ବର୍ତ୍ତମାନ୍ ସେ ମୋତେ କୌଣସି କାରଣରୁ ତାଙ୍କ ଜୀବନରୁ ଦୂରେଇ ଦେବାକୁ ଚେଷ୍ଟା କରୁଛନ୍ତି । ଦାଦା ତୁମେ ଚାହିଁଲେ ମୁଁ ମୋର ପୁରୁଷ ବନ୍ଧୁଙ୍କୁ ଫେରି ପାଇବି, ଅନ୍ୟଥା ମୋ ଜୀବନ ଦୁର୍ବିସହ ହୋଇଯିବ । କଥାଟା ଶୁଣି ମୁଁ କିଛି ବୁଝିପାରି ନଥିଲି । ଜୟା ଚରିତ୍ରକୁ ନେଇ ଅନେକ ପ୍ରଶ୍ନ ମୋ ମନରେ ଜାଗ୍ରତ ହେଉଥିଲା, ଗୋଟିଏ ସୁଖୀ ପରିବାରର ଗୃହ ବଧୂ କ'ଣ କହି ଯାଉଛି ? ହୁଏତ ସେ ନିଜେ ବୁଝି ପାରୁନାହିଁ ବା ମୁଁ ମୋ କାନକୁ ବିଶ୍ୱାସ କରି ପାରୁନାହିଁ ବୋଲି ମନେ ହେଲା। ମୁଁ ଜୟାକୁ ସମ୍ପୂର୍ଣ୍ଣ ବିଷୟଟି ଖୋଲି କହିବାକୁ ଅନୁରୋଧ କରିଥିଲି । ଅନ୍ୟଥା ମୁଁ କୌଣସି ପ୍ରକାର ସହାୟତା କରି ପାରିବି ନାହିଁ ବୋଲି ଜଣାଇ ଦେଇଥିଲି । ପ୍ରାୟ ଏକ ଘଣ୍ଟା ଧରି ଜୟା ଫୋନ୍ ଯୋଗେ ନିଜର ମନର ଗୋପନ କଥା, ହୃଦୟର ବ୍ୟଥା ତଥା ଭବିଷ୍ୟତର କାର୍ଯ୍ୟପନ୍ଥାକୁ ନେଇ ଅତି ମାତ୍ରାରେ ବିଚଳିତ ହୋଇ ଯାଇଥିଲା। ଜୟା ଯାହା କହିଥିଲା ତା'ର ମର୍ମ ଏପରି ଥିଲା .... ଜୟାର ଝିଅ ଶ୍ରାବଣୀ ଯେଉଁ ସ୍କୁଲରେ ପଢେ ସେହି ସ୍କୁଲରେ ପ୍ରିୟଙ୍କା ମଧ୍ୟ ପଢେ। ପ୍ରିୟଙ୍କା ଏବଂ ଶ୍ରାବଣୀ ଖୁବ୍ ଭଲ ବନ୍ଧୁ । ଦୁହେଁ ଦୁହିଁଙ୍କୁ ଛାଡି ରହି ପାରନ୍ତି ନାହିଁ । ପ୍ରିୟଙ୍କାର ମା' ଅନେକ ଦିନ ହେଲା ଏ ଦୁନିଆରେ ନାହାନ୍ତି । ତେଣୁ ଜୟାର ସ୍ନେହ ମମତା ପ୍ରୀୟଙ୍କାକୁ ଏକ ବନ୍ଧନରେ ବାନ୍ଧି ରଖିପାରିଛି। ପଡୋଶୀ ଭାବେ ଦୁଇ ବନ୍ଧୁ ପରସ୍ପର ଘରେ ସମୟ କାଟନ୍ତି। ଜୟା ମଧ୍ୟ ଅନେକ ସମୟରେ ପ୍ରିୟଙ୍କା ଘରକୁ ଯା'ନ୍ତି । ଭଲ ସୁସ୍ୱାଦୁ ଖାଦ୍ୟ କିଛି ରନ୍ଧା ରନ୍ଧି କରି ପ୍ରୀୟଙ୍କାକୁ ଦେଇ ଆସନ୍ତି। ପ୍ରିୟଙ୍କାର ବାପା ଜଣେ ସରକାରୀ କର୍ମଚାରୀ। ନିଜ ପ୍ରାଣ ପ୍ରୀୟା ପତ୍ନୀଙ୍କୁ ହରାଇ ସଂସାର ଚଳାଇବା, ଝିଅକୁ ଦେଖିବା ତାଙ୍କ ପାଇଁ କଷ୍ଟକର ବ୍ୟାପାର ହୋଇ ଯାଏ । ଅନେକ ସମୟରେ ଝିଅକୁ ତା'ର ସାଙ୍ଗ ଶ୍ରାବଣୀ ଘରେ ଛାଡ଼ି ଦିଅନ୍ତି। ପ୍ରିୟଙ୍କା ଜରିଆରେ ଜୟନ୍ତ ଜୟା ମଧ୍ୟରେ ପରିଚୟ, ଧୀରେ ଧୀରେ ଅତ୍ମୀୟତା ଜନ୍ମାଇ ବସିଥିଲା । ସମ୍ପର୍କର ସେତୁ ଦୁଇ କୂଳକୁ ସଂଯୋଗ କରିବାକୁ ହୁଏତ ଆଉ କିଛି ଦିନ ବାକି ଥିଲା । ଜୟାର ପ୍ରିୟଙ୍କା ପ୍ରତି ସ୍ନେହ ମମତା, ଶ୍ରାବଣୀର ବନ୍ଧୁତା ଦୁଇଟି ପରିବାରକୁ ଏକ ଅଦୃଶ୍ୟ ବନ୍ଧନରେ ବାନ୍ଧିବାର ପ୍ରୟାସ କରୁଥିଲା । ସମୟ ସହିତ ତାଳ ଦେଇ ପ୍ରିୟଙ୍କାର ବାପା ଜୟନ୍ତ ମଧ୍ୟ ଜୟା ପ୍ରତି କିଛି ମାତ୍ରାରେ ଆକର୍ଷିତ ହେଲେ ।

ଜୟା ଏତେଟା ସୁନ୍ଦରୀ ନହେଲେ ମଧ୍ୟ ଆକର୍ଷଣୀୟ ଚେହେରା, ହସ ହସ ମୁହଁ ଏବଂ ସର୍ବୋପରି ତା'ର ଆଖିର ଚାହାଁଣୀରେ ଯେ କେହି ତା ଆଡକୁ ଢଳି ପଡିବେ। ନାରୀର ସୌନ୍ଦର୍ଯ୍ୟ ତା'ର ଆଖିର ଚାହାଣି ଏବଂ ଓଠର ସ୍ମିତ ହାସ୍ୟରେ ଲୁକ୍କାୟିତ ହୋଇ ଥାଏ । ଜୟା ମନେ ମନେ ଜୟନ୍ତ ବାବୁଙ୍କ ପ୍ରତି ଅଧିକରୁ ଅଧିକ ଆକର୍ଷିତ ହୋଇ ଯାଉଥିଲା। ଜୟନ୍ତ ବାବୁଙ୍କ ବଳିଷ୍ଠ ଚେହେରା, ଖୋଲା ହୃଦୟ ତଥା ପତ୍ନୀର ବିୟୋଗର ବିରହ ବେଦନାକୁ ଜୟା ତୃଣମୂଳ ସ୍ତରରୁ ଅନୁଧ୍ୟାନ କରି ଥିଲା । ମନେ ମନେ ଜୟନ୍ତ ବାବୁଙ୍କୁ ତା'ର ହୃଦୟ ଦେଇ ଦେଇଥିଲା । ଯଦିଓ ସେ ସେତେବେଳ ପର୍ଯ୍ୟନ୍ତ ଜୟନ୍ତ ବାବୁଙ୍କ ଠାରୁ କୌଣସି ଇସାରା ପାଇ ନ'ଥିଲା। ଦିନକର କଥା ଦୁଇ ଜଣଙ୍କ ଝିଅ ସ୍କୁଲ ଯାଇଥାନ୍ତି। ଜୟାର ସ୍ୱାମୀ ତାଙ୍କ ବ୍ୟବସାୟରେ ବ୍ୟସ୍ତ ଥିବା ସମୟରେ ଜୟନ୍ତ ବାବୁଙ୍କ ଫୋନ୍ ପାଇ ଜୟା ତାଙ୍କ ଘରକୁ ଯାଇଥିଲା । ଜୟନ୍ତ ବାବୁ ସେଦିନ ଅଫିସରୁ ଛୁଟି ନେଇଥିଲେ । ଜୟା ଯାଇ ଦେଖିଲା ଜୟନ୍ତ ବାବୁ ବିଛଣାରେ ସୋଇଛନ୍ତି ତାଙ୍କୁ ଭୀଷଣ ଜ୍ୱର ହୋଇଛି । ଜୟା ବିଚଳିତ ହୋଇ ଯାଇଥିଲା ପାଣି ପଟି ଜୟନ୍ତ ବାବୁଙ୍କ କପାଳରେ ଦେଇ ତାଙ୍କର ସେବା କରିଥିଲା। ଏକୁଟିଆ ଘର ଭିତରେ ଜୟାର ସେବା ଆଉ ଭଲପାଇବା ଜୟନ୍ତ ବାବୁଙ୍କୁ ତାଙ୍କ ପତ୍ନୀଙ୍କ କଥା ମନେ ପକାଇ ଦେଉଥିଲା। ଜୟନ୍ତ ବାବୁ ଜ୍ୱରର ପ୍ରକୋପରେ ବିଳବିଳେଉ ଥିଲେ, ଚକ୍ଷୁରୁ ତତଲା ଲୁହ ବୋହି ଯାଉଥିଲା। ଜୟାର ହାତକୁ ଧରି ତାଙ୍କ ପାଖରେ ରହିବାକୁ କାକୁତି ମିନତୀ ହେଉଥିଲେ।

ଜୟା ନିଜ ସ୍ୱାମୀଙ୍କୁ ସବୁକଥା କହିଥିଲା ଏବଂ ପ୍ରିୟଙ୍କା ଘରେ ରହିବାକୁ ଅନୁମତି ମାଗିଥିଲା । ମାନବିକତା ଦୃଷ୍ଟିକୋଣରୁ ତଥା ଜଣେ ଭଲ ପଡୋଶୀ ହିସାବରେ ଜୟାର ସ୍ୱାମୀ ଗୋବିନ୍ଦ ବାବୁ ଜୟାକୁ ଜୟନ୍ତ ବାବୁଙ୍କ ଶରୀର ସୁସ୍ଥ ହେବା ପର୍ଯ୍ୟନ୍ତ ତାଙ୍କ ଘରେ ରହିବାକୁ ଅନୁମତି ଦେଇ ଥିଲେ। ବିରାଟ ହୃଦୟର ଅଧିକାରୀ ଥିଲେ ଗୋବିନ୍ଦ ଦାସ, ସରଳ ଏବଂ ଅମାୟିକ ମଣିଷଟିଏ ବୋଲି ତାଙ୍କ ବସ୍ତିରେ ସେ ପରିଚିତ ଥିଲେ । ଜୟା ଦୁଇ ଦିନ ଜୟନ୍ତ ବାବୁଙ୍କ ଘରେ ରହି ତାଙ୍କର ସେବା ଶୁଶ୍ରୁଷା କଲେ । ପ୍ରିୟଙ୍କା ଏବଂ ଶ୍ରାବଣୀ ଏକାଠି ପ୍ରିୟଙ୍କାର ରୁମ୍‌ରେ ରହିଲେ । ସାରା ରାତି ଜୟା ଜୟନ୍ତ ବାବୁଙ୍କୁ ଜଗି ରହୁଥିଲେ । ଦ୍ୱିତୀୟ ଦିନ ଜ୍ୱର ଟିକେ କମି ଯାଇଥିଲା ... ସେଦିନ ରାତିରେ ଜୟାକୁ ଟିକେ ଛାଇ ନିଦ ଲାଗି ଯାଇଥିବା ସମୟରେ ଜୟନ୍ତ ବାବୁଙ୍କ ଆଲିଙ୍ଗନରେ ଜୟା ଚମକି ଉଠିଥିଲା । ... ଜୟନ୍ତ ବାବୁ, ଜୟନ୍ତ ବାବୁ ଆପଣ ଏ କ'ଣ କରୁଛନ୍ତି ? ଆପଣ ଅସୁସ୍ଥ ଯେ, ଟିକେ ବିଶ୍ରାମ ନିଅନ୍ତୁ । ଅତ୍ୟଧିକ ଭାବ ବିହ୍ୱଳ ହୋଇ ଜୟାର ହାତ ଧରି ପ୍ରେମ ଭିକ୍ଷା କରୁଥିଲେ ଜୟନ୍ତ ବାବୁ। ପାଖ ଘରେ ଶ୍ରାବଣୀ ଏବଂ ପ୍ରିୟଙ୍କା ଦୁଇ ବନ୍ଧୁ ନିଘୋଡ଼ ନିଦରେ ସୋଇ ଯାଇଥିଲେ। ସେହି ମୁହୂର୍ତ୍ତରେ ଜୟା ଜୟନ୍ତ ବାବୁଙ୍କୁ ପ୍ରତିରୋଧ କରିବାକୁ ଚେଷ୍ଟା କରି ନଥିଲା । ତା'ର ସୁପ୍ତ ମନ ଭିତରେ ମଧ୍ୟ ଜୟନ୍ତ ବାବୁଙ୍କ ପ୍ରତି ଅନେକଟା ଦୁର୍ବଳତା ଜାଗି ଉଠି ଥିଲା । ସେତେବେଳ ରାତି ଦୁଇଟା, ପ୍ରବଳ ଥଣ୍ଡା ହେଉ ଥିଲା, ଜୟନ୍ତ ବାବୁ ଏବଂ ଜୟାଙ୍କ ଦୁଇଟି ଉଷୁମ୍ ଶରୀର ଥଣ୍ଡାରୁ ରକ୍ଷା ପାଇବା ପାଇଁ ଦୃଢ଼ ଆଲିଙ୍ଗନରେ ବାନ୍ଧି ହୋଇ ଯାଇଥିଲେ। ରାତ୍ରି ପାହିବା ବେଳକୁ ଦୁହେଁ ସମସ୍ତ ଅନ୍ତରଙ୍ଗ ମୁହୂର୍ତ୍ତକୁ ଅଙ୍ଗେ ଅଙ୍ଗେ ଅନୁଭବ କରି ସାରିଥିଲେ । ଏକ ନୂତନ ଅଭିଜ୍ଞତାର ଆନନ୍ଦରେ ଏକ ଅଲଗା ଦୁନିଆରେ ଦୁହେଁ ବିଚରଣ କରୁଥିଲେ। କ୍ଷଣିକ ଭୁଲ ହେଉ ବା ମିଳନର ଆଗ୍ରହ ହେଉ ଦୁଇ ଜଣଙ୍କ ମଧ୍ୟରେ ପରକୀୟା ପ୍ରେମ ସମ୍ପର୍କର ସେତୁ ସଂଯୋଗ ହୋଇ ଯାଇଥିଲା। ଦୁହିଁଙ୍କ ଜୀବନରେ ଗୋପନ ପ୍ରେମର ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇ ଯାଇ ଥିଲା। ପ୍ରଥମେ ଲୁଚା ଛପାରେ ଚାଲିଥିବା ପ୍ରେମ ଦୈହିକ ମିଳନ ଧିରେ ଧୀରେ ନିଜ ମନର ଚାହିଦାକୁ ନେଇ ନୀତି ନିୟମର କୂଳ ଲଙ୍ଘି ଯାଇଥିଲା । ଖୁଲମ୍ ଖୁଲା ପ୍ରେମ ପଦାରେ ପଡିଲା, ତଥାପି ଜୟାର କୌଣସି ପରିବର୍ତ୍ତନ ହେଲା ନାହିଁ । ଜୟା ଜୟନ୍ତ ଦୁହେଁ ନିର୍ବିକାର ଥିଲେ ରଙ୍ଗୀନ୍ ଦୁନିଆରେ ଦୁହେଁ ବିଚରଣ କରୁଥିଲେ ।

ଥରେ ଦିନବେଳା ଜୟନ୍ତ ଏବଂ ଜୟା ଘର ଭିତରେ ପରସ୍ପର ସହିତ ପ୍ରେମାଳାପ କରୁଥିବା ସମୟରେ ଜୟାଙ୍କ ସ୍ୱାମୀ ଗୋବିନ୍ଦ ବାବୁଙ୍କ ନଜରକୁ ଆସି ଯାଇଥିଲେ। ଗୋବିନ୍ଦ ବାବୁ କିଛି ନ କହି କବାଟ ଆଉଜେଇ ଦେଇ ସେ ଚାଲି ଗଲେ । ଜୟନ୍ତ ମଧ୍ୟ ତର ତର ହୋଇ ଚାଲିଗଲେ । ସେହି ଦିନଠାରୁ ଜୟନ୍ତ ଜୟାଙ୍କ ପ୍ରେମ କାହାଣୀରେ ସାମାନ୍ୟ ରୋକ୍ ଲାଗି ଯାଇଥିଲା । ଜୟନ୍ତ ଲୋକ ଲଜ୍ୟା ହେଉ ବା ବିବେକର ତାଡ଼ନାରେ ହେଉ ଜୟାଠାରୁ ସମ୍ଭବତ ଦୂରେଇ ରହୁଥିଲେ । ଜୟାର ମନ କିନ୍ତୁ ଚାରିକାନ୍ଥ ଭିତରେ ବନ୍ଦୀ ହୋଇ ରହିବାକୁ ଚାହୁଁ ନ ଥିଲା। ପରକୀୟା ପ୍ରୀତିର ମଧୁର ସ୍ୱାଦ ଯିଏ ଥରେ ଅନୁଭବ କରିଛି ସେ ବାରମ୍ବାର ସ୍ୱାଦ ନେବାକୁ ପାଗଳ ହୋଇ ଯାଏ । କଲ୍ୟାଣୀ ଏବଂ ପ୍ରିୟଙ୍କା ଏସବୁ ବିଷୟ କିଛି ଜାଣି ନଥିଲେ। ସେମାନଙ୍କର ବନ୍ଧୁତା ପୂର୍ବବତ୍ ଅତୁଟ ଥିଲା, ଯିବା ଆସିବା ଲାଗି ରହିଥିଲା। ଜୟା କିନ୍ତୁ ବିରହ ଜ୍ୱାଳାରେ ଛଟ ପଟ ହେଉଥିଲା । ସେ ତା'ର ସ୍ୱାମୀ ଗୋବିନ୍ଦ ବାବୁଙ୍କ ଠାରୁ ଜୟନ୍ତ ପରି ସ୍ନେହ ସୋହଗ ପାଉ ନଥିଲା ବୋଲି ଅନୁଭବ କରୁଥିଲା । ଜୟାର ସ୍ୱାମୀ କିନ୍ତୁ ପ୍ରାଣ ପଣେ ଜୟାକୁ ଖୁସି କରିବାକୁ ତତ୍ପର ଥିଲେ, ଆଜି ମଧ୍ୟ ଅଛନ୍ତି । ଜୟାର ଚରିତ୍ର ମୋ' ପାଖରେ ଏକ ପ୍ରଶ୍ନବାଚୀ ହୋଇ ଯାଇଥିଲା। ଜୟା ଏବଂ ତା'ର ସ୍ୱାମୀର ବୟସର ତାରତମ୍ୟ ପ୍ରାୟ ବାର ବର୍ଷ । ଜୟାର ସ୍ୱାମୀ ପ୍ରେମ ଶାସ୍ତ୍ରରେ ଟିକେ ଦୂର୍ବଳ ହୋଇ ଯାଇଛନ୍ତି ତା'ର କାରଣ ମଧ୍ୟ ଜୟା ଜାଣିଛି । ଅତ୍ୟଧିକ କାର୍ଯ୍ୟ ଚାପ ସହିତ ମଧୁମେହ ରୋଗ ତାଙ୍କୁ କିଛି ମାତ୍ରାରେ ଶିଥିଳ କରି ଦେଇଛି । ଜୟାର ପୂର୍ଣ୍ଣ ଯୌବନ, କାମନା ବାସନା ଠିକ ଭାବେ ହୁଏତ ଗୋବିନ୍ଦ ବାବୁ ପୂରଣ କରିବାକୁ ଅସମର୍ଥ ହେଉଛନ୍ତି। ଜୟନ୍ତଙ୍କ ସଂସ୍ପର୍ଶରେ ଆସି ଜୟାର ଅନେକଟା ପରିବର୍ତ୍ତନ ହୋଇଛି, କାମନା ବାସନା ବହୁ ଗୁଣିତ ହୋଇ ଯାଇଛି। ଜୟା ପକ୍ଷରେ ଜୟନ୍ତଙ୍କୁ ଛାଡି ରହିବା ହୁଏତ ସମ୍ଭବ ନୁହେଁ

ଜୟାର ଅନୁରୋଧ ଥିଲା ଯେ, ମୁଁ ମୋ' ତରଫରୁ ଜୟନ୍ତ ବାବୁଙ୍କୁ ଜୟା ବିଷୟରେ ଟିକେ ବୁଝାଇ କହିବି । ଜୟନ୍ତଙ୍କ ଫୋନ୍ ନମ୍ବର ମଧ୍ୟ ଜୟା ଦେଇଥିଲା । ଜୟନ୍ତ ଏବଂ ଜୟାଙ୍କ ସମ୍ପର୍କ ଯେପରି ପୂର୍ବ ପରି ଥିଲା ସେହିପରି ଭବିଷ୍ୟତରେ ରଖିବାକୁ ଅନୁରୋଧ ମଧ୍ୟ କରିବି। ଏକଥା ଶୁଣି ମୁଁ ହତବମ୍ବ ହୋଇ ଯାଇଥିଲି, ଦୁଇଜଣଙ୍କ ପରକୀୟା ପ୍ରେମକୁ ବେନିୟମ ଭାବେ ପ୍ରୋତ୍ସାହିତ କରିବା କ'ଣ ଠିକ୍ ହେବ ? ମୋର ଜୟା ସହିତ ବନ୍ଧୁତା ଅଛି କିନ୍ତୁ ଜୟନ୍ତ ବାବୁଙ୍କୁ ତ ମୁଁ ଜାଣି ନାହିଁ ବା ଚିହ୍ନି ନାହିଁ। ଜୟନ୍ତ ବାବୁ ମୋର ଅନୁରୋଧ କାହିଁକି ବା ରକ୍ଷା କରିବେ ? ତାଙ୍କ ମନ ମଧ୍ୟରେ ହୁଏତ ମୋ ପ୍ରତି ଖରାପ ଧାରଣା ଆସିପାରେ। ଗୋବିନ୍ଦ ବାବୁଙ୍କ ପ୍ରତି ନିଶ୍ଚିତ ଅନ୍ୟାୟ ହେବ ଏକଥା ମଧ୍ୟ ମୋ ମନକୁ ଆନ୍ଦୋଳିତ କରିଥିଲା। ଏହି ସବୁ ବିଷୟ ଅନେକ ଥର ଭାବିଥିଲି, କିନ୍ତୁ ଜୟାର ବାରମ୍ବାର ଅନୁରୋଧକୁ ପ୍ରତ୍ୟାଖାନ କରିବା ସମ୍ଭବ ନଥିଲା। ଅଗତ୍ୟା ଜୟନ୍ତ ବାବୁଙ୍କୁ ଫୋନ୍ କରିଥିଲି। ଜୟା, ଜୟନ୍ତ ତଥା ଗୋବିନ୍ଦ ବାବୁଙ୍କ ସମ୍ପର୍କ, ଦୁଇଟି ପରିବାରର ଏକ ସମ୍ବେଦନଶୀଳ ବିଷୟକୁ ଖୁବ୍ ଭଦ୍ର ତଥା ଚତୁରତାର ସହିତ ବୁଝାଇ କହିଥିଲି। ଜାଣେନା ସେଦିନ ତାହା କେତେଦୂର ସଫଳ ହୋଇଥିଲା ? ତଥାପି ଜଣେ ବନ୍ଧୁଙ୍କୁ ସହାୟତାର ହାତ ବଢାଇ ଦେଇଥିଲି ଏବଂ ଜୟାକୁ ନିଜ ଗୋଡ଼ରେ ନିଜେ କୁରାଢ଼ୀ ନ' ମାରିବାକୁ ମଧ୍ୟ ବାରମ୍ବାର ଅନୁରୋଧ କରିଥିଲି । ସମାଜର ଏକ ଅନୈତିକ ନିଷିଦ୍ଧ ସମ୍ପର୍କକୁ ପ୍ରୋତ୍ସାହିତ କରିଥିବାରୁ ନିଜକୁ ନିଜେ ଦୋଷୀ ସାବ୍ୟସ୍ତ କରୁଥିଲି ।

ଗୋବିନ୍ଦ ବାବୁ ଜୟାକୁ ଅନେକ ବାର ବୁଝାଇବା ପରେ ମଧ୍ୟ ଜୟା ତା' ଜିଦ୍ ରେ ଅଟଳ ଥିଲା । ଦରକାର ପଡ଼ିଲେ ସ୍ୱାମୀକୁ ଛାଡି ଜୟନ୍ତ ସହିତ ରହିବ ବୋଲି ଧମକ ଦେଇଥିଲା। ଜୟା ପାଇଁ ନିଜ ସ୍ୱାମୀ, ଝିଅ ତୁଳନାରେ ଜୟନ୍ତର ଗୁରୁତ୍ୱ ଅଧୀକ ଥିଲା । ଶେଷରେ ଜୟା, ଜୟନ୍ତ ଏବଂ ଗୋବିନ୍ଦ ବାବୁ ଏକତ୍ରିତ ହୋଇ ଏକ ବିଚିତ୍ର ନିଷ୍ପତ୍ତି ନେଇଥିଲେ । ଗୋବିନ୍ଦ ବାବୁ ଜୟାକୁ ପ୍ରତିଶ୍ରୁତି ଦେଲେ କି ସେମାନେ ଯାହା ଭଲ ଭାବୁଛନ୍ତି କରନ୍ତୁ, କିନ୍ତୁ ସମାଜର ନୀୟମ ଅନୁସାରେ ତାଙ୍କରି ପତ୍ନୀ ହୋଇ ଜୟା ତାଙ୍କରି ଘରେ ରହୁ । ଗୋବିନ୍ଦ ଦାସ ଲୋତକ ଭିଜା ଚକ୍ଷୁରେ କାକୁତି ମିନତୀ ହୋଇ ଜୟାକୁ ଅନୁରୋଧ କରିଥିଲେ ଯେ, ସେ ତାଙ୍କୁ ଛାଡି ଚାଲି ନ'ଯାଉ। ଜୟନ୍ତ ବାବୁ ଏବଂ ଜୟା ଏଥିରେ ସମ୍ମତି ପ୍ରଦାନ କରିଥିଲେ, ପରକୀୟା ପ୍ରୀତିର ସଜ୍ଞା ବଦଳି ଆପୋଷ ପ୍ରେମ ସମ୍ପର୍କର ରୂପ ନେଇଥିଲା । ଜୟା ଆପୋଷ ବୁଝାମଣାରେ ଖୁବ୍ ସନ୍ତୁଷ୍ଟ ଥିଲା ପରି ମନେ ହେଲା । ପ୍ରିୟଙ୍କା ଏବଂ ଶ୍ରାବଣୀ ଏବେ ବି ଖୁବ୍ ଭଲ ବନ୍ଧୁ ହୋଇ ରହିଛନ୍ତି । ଏବର୍ଷ ଦୁଇ ବନ୍ଧୁ ପ୍ଲସ ଟୁରେ ଗୋଟିଏ କଲେଜରେ ଅଧ୍ୟୟନ କରୁଛନ୍ତି । ଗତ ସପ୍ତାହରେ ଜୟା ସହିତ କଥା ହୋଇଥିଲି, କିଛି ଥଟ୍ଟା ପରିହାସ ଛଳରେ ଜୟନ୍ତଙ୍କ କଥା ପଚାରି ଥିଲି । ସେ ହସି ହସି କହିଥିଲା ଯେ, ସେମାନଙ୍କର ସମ୍ପର୍କ ଆହୁରି ନିବିଡ ହୋଇ ଯାଇଛି, ଏକାଧାରରେ ସେ ଗୋବିନ୍ଦ ଏବଂ ଜୟନ୍ତଙ୍କୁ ଖୁସି ବାଣ୍ଟି ଚାଲିଛି । ପିଲାମାନେ ଏସବୁ ଜାଣି ନାହାନ୍ତି ବୋଲି ଜୟା କହୁଥିଲା, ଯଦିଓ ମୁଁ ଏକଥାକୁ ମୁଁ ବିଶ୍ୱାସ କରି ପାରୁନାହୁଁ ।

ଗୋଟିଏ ନାରୀର ଦୁଇଟି ରୂପ, ଦୁଇଟି ସମ୍ପର୍କ, ଦୁଇଟି ପରିବାରକୁ ନେଇ ଯଦି ନାରୀଟି ଖୁସି ରହି ପାରିଲା ତେବେ ପରକୀୟା ସମ୍ପର୍କ ହୁଏତ ତା ପାଇଁ ଶୁଭଙ୍କର ବୋଲି ପ୍ରମାଣିତ ହେବ। ସମାଜ ଏହାକୁ କିପରି ଦେଖୁଛି ? ଧର୍ମ ରକ୍ଷକ ମାନେ ଏହାକୁ କିପରି ଗ୍ରହଣ କରୁଛନ୍ତି ? ତାହା ସମ୍ପୂର୍ଣ୍ଣ ଅଲଗା କଥା । ସେହି ବିଷୟରେ ଏତେ ତର୍ଜମା କରିବାକୁ କାହା ପାଖରେ ବା ସମୟ ଅଛି ? କଥାରେ ଅଛି' ଯାହାକୁ ଯିଏ ରସିଲା କିଆ ଫୁଲ ପରି ବାସିଲା'। ଆଜିର ଦୁନିଆରେ ଜୟା ପରି ଅନେକ ନାରୀ ପୁରୁଷ ପରକୀୟା ପ୍ରୀତିରେ ଲିପ୍ତ ଅଛନ୍ତି, ତେବେ ଏଥିପାଇଁ କିଏ ଦାୟୀ ? ସମାଜ ନା ଅତ୍ୟଧିକ କାମନା ବାସନା ? ନିଷିଦ୍ଧ ସମ୍ପର୍କ ଦ୍ୱାରା ପରିବାରର କେତେ ଯେ କ୍ଷତି ହୁଏ, ସନ୍ତାନ ମାନଙ୍କ ଉପରେ ତା'ର କେତେ ପ୍ରଭାବ ପଡ଼େ ସେ କଥାକୁ ଭୂଲି ଯିବା ଉଚିତ୍ ନୁହେଁ । ଦୁଇଟି ପୁରୁଷ ସହିତ ଜୟା ତା'ର ଜୀବନରେ ଖୁବ୍ ଖୁସି ଥିବା ପରି ମନେ ହୁଏ। ମୋ' ନଜରରେ ଗୋବିନ୍ଦ ଦାସ ଜଣେ ମହାନ୍ ବ୍ୟକ୍ତିତ୍ୱ। ତାଙ୍କର ତ୍ୟାଗର, ଚିନ୍ତାଧାରାର ବିକଳ୍ପ ନାହିଁ, ତେବେ ଭବିଷ୍ୟତ କ'ଣ ହେବ ତାହା ଭଗବାନ୍ ଜାଣନ୍ତି। ଦୂର ପାହାଡ଼ ଖୁବ୍ ସୁନ୍ଦର୍ ଦିଶେ, ସବୁଜ ରଙ୍ଗରେ ରଙ୍ଗାୟିତ ପାହାଡର ନିକଟକୁ ଗଲେ ପ୍ରକୃତ ପାହାଡ଼ର ସ୍ୱରୂପ ଜାଣି ହୁଏ । ଜୟା ମୋ' ଲାଗି ଦୂର ପାହାଡ଼ ଥିଲା, ଅଛି ଆଗକୁ ମଧ୍ୟ ରହିଥିବ। ବନ୍ଧୁ ହିସାବରେ ତା'ର ଚରିତ୍ରକୁ ଖିନ୍ ଭିନ୍ କରି ଦେଖିବାର ଆଗ୍ରହ ମୋର ଆଦୌ ନାହିଁ। ଜୟା ତା'ର ନିଜସ୍ୱ କାହାଣୀ ଯଦି ବିଶ୍ୱାସରେ ମୋ' ପାଖରେ ବଖାଣି ନ'ଥାଆନ୍ତା ତେବେ ମୁଁ ଏହି ଗଳ୍ପଟି ଲେଖି ପାରି ନଥାନ୍ତି। ଜୟାର ଜଣେ ବନ୍ଧୁ ଭାବରେ ସେଇ ସୁନ୍ଦର୍ ସବୁଜ ପାହାଡ଼କୁ ଦୂରରୁ ଦେଖୁଛି, ନାରୀର ହୃଦୟର ଗୋପନ ଇଚ୍ଛାକୁ ଅନୁଭବ କରୁଛି । ପ୍ରତିଦିନ ଜୟା ଗୁଡ଼ ମର୍ନିଙ୍ଗ ପଠାଏ, ତା'ର ଉତ୍ତର ମଧ ମୁଁ ଦେଇଥାଏ । ଏକ ସତ୍ୟ ଘଟଣା ଉପରେ ଆଧାରିତ କ୍ଷୁଦ୍ର ଗଳ୍ପର ଦୂର ପାହାଡ଼ର ସୃଷ୍ଟି ହୁଏତ ପାଠକଙ୍କ ମନକୁ ଛୁଇଁବ।

+ ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା
କଟକ - ୭୫୩୦୦୯
ମୋ: ୯୯୩୭୧୭୪୦୯୭

# ପେନ୍‌ଫ୍ରେଣ୍ଡ

ସୁନନ୍ଦା ମହାନ୍ତି





ସଂସ୍କୃତି ଭବନ କବିତା ଆସରର ମଞ୍ଚରୁ ଓହ୍ଲାଇବା ପରେ ଉପମଞ୍ଚ ଓ ତଳମଞ୍ଚରେ ବସିଥିବା ଜ୍ଞାନୀ, ଗୁଣୀ, ପ୍ରାଜ୍ଞ, ବିଜ୍ଞ ବ୍ୟକ୍ତିତ୍ୱମାନଙ୍କ ଭିତରେ ବରିଷ୍ଠ କନିଷ୍ଠ ଜ୍ୟେଷ୍ଠ ନିର୍ବିବାଦରେ ଆଳାପ ଆଲୋଚନା ଜମି ଯାଇଥିଲା କାରଣ ମନୁଆଁ ଠାକୁର ଜଗନ୍ନାଥଙ୍କ ପାଖରୁ ଅବଢ଼ା ଆସୁଥିବା ଅପେକ୍ଷାରେ ସମୟର ଏ ନିୟତି ନିର୍ଦ୍ଦେଶରେ ଏ ଆଳାପ ବଡ଼ ଆମୋଦ ପ୍ରଦାୟକ ଥିଲା। ହଠାତ କେହି କେହି ନିତାଙ୍କ ସହ ଫୋଟୋ ଉଠାଉଥିବା ବେଳେ ବରିଷ୍ଠ ଜଣେ କେହି ପଚାରି ବସିଲେ ମତେ ଚିହ୍ନିଛନ୍ତି ? ହଁ ମାରି ଖସି ପାରିଲେନି ନିତା ସେଦିନ କାରଣ ସେହି ବ୍ୟକ୍ତି ପୁଣି ପଚାରୁଥିଲେ କୋଉଠି ଦେଖିଛନ୍ତି କୁହନ୍ତୁ ତ ! ଏଥର ହରଡ଼ଘଣାରେ ପଡିଲେ ନିତା। ଏମିତିରେ ଚିହ୍ନା ଚିହ୍ନା ଲାଗୁଥିଲେ ମଧ କିଏ ଓ ତାଙ୍କୁ କେବେ କେଉଁଠି କେତେବେଳେ ଦେଖିଛି ମନେ ପକାଇନପାରି ଅଶ୍ୱସ୍ତିବୋଧ ହେଲାବେଳେ ଭଦ୍ରବ୍ୟକ୍ତି କହୁଥିଲେ ଅନ୍ୟମାନଙ୍କୁ ନିର୍ଦ୍ଦେଶ କରି ଯେ ଏଙ୍କୁ ଚିହ୍ନନ୍ତି ଆପଣମାନେ ! କିଏ କୋଉ ରୂପେ ତାଙ୍କ ପ୍ରଶ୍ନର ଉତ୍ତର ଦେଉଥିଲା ବେଳେ ନିତା ସେହି ବୟସ୍କ ଭଦ୍ରବ୍ୟକ୍ତିଙ୍କ ମୁହଁକୁ ଜଳ ଜଳ ଚାହିଁ ଭାବୁଥିଲେ ଦେଖିଛି କେଉଁଠି ନିଶ୍ଚୟ ହେଲେ କେଉଁଠି ! ଜାଣିବାକୁ ଅନ୍ତରଙ୍ଗ ହୋଇ ଯେତେ ଜୁଆଡ୍ରୁ ବୁଲେଇ ବଙ୍କେଇ କହିଲେ ମଧ ହାଲକା ଉତ୍ତର ଦେଇଥିଲେ ଭାଇନା ଯେ ଏମିତି ଆସର ମାନଙ୍କରେ ଦେଖା ଆଉ କୋଉଠି ! ଭାଇନାଙ୍କ ମିଠା ମିଠା କଥା ଖଟା ଲାଗିଲା ନିତାଙ୍କୁ। ତାଙ୍କର ବି ସମୟ ସହିତ ବଢିଛି ବୟସ। ତାଙ୍କ ନିଜର ବୋଲି ବୟସ୍କ ବ୍ୟକ୍ତି ସମସ୍ତେ ପ୍ରାୟେ ଜେଜେ, ମାଆ, ବାପା, ବୋଉ, ଆଇ, ଅଜା ସମସ୍ତେ ବିଦାୟ ନେଲେଣି ଏ ଦୁନିଆଁରୁ ଏ ଭିତରେ। ତ ତାଙ୍କର ମଧ ମନେ ନରହିବା ସ୍ୱାଭାବିକ। ଅଭଡ଼ା ଆସିବା ଖବର ସହିତ ପେଟପାଟଣା ପାଇଁ ସ୍ଥାନ ନିରୂପଣ କରି ବସିବା ବେଳେ ପାଖରେ ସେହି ଭାଇନା। କିଛି କିଛି କଥା ଓ ସେଇ କେଇ ମୁହୂର୍ତ୍ତ ସବୁ ଭିତରେ ନିତାଙ୍କର ଗୋଟିଏ ଚିନ୍ତା। କୋଉଠି ଭେଟିଛି ଆଙ୍କୁ ! ଏ ମହାଶୟ ମହୋଦୟ ଭାଇନାଙ୍କୁ ! କି ବିସ୍ମରଣ। ସେ କହି ଚାଲିଥିଲେ ନିତାଙ୍କର ସବୁ ଲେଖା ଗୁଡିକର ତାତ୍ୱିକ ଭାବଧାରା ବିଷୟରେ ଓ ଉଖୁରେଇବାକୁ ଭୁଲି ନଥିଲେ ଯେ ପିଲାଦିନ, କଲେଜ ଦିନ ଇତ୍ୟାଦି ସବୁ ମନେ ରଖିଛ, ମତେ ଚିହ୍ନି ପାରୁନ ! ନିତା ଖାଲି ହସିଦେଇଥିଲେ। ଠିକ ସେଦିନ ଯେମିତି ହସିଥିଲେ ବାପାଙ୍କ ଜେରା ପରେ। ବାପା ଯେବେ ପଚାରୁଥିଲେ ଏ ସୁଷମା ପରିଜା କିଏ ? ତା ସହ ତୋର ବନ୍ଧୁତା ହେଲା କେମିତି ? ପୌରୁଷରେ ତାଙ୍କ ଫଟୋ ଓ ଠିକଣା ପାଇ ଦେଇଦେଇଥିଲି ଚିଠି ଖଣ୍ଡେ ତ ବାପା କହିଥିଲେ ଆଣିଲୁ ସେ ପୌରୁଷ ବହି ଦେଖିବା। ବାପାଙ୍କୁ ବହି ଦେଲାପରେ ବାପା ଦେଖିଲେ, ପରଖିଲେ ତା ପରେ ଚିଠି ଦେଇଥିଲେ ହାତକୁ ନିତାଙ୍କର ଆଉ ନିତା ହସିଥିଲେ ଏଇ ହସ। ମୋ ଉପରେ ବିଶ୍ୱାସ ରଖ ବାପା, ମୁଁ ତୁମ ଝିଅ, ଜେଜେଙ୍କ ବ୍ୟାଣୀବନ୍ଧୁ ଆଉ ବୋଉର ବଡ଼ଝିଅମନେ ମନେ କହୁଥିବା ନିତା କିନ୍ତୁ ବନ୍ଧୁ ହୋଇଯାଇଥିଲେ ସୁଷମା ନାନୀଙ୍କର। ବାପା ମଧ ହସିଥିଲେ ଠିକ ଏହିପରି ଖୋଲା ହସ। ନିତାଙ୍କ ପୋଷ୍ଟିଙ୍ଗ ବେଳେ ମଧ ସେମିତି ହସିଥିଲେ ବାପା କିନ୍ତୁ ଜେଜେ ନଥିଲେ ଆଉ ବ୍ୟାଣବନ୍ଧୁ ଡାକିବାକୁ। ବାହାଘର ଦିନ ଏତେ କାନ୍ଦିଥିଲେ ବାପା ସେକଥା ଭାବୁ ଭାବୁ ଲୁହ ଟୋପା ଗୁଡିକ ଖସିପଡୁଥିଲା ଆଖିରୁ ତ କେହି ପଚାରୁଥିଲେ ସରିଲାଣି ଆପଣଙ୍କର ଖାଇବା ଆଜ୍ଞା ! ହଁ ହଁ ହି ଉଠିବା ବେଳକୁ ଖୋଜୁଥିଲି ସେହି ଭଦ୍ରବ୍ୟକ୍ତିଙ୍କୁ। ସେ ନିତାଙ୍କ ବନ୍ଧୁ ସୁଷମା ପରିଜାଙ୍କ ସ୍ୱାମୀ। ବହୁତ ଥର ନାନୀ ପଠେଇଥିବା ସେ ଫଟୋ ଦେଖି ଦେଖି କୋଉଠି ଦେଖିଲା ପରି ଲାଗୁଛନ୍ତି ପରି ମନେହେଉଥିଲା ତ ଦୌଡ଼ିଲେ ନିତା ବାହାରକୁ। ଭାଇନା ନଥିଲେ। ହାତ ଧୋଇବା ଗହଳି ସ୍ଥାନରେ ମଧ ନଥିଲେ। ତ ବାହାରକୁ ଆସି କାରରେ ବସିବାକୁ ଉଦ୍ୟତ ହେଲାବେଳେ ଭାଇନାଙ୍କୁ କହିଲି ଚିହ୍ନିଲି ଭାଇନା ଆପଣ ମୋ ବନ୍ଧୁପତି। ସେ ହସିଲେ ମଳିନ ହସ ଓ କହିଲେ ସେ ଆଉ ନାହିଁ। ନିତାଙ୍କ କାନ୍ଧରୁ ଉତ୍ତରୀୟଟି ଖସିପଡ଼ିଥିଲା ଓ ସମ୍ବର୍ଦ୍ଧନା ଫଳକଟି ଖସି ଯାଇ ଭାଙ୍ଗି ଚୁରମାର ହୋଇଯାଇଥିଲା।

+ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

# ବିକ୍ରି ଚାଲିଛି ବିଷାକ୍ତ ଖାଦ୍ୟ: ପ୍ରଶାସନ ଚଢ଼ଉ ଦାବି

ଜୟପୁର, ୦୫/୦୭ (ନି.ପ୍ର): କୋରାପୁଟ ଜିଲାର ଉପାନ୍ତ ଅଂଚଳ ହେଉ କି ସହର ସବୁଠାରେ ବିକ୍ରି ଚାଲିଛି ବିଷାକ୍ତ ଖାଦ୍ୟ । ବର୍ତ୍ତମାନ ବର୍ଷା ଦିନ ଜାରି ରହିଥିବା ବେଳେ ପ୍ରଶାସନ ତୁରନ୍ତ ଚଢ଼ଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ପରିସ୍ଥିତି ଅଣଆୟତ ହେବା ଆଶଙ୍କା ଦେଖାଯାଇଛି । କୋରାପୁଟ ଜିଲାର ଲମତାପୁଟ, ନନ୍ଦପୁର, କୋରାପୁଟ, ସେମିଳିଗୁଡା, ଜୟପୁର, ଲକ୍ଷ୍ମୀପୁର, ବୋରିଗୁମ୍ମା, କୋଟପାଡ ମୁଖ୍ୟ ବଜାରଠୁ ଆରମ୍ଭ କରି ପ୍ରତି ଗାଁର ଗଳି କନ୍ଦିରେ ଖୋଲାଖୋଲି ଭାବେ ବିକ୍ରି ହେଉଛି ବିଷାକ୍ତ ଖାଦ୍ୟ । ପୋଡା ତେଲରେ ୧୦ ଥର ଗରମ କରି ପକୋଡି, ବରା, ସିଙ୍ଗଡା, କାକରା, ଆଳୁଚପ୍ ଛାଣୁଛନ୍ତି ଯାହାକି ବିଷାକ୍ତ ଖାଦ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହା ଖାଇ ଲୋକେ କ୍ୟାନସର ଭଳି ରୋଗରେ ଆକ୍ରାନ୍ତ ହେଉଛନ୍ତି । ବାସି ଖାଦ୍ୟ, ରଙ୍ଗମିଶା ଚାଉମିନ୍, ଚାଟ, ଦହିବରା ଆଳୁଦମ୍, ଅପମିଶ୍ରିତ ଟିଫିନ୍ ଲୋକଙ୍କ ପେଟରେ ଯେମିତି ବିଷ ଭର୍ତି ହୋଇଯାଉଛି । ଆଉ ଖାଦ୍ୟ ନିରାପତା ବିଭାଗ ଯେମିତି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଛି। ସୂଚନା ମୁତାବକ, କୋରାପୁଟ ଜିଲାର ମୁଖ୍ୟ ବଜାର ହେଉ କି ଗ୍ରାମାଚଂଳର ଅଧିକାଂଶ ମିଷ୍ଟାନ୍ନ ଦୋକାନରେ ପୂର୍ବଦିନର ବାସି ବରା, ଆଳୁଚପ୍ କୁ ରାତିରେ ଫ୍ରିଜ୍ ରେ ରଖି ସକାଳୁ ପୁନର୍ବାର ପୋଡା ତେଲରେ ଛାଣି ବିକ୍ରି କରୁଛନ୍ତି । ରସଗୋଲା, ଛେନାଗଜା ସହ ମିଠା ସାମଗ୍ରୀକୁ ପୁନର୍ବାର ସିରାରେ ଫୁଟାଇ ନୂଆ ନାଁରେ ବିକ୍ରି ହେଉଛି । ଫାଷ୍ଟଫୁଡ୍ ଦୋକାନୀମାନେ ୧୦ ଟଙ୍କିଆ ଟେକ୍ସଟାଇଲ୍ ରଙ୍ଗ ମିଶାଇ ଖାଦ୍ୟକୁ ଆକର୍ଷଣୀୟ କରୁଛନ୍ତି । ନିମ୍ନମାନର ଟମାଟୋ ଓ ଚିଲ୍ଲି ସସ୍ ଗ୍ରାହକଙ୍କୁ ଦେଉଛନ୍ତି । ପୋଡାତେଲରୁ ବାହାରୁଥିବା ବିଷାକ୍ତ ଧୂଆଁ ଲୋକଙ୍କ ଫୁସଫୁସ୍ ନଷ୍ଟ କରୁଛି । ଫଳରେ ଗ୍ୟାଷ୍ଟ୍ରିକ୍, ଲିଭର ଡ୍ୟାମେଜ୍, କିଡନୀ ଫେଲ୍ ହୋଇ ହସ୍ପିଟାଲରେ ଲାଇନ୍ ଲାଗୁଛି, କିନ୍ତୁ ମୂଳ କାରଣ ଉପରେ କାହାର ଦୃଷ୍ଟି ପଡୁ ନାହିଁ । ଗତ ବର୍ଷ ରଥଯାତ୍ରା ସମୟରେ ଖାଦ୍ୟ ନିରାପତା ଅଧିକାରୀ ଥରେ ଚଢ଼ଉ କରି ନିଜ ଦାୟିତ୍ୱ ସାରିଦେଲେ । ତାହା ପରଠୁ ଆଜି ପର୍ଯ୍ୟନ୍ତ ଗୋଟିଏ ବି ଦୋକାନ ସିଲ୍ ହେଲାନି, ଗୋଟିଏ ବି ଜରିମାନା ହେଲାନି । ଫଳରେ ଅସାଧୁ ବ୍ୟବସାୟୀଙ୍କ ସଂଖ୍ୟା ଆକାଶ ଛୁଇଁଲାଣି । ଲାଇସେନ୍ସ ନାହିଁ, ସ୍ୱଚ୍ଛତା ନାହିଁ, ନିୟମ ନାହିଁ କେବଳ ଲୋଭ ଓ ଲାଂଚର ଖେଳ । ଧୂଳି ଉଡୁଥିବା ରାସ୍ତା କଡରେ ଖୋଲା ଡେକ୍ଚିରେ ମିଷ୍ଟାନ୍ନ ତିଆରି ହେଉଛି । ମାଛି ବସୁଛି, କୁକୁର ଶୁଙ୍ଘୁଛି ଓ ଚାଟୁଛି, ଆଉ ମଣିଷ ଖାଉଛି । ଆଉ କେତେ ଜୀବନ ଗଲେ ଖାଦ୍ୟ ନିରାପତା ବିଭାଗ ନିଜ ଦାୟିତ୍ୱ ଠିକ୍ ଭାବେ ତୁଲାଇବ । ତେଣୁ ଜିଲ୍ଲାପାଳ ଏଥିରେ ହସ୍ତକ୍ଷେପ କରିବାକୁ ସାଧରଣରେ ଦାବୀ ହୋଇଛି । ଏହା ସହ ଏହି ବିଷାକ୍ତ ଖାଦ୍ୟ ସହ ଦର ଦାମ ବି କମ ନୁହଁ । ବରା ଗୋଟାକୁ ୧୦ ଟଙ୍କା, ସିଙ୍ଗଡା ୧୦ ଟଙ୍କା, ଆଳୁଚପ ୧୦ ଟଙ୍କାରେ ବିକ୍ରି କରୁଛନ୍ତି । ଏହା ସଂଘ ନିଷ୍ପତି ବୋଲି ଉତର ମିଳୁଛି । ରାସ୍ତା କଡର ଦୋକାନ, ଜିଏସଟି ନାହିଁ କି ଟେକ୍ସ ନାହିଁ ସ୍ପଷ୍ଟ ଦିବା ଲୋକରେ ଚାଲିଛି ଲୁଟ୍ । ଏପରି ଲୁଟ୍ ଚାଲିଥିବା ବେଳେ କୋରାପୁଟ ଜିଲା ପ୍ରଶାସନ ଦର ନିୟନ୍ତ୍ରଣ କରିବାରେ ମଧ ବିଫଳ ହୋଇଛି । ଏପରି ସ୍ଥିତିରେ ଜିଲାବାସୀ ନିଜ ଭାଗ୍ୟକୁ ଆଦରି ପଡିରହିଛନ୍ତି ।

# ଧର୍ମଶାଳା ଷ୍ଟାଡିୟମ ପରିସରରେ କ୍ରୀଡା ଛାତ୍ରାବାସ ଉଦ୍‌ଘାଟିତ : କ୍ରୀଡାବିତମାନଙ୍କୁ ଖେଳ ଉପକରଣ ପ୍ରଦାନ

ଧର୍ମଶାଳା, ୦୫/୦୭ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିକାଶ ଅନ୍ୟ ଅନ୍ୟ ନିର୍ବାଚନ ପାଇଁ ଉଦାହରଣ ପାଲଟିଛି । ଧର୍ମଶାଳା ବିକାଶ ପାଇଁ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଉଦ୍ୟମ ଜାରି ରହିଛି । ଗ୍ରାମାଚଂଳରେ କ୍ରୀଡାର ବିକାଶ ନିମନ୍ତେ ବିଧାୟକ ଶ୍ରୀ ସାହୁ ଅଂଟା ଭିଡିଛନ୍ତି । ଧର୍ମଶାଳା ଷ୍ଟାଡିୟମ ପରିସରରେ ଥିବା ବହୁ ପ୍ରତିକ୍ଷୀତ କ୍ରୀଡାଛାତ୍ରାବାସ ଉଦଘାଟିତ ହୋଇଯାଇଛି । ରାଜ୍ୟର ୧୬ତମ କ୍ରୀଡାଛାତ୍ରାବାସ ସ୍ଥାପନ ହୋଇଛି । ଧର୍ମଶାଳା ବ୍ଲକ ଉନ୍ନୟନ ଅଧିକାରୀ ଜ୍ୟୋର୍ତିମୟ କରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବିଧାୟକ ହିମାଂଶୁ ଶେଖର ସାହୁ ଯୋଗ ଦେଇ ଶୁଭ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥିଭାବେ ଯାଜପୁର ଜିଲାପାଳ ଅମ୍ବର କୁମାର କର,ଉପଜିଲାପାଳ ତାପସ ରଂଜନ ଦେଉରୀ,ଦୌଡରାଣୀ ଦୁତି ଚାନ୍ଦ,ଜିଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ, ଓ ରାମକୋ ସିମେଂଟ କାରଖାନା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇ ବିଧାୟକଙ୍କ ଏଭଳି କାର୍ଯ୍ୟ ନିଷ୍ପତିକୁ ଉଚ୍ଚ ପ୍ରଶଂସା କରି ଗ୍ରାମାଚଂଳର କ୍ରୀଡାବିତମାନଙ୍କ ପାଇଁ ଲାଭ ଦାୟକ ହୋଇପାରିବ । ଯାହାକି ଆଗାମୀ ଦିନରେ ସେମାନେ ଜିଲା,ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣି ପାରିବେ ବୋଲି ମତବ୍ୟକ୍ତ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ୫୦ଶର୍ଯ୍ୟା ବିଶିଷ୍ଟ ଛାତ୍ରାବାସ କରାଯାଇଛି । ପରବର୍ତୀ ସମୟରେ ଏହାର ସଂଖ୍ୟା ବୃଦ୍ଧି କରାଯିବ ବୋଲି ବିଧାୟକ ଶ୍ରୀ ସାହୁ ତାଙ୍କ ବକ୍ତବ୍ୟରେ ମତପ୍ରକାଶ କରିଥିଲେ । ଏହାରେ କ୍ରୀଡାବିତ୍ ମାନେ ଭଲି,ଫୁଟବଲ,କ୍ରିକେଟ ଓ ଆଥଲେଟ ଆଦି ଖେଳରେ ପ୍ରଶିକ୍ଷଣ ନେଇ ପାରିବେ । ସେମାନଙ୍କୁ କୋଚ ଦେବାର ବ୍ୟବସ୍ଥା କରାଯାଇଛି । ଶିକ୍ଷକ ଦେବରାଜ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କ୍ରୀଡାବିତମାନଙ୍କୁ ଖେଳ ଉପକରଣ ପ୍ରଦାନ କରାଯାଇ ଥିଲା । ଶେଷରେ ଶିକ୍ଷାବିତ୍ ସୁଦୀପ୍ତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ରାଜେଶ ପାଳ,ଅଭିଷେକ ରାଉତ,ତପନ କୁମାର ମାହୁନ୍ତ,ଜିତେନ୍ଦ୍ର କୁମାର ରାଉତ,ଆଲୋକ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଜାତୀୟ ରଗ୍‌ବି ପାଇଁ ଧାମନଗରର ସ୍ୱପ୍ନାରାଣୀ ମନୋନୀତ

ଭଦ୍ରକ, ୦୫/୦୭ (ନି.ପ୍ର): ଏହି ଜିଲାର ଧାମନଗର ବ୍ଲକ ପାଧାନୀ ପଂଚାୟତ କଂଟିଦୋଳ ଗ୍ରାମର ଯୁବ ରଗବି ଖେଳାଳି ସ୍ୱପ୍ନାରାଣୀ ବେହେରା ଜାତୀୟସ୍ତରୀୟ ୧୮ ବର୍ଷରୁ କମ୍ ବାଳିକା ରଗବି ଫୁଟବଲ ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳରେ ସ୍ଥାନ ପାଇଛନ୍ତି। ତାଙ୍କ ସଫଳତାକୁ ନେଇ ଧାମନଗର ସମେତ ଭଦ୍ରକ ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି। ଭଦ୍ରକ ଜିଲ୍ଲା ରଗବି ଫୁଟବଲ ଏସୋସିଏସନ ପକ୍ଷରୁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଚୟନ ପାଇବା ପରେ ସ୍ୱପ୍ନାରାଣୀ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଚୟନ ଶିବିରରେ ଯୋଗଦେଇଥିଲେ। ସେଠାରେ ଉତ୍କୃଷ୍ଟ ପ୍ରଦର୍ଶନ ଆଧାରରେ ଆମ ଓଡ଼ିଶା ରଗବି ଫୁଟବଲ ଏସୋସିଏସନ ତାଙ୍କୁ ଜାତୀୟ ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳରେ ମନୋନୀତ କରିଛି। ଜୁଲାଇ ୬ ଓ ୭ ତାରିଖରେ ହାଇଦ୍ରାବାଦର ଓ୍ୱକ୍‌ସେନ ୟୁନିଭର୍ସିଟି ଷ୍ଟାଡିୟମରେ ଆୟୋଜିତ ଜାତୀୟ ପ୍ରତିଯୋଗିତାରେ ସେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଜଣେ କୃଷକ ପରିବାରର କନ୍ୟା ସ୍ୱପ୍ନାରାଣୀ ନିଜର ଅକ୍ଳାନ୍ତ ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ବ୍ଲକ, ଜିଲ୍ଲା ଓ ରାଜ୍ୟସ୍ତର ଅତିକ୍ରମ କରି ଜାତୀୟ ସ୍ତରରେ ପହଂଚିଛନ୍ତି। ତାଙ୍କ ସଫଳତା କଣ୍ଟିଦୋଳ ଗ୍ରାମ ସହ ଧାମନଗର ଅଂଚଳ ପାଇଁ ଗର୍ବର ବିଷୟ ପାଲଟିଛି। ଏହି ସଫଳତା ପାଇଁ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତାଙ୍କୁ ଶୁଭେଚ୍ଛା ଜଣାଇଥିବାବେଳେ ଭଦ୍ରକ ଜିଲ୍ଲା ରଗବି ଫୁଟବଲ ଏସୋସିଏସନର ସଭାପତି କୈଳାଶ ମହାପାତ୍ର, ସମ୍ପାଦକ ଶ୍ରୀଧର ମହାଳିକ, କୋଷାଧକ୍ଷ ଲକ୍ଷ୍ମଣ ନାୟକଙ୍କ ସମେତ ସଂଘର କର୍ମକର୍ତାମାନେ ସ୍ୱପ୍ନାରାଣୀଙ୍କ ଉଜ୍ଜ୍ୱଳ ସଫଳତା କାମନା କରିଛନ୍ତି।

# ମାଲକାନଗିରି ଜିଲ୍ଲାରେ ଭିତ୍ତିଭୂମିର ବିକାଶ : ଅତ୍ୟାଧୁନିକ କୋଚିଂ ସେଣ୍ଟର ଓ ବସ୍ତ୍ର ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ମାଲକାନଗିରି, ୦୫/୦୭ (ନି.ପ୍ର): ଜିଲ୍ଲାର ଭିତିଭୂମିକୁ ସୁଦୃଢ଼ କରିବା ଏବଂ ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଜିଲ୍ଲାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପରିଦର୍ଶନ କରି ସମୀକ୍ଷା କରିଛନ୍ତି। ଜିଲ୍ଲାର ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ବଡ଼ ସଂସ୍କାର ଆଣିବା ଲକ୍ଷ୍ୟରେ ଜିଲ୍ଲାପାଳ ପ୍ରଶାସନିକ ଅଧିକାରୀମାନଙ୍କୁ କେତେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି।
ଜିଲ୍ଲାପାଳ ପ୍ରଥମେ ଜିଲ୍ଲା ଗ୍ରନ୍ଥାଗାର ପରିଦର୍ଶନ କରି ସେଠାକାର ଭିତିଭୂମିର ଯାଂଚ୍ କରିଥିଲେ। ମାଲକାନଗିରିର ଯୁବପିଢ଼ିଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସେଠାରେ ଏକ ଅତ୍ୟାଧୁନିକ କୋଚିଂ ସେଂଟର ଖୋଲିବାକୁ ସେ ଯୋଜନା ପ୍ରସ୍ତୁତ କରିଛନ୍ତି। ଯେଉଁଠାରେ ସ୍ଥାନୀୟ ଛାତ୍ରଛାତ୍ରୀମାନେ ୟୁପିଏସସି, ଓପିଏସସି ଏବଂ ଏସଏସସି ଭଳି ଜାତୀୟ ଓ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଉନ୍ନତମାନର ପ୍ରସ୍ତୁତି କରିପାରିବେ। ଏଥିପାଇଁ ତୁରନ୍ତ ବ୍ଲୁ-ପ୍ରିଂଟ ପ୍ରସ୍ତୁତ କରିବାକୁ ସେ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଜିଲ୍ଲାପାଳ ମାଲକାନଗିରି ମହିଳା ହଷ୍ଟେଲର ଖାଲି ପଡ଼ିଥିବା ଗୃହଗୁଡ଼ିକର ସମୀକ୍ଷା କରିଥିଲେ। ଏହି ଅବ୍ୟବହୃତ ସ୍ଥାନରେ ଏକ ବସ୍ତ୍ର ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବା ପାଇଁ ଯୋଜନା ରହିଛି। ଏହି ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ମହିଳା ଏବଂ ଅନ୍ୟ ଲୋକମାନଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ, ଯାହା ଜିଲ୍ଲାର ଅର୍ଥନୀତିକୁ ସୁଦୃଢ଼ କରିବାରେ ସାହାଯ୍ୟ କରିବ। ଶିକ୍ଷା ଭିତିଭୂମିକୁ ଅଧିକ ବ୍ୟବସ୍ଥିତ କରିବା ପାଇଁ ଜିଲ୍ଲାପାଳ ପୁରୁଣା ବି.ଇଡି କଲେଜ ମଧ ପରିଦର୍ଶନ କରିଥିଲେ। କଲେଜର ପୁରୁଣା କୋଠାର ନବୀକରଣ କରି ଶିକ୍ଷା କ୍ଷେତ୍ରରେ କିପରି ସୁଧାର ଅଣାଯାଇପାରିବ ଏବଂ ଏହାର ସଠିକ୍ ଉପଯୋଗ କରାଯାଇପାରିବ, ସେ ନେଇ ସେ ବିଭାଗୀୟ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି। ଜିଲ୍ଲାପାଳ ଶ୍ରୀ ରାଜେଶିର୍କେଙ୍କ ଏହି ସମସ୍ତ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ଆଗାମୀ ଦିନରେ ମାଲକାନଗିରି ଜିଲ୍ଲାର ସାମଗ୍ରିକ ବିକାଶ ତଥା ଯୁବପିଢ଼ି ଓ ମହିଳାଙ୍କ ସଶକ୍ତିକରଣ କ୍ଷେତ୍ରରେ ଏକ ମାଇଲଖୁଂଟ ସାବ୍ୟସ୍ତ ହେବ ।

# ଭଣ୍ଡା ବିଦେଶୀ ମଦ ଦୋକାନ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଦାବି

ଚମ୍ପୁଆ, ୦୫/୦୭ (ନି.ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ଗ୍ରାମପଂଚାୟତର ଭଣ୍ଡା ଗ୍ରାମର ମୁଖ୍ୟ ବଜାର ଛକପରି ଏକ ସମ୍ବେଦନଶୀଳ ସ୍ଥାନରେ ଚାଲିଥିବା ଏକ ବିଦେଶୀ ମଦ ଦୋକାନକୁ ନେଇ ସ୍ଥାନୀୟ ଅଂଚଳରେ ତୀବ୍ର ଜନ ଅସନ୍ତୋଷ ପ୍ରକାଶ ପାଇଛି। ଏହି ମଦ ଦୋକାନ ଯୋଗୁଁ ଅଂଚଳର ଶାନ୍ତି ଶୃଙ୍ଖଳା ବ୍ୟାହତ ହେଉଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହୋଇଛି। ଉକ୍ତ ମଦ ଦୋକାନର ଅତି ନିକଟରେ ଅନେକ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ ଏବଂ ଅନୁଷ୍ଠାନ ରହିଛି। ସେଗୁଡିକ ମଧ୍ୟରେ ଭଣ୍ଡା ଡାକ୍ତରଖାନା ଏବଂ ପଶୁ ଚିକିତ୍ସାଳୟ ସହିତ ଆର.ଆଇ. ଅଫିସ୍, ଜଙ୍ଗଲ ବିଭାଗ କାର୍ଯ୍ୟାଳୟ, କୃଷି ବିଭାଗ କାର୍ଯ୍ୟାଳୟ, ଗ୍ରାମପଂଚାୟତ କାର୍ଯ୍ୟାଳୟ, ଡାକ ବଙ୍ଗଳା ଏବଂ ଏକ ପବିତ୍ର ଶିବ ମନ୍ଦିର ରହିଛି। ଅନ୍ୟପକ୍ଷରେ ଏହି ମଦ ଦୋକାନ ନିକଟରେ କଂସରା (କ) ପ୍ରାଥମିକ ବିଦ୍ୟାଳୟ ଓ ଭଣ୍ଡା-କଂସରା ଉଚ୍ଚ ବିଦ୍ୟାଳୟ ଅବସ୍ଥିତ। ପ୍ରତିଦିନ ଶତାଧିକ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ ପାଇଁ ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି। ମାତ୍ର ମଦ୍ୟପଙ୍କ ଅଶ୍ଳୀଳ ଆଚରଣ ଏବଂ ଉପଦ୍ରବ ଯୋଗୁଁ ସ୍ଥାନୀୟ ଅଭିଭାବକ ଏବଂ ଶିକ୍ଷକମାନେ ନିଜ ପିଲାମାନଙ୍କ ସୁରକ୍ଷାକୁ ନେଇ ସଦାସର୍ବଦା ଚିନ୍ତାରେ ରହୁଛନ୍ତି।ଏହି ମଦ ଦୋକାନକୁ ଜନବସତି ଏବଂ ଶିକ୍ଷାନୁଷ୍ଠାନଠାରୁ ଦୂରକୁ ସ୍ଥାନାନ୍ତର କରିବା ପାଇଁ ସ୍ଥାନୀୟ ବାସିନ୍ଦା ପୂର୍ବରୁ ଅନେକ ଥର ପ୍ରଶାସନ ନିକଟରେ ଦାବୀ କରିଛନ୍ତି। କିନ୍ତୁ ଦୁର୍ଭାଗ୍ୟବଶତଃ, ଆଜି ପର୍ଯ୍ୟନ୍ତ ପ୍ରଶାସନ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ନିରବଦ୍ରଷ୍ଟା ସାଜିଛି। ଯାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ପ୍ରଶାସନର ଏଭଳି ଉଦାସୀନ ମନୋଭାବ ଯୋଗୁଁ ଅଞ୍ଚଳବାସୀଙ୍କ ମଧ୍ୟରେ କ୍ରୋଧ ଏବଂ ଅସନ୍ତୋଷ ଦ୍ୱିଗୁଣିତ ହେବାରେ ଲାଗିଛି। ଯଦି ଶୀଘ୍ର ଏହି ମଦ ଦୋକାନକୁ ସ୍ଥାନାନ୍ତର କରାନଯାଏ, ତେବେ ଆଗାମୀ ଦିନରେ ସ୍ଥାନୀୟ ଜନସାଧାରଣ ଓ ମହିଳା ସଂଗଠନ ବଡ଼ ଧରଣର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ଶିଶୁସୁଲଭ ରଥଯାତ୍ରା ନିମନ୍ତେ ସମନ୍ୱୟ ବୈଠକ

ପୁରୀ, ୦୫/୦୭ (ନି.ପ୍ର): ରଥଯାତ୍ରାରେ ଶିଶୁ ଅଧିକାର ସୁରକ୍ଷା ଏବଂ ଶିଶୁ ସୁଲଭ ରଥଯାତ୍ରା ରୂପେ ପାଳନ କରିବା ନିମନ୍ତେ ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଓ ଜିଲ୍ଲା ପ୍ରଶାସନଙ୍କ ମିଳିତ ପ୍ରୟାସରେ ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହ ପୁରୀ ଠାରେ ଏକ ସମନ୍ୱୟ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବବିତା ପାତ୍ର ଅଧକ୍ଷା, ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷତା କରିଥିଲେ। ସଦସ୍ୟା ମନସ୍ମିତା ଖୁଂଟିଆ ଯୋଗ ଦେଇଥିବା ବେଳେ ଶରତଚନ୍ଦ୍ର ବେହେରା ଅତିରିକ୍ତ ଜିଲ୍ଲାପାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆନ୍ତଃ ବିଭାଗୀୟ ସମନ୍ୱୟ ସହିତ ଜନ ସଚେତନତା, ସୂଚନା, ଶିକ୍ଷା ପ୍ରସାରଣ ଏବଂ ଶିଶୁ ଉଦ୍ଧାର କାର୍ଯ୍ୟରେ ଆଇନ ଗତ ଦୃଷ୍ଟିରେ ଶିଶୁମାନଙ୍କର ସୁରକ୍ଷା କରିବାକୁ ଅଧକ୍ଷ ପରାମର୍ଶ ଦେଇଥିଲେ। ରଥଯାତ୍ରା ସମନ୍ୱୟ ଶିଶୁ ସୁରକ୍ଷା ବିଭାଗର ସମସ୍ତ ଉପବିଭାଗ ଯଥା ଚାଇଲ୍ଡ ହେଲ୍ପଲାଇନ, ଶିଶୁମଙ୍ଗଳ ସମିତି, ଜିଲ୍ଲା ଶିଶୁ ସୁରକ୍ଷା ଶାଖା ପ୍ରମୁଖ କାର୍ଯ୍ୟ କରିବେ। ଏହା ସହିତ ଜିଲ୍ଲା ଶ୍ରମ ବିଭାଗ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରି ଶିଶୁ ଶ୍ରମିକ ଉଦ୍ଧାର ଓ ଥାଇଥାନ କରିବେ। ସାମାଜିକ ସୁରକ୍ଷା ବିଭାଗ ଭିକ୍ଷାବୃତିରେ ନିୟୋଜିତ ହେଉଥିବା ଶିଶୁମାନଙ୍କର ଉଦ୍ଧାରରେ ସହଯୋଗ କରିବେ। ଜିଲ୍ଲା ଶିକ୍ଷା ଅଧିକାରୀ ବିଦ୍ୟାଳୟ ଛାଡ଼ିଥିବା ଶିଶୁମାନଙ୍କର ଘରକୁ ଯାଇ ତାଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବାକୁ ସବୁ ପ୍ରୟାସ କରିବେ। ୟୁନିସେଫ ସହିତ ମିଳିତ ପ୍ରୟାସରେ ଏଥର ରଥଯାତ୍ରାରେ ୫୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ନିୟୋଜନ କରାଯିବା ସହିତ ଶିଶୁଯତ୍ନ ଅନୁଷ୍ଠାନଗୁଡ଼ିକରେ ଶିଶୁମାନଙ୍କ ଥଇଥାନ ଓ ସେବା ପ୍ରଦାନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଏହା ସହିତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ସହାୟତାରେ ସୂଚନା କେନ୍ଦ୍ର ସଂଲଗ୍ନରେ ଶିଶୁ ସହାୟତା କକ୍ଷ ରଖାଯିବ ଏବଂ ଶିଶୁ ଅଧିକାର ସୁରକ୍ଷା ପାଇଁ ଗଣମାଧମ ସହଯୋଗରେ ଜନସଚେତନତା କରାଯିବ। ସେହିପରି ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଏହି ସମୟରେ ଜିଲ୍ଲାରେ ବାଲ୍ୟବିବାହ ଉପରେ ତୀକ୍ଷ୍ଣ ନଜର ରଖିବେ ଓ ଆକ୍ସନ ପ୍ଲାନ କରି କାର୍ଯ୍ୟ କରିବେ। ଶିଶୁଙ୍କ ଜରୁରୀ ସ୍ୱାସ୍ଥ୍ୟ ସୁବିଧା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଯତ୍ନବାନ ହେବେ। ଏହା ସହିତ ସବୁ ଥାନା ଗୁଡିକ ସହିତ ସଂଯୋଗ ସ୍ଥାପନ କରି ଶିଶୁ ମାନଙ୍କ ସମସ୍ୟା ସହିତ ସମ୍ବେଦନଶୀଳ ହୋଇ କାର୍ଯ୍ୟ କରିବାକୁ ଅଧକ୍ଷା ନିର୍ଦ୍ଦେଶ ଦେଇଥିଲେ। ସେହିପରି ରେଳଯାତ୍ରା କରୁଥିବା ଶିଶୁମାନଙ୍କ ଗତିବିଧି ଉପରେ ରେଳ ଚାଇଲଡ ହେଲ୍ପଲାଇନ, ଜି.ଆର.ପି., ଆର.ପି.ଏଫ୍. ଥାନା ମିଳିତ ଭାବେ କାର୍ଯ୍ୟ କରିବେ। ଯେପରି ଜନସାଧାରଣ ଉଦ୍ଧାର ହୋଇଥିବା ଶିଶୁମାନଙ୍କୁ ବେଆଇନ ହସ୍ତାନ୍ତର ନକରି ଶିଶୁ ମଙ୍ଗଳ କମିଟି କିମ୍ବା ଶିଶୁ ସୁରକ୍ଷା ବ୍ୟବସ୍ଥା ଅନ୍ତର୍ଗତ କାର୍ଯ୍ୟ କରୁଥିବା ବ୍ୟକ୍ତି ଓ ପୋଲିସଙ୍କ ନଜରକୁ ଆଣିବେ। ଚାଇଲ୍ଡ ହେଲ୍ପଲାଇନ ନମ୍ବର ୧୦୯୮ କୁ ଫୋନ କରିବାକୁ ବ୍ୟାପକ ଜନସଚେତନତା କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ପଦକ୍ଷେପ ସହିତ ଏଥର ରଥଯାତ୍ରାକୁ ଶିଶୁ ସୁଲଭ କରାଯିବାକୁ ଅଧକ୍ଷା ସବୁ ବିଭାଗର ସମନ୍ୱୟରେ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ। ଏହି ବୈଠକରେ ଶକ୍ତିପ୍ରଦ ମିଶ୍ର ସଦସ୍ୟ, ଶିଶୁ ମଙ୍ଗଳ ସମିତି ରୋଜାଲିନ ସାହୁ ସଦସ୍ୟା, କିଶୋର ନ୍ୟାୟ ବୋର୍ଡ, ସନ୍ତୋଷ କୁମାର ସେଠୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଦୀପକ ପାଢ଼ୀ ଜିଲ୍ଲା ଶିକ୍ଷା ଅଧିକାରୀ, ନାରାୟଣ ପ୍ରସାଦ ନନ୍ଦ ସ୍ୱାସ୍ଥ୍ୟ ଅଧିକାରୀ, ଆଶୁତୋଷ ସାହୁ ଶ୍ରମ ଅଧିକାରୀ, ତନୁପ୍ରଭା ବେଉରା ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ୟୁନିସେଫ ପ୍ରତିନିଧିଙ୍କ ସମେତ ଚାଇଲ୍ଡ ହେଲ୍ପଲାଇନ ସଂଯୋଜକ କୃଷ୍ଣ ଚନ୍ଦ୍ର ମିଶ୍ର ପ୍ରମୁଖ ସମସ୍ତ ବିଭାଗୀୟ ଅଧିକାରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ହୀରାକୁଦ ବୁଡ଼ି ଜମିରେ ଧାନ କ୍ରୟକୁ ନେଇ ତେଜିଲା ଅସନ୍ତୋଷ: ବିନା ସର୍ତ୍ତରେ କ୍ରୟ ପାଇଁ ଚାଷୀଙ୍କ ଦାବି

ଝାରସୁଗୁଡା, ୦୫/୦୭ (ନି.ପ୍ର): ହୀରାକୁଦ ଜଳଭଣ୍ଡାରର ବୁଡ଼ି ଅଂଚଳରେ ଚାଷ କରୁଥିବା ଚାଷୀଙ୍କଠାରୁ ଧାନ କ୍ରୟ ପୂର୍ବରୁ ଏକ ଘୋଷଣାପତ୍ରରେ ଦସ୍ତଖତ ନେବାକୁ ନେଇ ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକରେ ଅସନ୍ତୋଷ ଦେଖାଦେଇଛି । ଯୋଗାଣ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ଘୋଷଣାପତ୍ରରେ ଆଗାମୀ ବର୍ଷଠାରୁ ସରକାରୀ ଜମି କିମ୍ବା ହୀରାକୁଦ ବୁଡ଼ି ଅଂଚଳରେ ଧାନ ଚାଷ କରି ସମବାୟ ସମିତି ମାଧ୍ୟମରେ ବିକ୍ରି ପାଇଁ ଅନୁରୋଧ କରିବେ ନାହିଁ ବୋଲି ଉଲ୍ଲେଖ ରହିଥିବାରୁ ଚାଷୀମାନେ ଏହାକୁ ସେମାନଙ୍କ ଜୀବିକା ଉପରେ ଆଘାତ ବୋଲି ଅଭିଯୋଗ କରିଛନ୍ତି। ଏହି ସର୍ତମୂଳକ ଘୋଷଣାପତ୍ରକୁ ବିରୋଧ କରି କେଦାର ଭୋଇ, ଶିବୁ ପ୍ରଧାନ, କୃଷ୍ଣଚନ୍ଦ୍ର ବଗାର, ଈଶ୍ୱର ବନିଆ ଓ ଯଶୋବନ୍ତ ଭୋଇଙ୍କ ସମେତ ବହୁ ବୁଡ଼ି ଅଂଚଳର ଚାଷୀ ଶନିବାର ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଚାଷୀମାନଙ୍କ କହିବା ଅନୁସାରେ, ହୀରାକୁଦ ବନ୍ଧ ନିର୍ମାଣ ପରଠାରୁ ପିଢ଼ି ପରେ ପିଢ଼ି ସେମାନେ ବୁଡ଼ି ଜମିରେ ଚାଷ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଏପରି ସ୍ଥିତିରେ ସରକାରଙ୍କ ଏଭଳି ଘୋଷଣା ସେମାନଙ୍କ ଜୀବିକା ସହ ଆଗାମୀ ପିଢ଼ିର ଭବିଷ୍ୟତକୁ ମଧ ପ୍ରଭାବିତ କରିବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି।
ଚାଷୀମାନେ ଏହି ଘୋଷଣାପତ୍ରକୁ ପ୍ରତ୍ୟାହାର କରିବା ସହ ପୂର୍ବବର୍ଷଗୁଡ଼ିକ ଭଳି ବିନା କୌଣସି ସର୍ତରେ ପ୍ରତିବର୍ଷ ବୁଡ଼ି ଜମିର ଧାନ କ୍ରୟ କରିବାକୁ ସରକାରଙ୍କ ନିକଟରେ ଦାବି ଜଣାଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ, ଜଙ୍ଗଲ ଓ ସରକାରୀ ଜମି ଜବରଦଖଲ ଭଳି ଅନ୍ୟାନ୍ୟ ବେଆଇନ କାର୍ଯ୍ୟକଳାପ ଉପରେ କଠୋର ପଦକ୍ଷେପ ନିଆଯାଉ ନଥିବାବେଳେ କେବଳ ବୁଡ଼ି ଅଂଚଳର ଗରିବ ଚାଷୀଙ୍କ ଉପରେ ଏଭଳି ସର୍ତ ଲାଗୁ କରାଯିବା ଅନ୍ୟାୟ ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ଜିଲ୍ଲା ଯୋଗାଣ ଅଧିକାରୀ ଦୁର୍ଗା ଚରଣ ବେସ୍ରାଙ୍କ ପ୍ରତିକ୍ରିୟା ନେବା ପାଇଁ ଯୋଗାଯୋଗର ପ୍ରୟାସ କରାଯାଇଥିଲେ ମଧ ତାଙ୍କ ସହ ସମ୍ପର୍କ ସ୍ଥାପନ ହୋଇପାରି ନଥିଲା।

# ଚମ୍ପୁଆ ବ୍ଲକ କାର୍ଯ୍ୟାଳୟରେ ୱେଟିଂ ରୁମ୍‌ର ଅଭାବ: ଗଛ ମୂଳେ ବସୁଛନ୍ତି ଲୋକେ

ଚମ୍ପୁଆ, ୦୫/୦୭ (ନି.ପ୍ର): ସରକାରୀ ବାବୁଙ୍କ ମନମୁଖୀ କାର୍ଯ୍ୟକଳାପ ଓ କାର୍ଯ୍ୟାଳୟରେ ଅବ୍ୟବସ୍ଥା ଯୋଗୁଁ ଚମ୍ପୁଆ ବ୍ଲକ୍ କାର୍ଯ୍ୟାଳୟରେ ସାଧାରଣ ଲୋକେ ନାହିଁ ନଥିବା ହଇରାଣ ହେଉଛନ୍ତି। ବ୍ଲକ୍ ର ବିଭିନ୍ନ ଦୂରଦୂରାନ୍ତ ପଂଚାୟତରୁ ନିଜର ସରକାରୀ କାମ ପାଇଁ ଆସୁଥିବା ଗରିବ ଲୋକଙ୍କ ପାଇଁ ଏଠାରେ କୌଣସି ବିଶ୍ରାମ ଗୃହ ବା ୱେଟିଂ ରୁମ୍ ର ବ୍ୟବସ୍ଥା ନାହିଁ। ଫଳରେ ଲୋକେ ବାଧ ହୋଇ କାର୍ଯ୍ୟାଳୟ ବାରଣ୍ଡା କିମ୍ବା ବାହାରେ ଥିବା ଗଛ ମୂଳେ ଘଂଟା ଘଂଟା ଧରି ଅପେକ୍ଷା କରୁଥିବା ଦେଖିବାକୁ ମିଳୁଛି। ସୂଚନା ଅନୁସାରେ, ବ୍ଲକ୍ କାର୍ଯ୍ୟାଳୟରେ ଅଧିକାଂଶ ସମୟରେ କର୍ମଚାରୀମାନେ ନିଜ ସିଟ୍ ରେ ଅନୁପସ୍ଥିତ ରହୁଛନ୍ତି। ବିଭିନ୍ନ ଭତା, ରାସନ କାର୍ଡ, ଏବଂ ଆବାସ ଯୋଜନା ଭଳି ଜରୁରୀ କାମ ପାଇଁ ସକାଳୁ ଆସୁଥିବା ଲୋକେ ବାବୁମାନଙ୍କ ଅପେକ୍ଷାରେ ଦିନସାରା ଗଛ ମୂଳେ ବସି ରହୁଛନ୍ତି। ଖରା, ବର୍ଷାରେ ଆଶ୍ରୟ ନେବାକୁ ସେମାନଙ୍କ ପାଇଁ ସେଭଳି କୌଣସି ସୁବିଧା ନାହିଁ। ଏହି ସମ୍ବେଦନଶୀଳ ସମସ୍ୟା ସମ୍ପର୍କରେ ଚମ୍ପୁଆ ବିଡିଓ ସ୍ମୃତି ରଞ୍ଜନ ସାହୁଙ୍କୁ ପଚାରିବାରୁ ସେ ଏକ ବିଚିତ୍ର ଏବଂ ଦାୟିତ୍ୱହୀନ ବକ୍ତବ୍ୟ ଦେଇଛନ୍ତି। ବିଡିଓ କହିଛନ୍ତି ଯେ, ‘ଏଠାରେ ୱେଟିଂ ରୁମ୍ ର କୌଣସି ଆବଶ୍ୟକତା ନାହିଁ। ଲୋକେ ଆସିବେ, ନିଜ ନିଜ କାମ କରି ଚାଲିଯିବେ। ତେବେ ଆବଶ୍ୟକ ସ୍ଥଳେ ଗୋଟିଏ ରୁମ୍ ଅଛି, ସେଥିରେ ଲୋକେ ବସିପାରିବେ। ବିଡିଓ ଗୋଟିଏ ରୁମ୍ ଥିବା କଥା କହୁଥିବା ବେଳେ, ବାସ୍ତବ ସ୍ଥିତି କିନ୍ତୁ ସମ୍ପୂର୍ଣ୍ଣ ଓଲଟା। ଉକ୍ତ ରୁମ୍ ଟି ସଦାସର୍ବଦା ବନ୍ଦ ରହୁଥିବାରୁ ଏହା ଲୋକଙ୍କର କୌଣସି କାମରେ ଆସୁନାହିଁ। ପ୍ରଶାସନର ଏଭଳି ବ୍ୟବସ୍ଥା ଏବଂ ଗରିବ ଲୋକଙ୍କ ପ୍ରତି ଥିବା ଉଦାସୀନ ମନୋଭାବକୁ ନେଇ ଏବେ ସାଧାରଣରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ତୁରନ୍ତ ଏହାର ପ୍ରତିକାର ସହ ଏଠାରେ ଏକ ସ୍ଥାୟୀ ୱେଟିଂ ରୁମ୍ ନିର୍ମାଣ ପାଇଁ ସାଧାରଣରେ ଦାବି ହେଉଛି।

# ବ୍ରାହ୍ମଣୀ ନଦୀ ବନ୍ଧ ରାସ୍ତା ମରାମତିର ଦିନ କେଇଟାରେ ରେନକଟ୍ : ତୁରନ୍ତ ମରାମତି ଦାବି

ଧର୍ମଶାଳା, ୦୫/୦୭ (ନି.ପ୍ର): ସରକାର ଦୂବଳ ନଦୀ ବନ୍ଧର ସୁଦୃଢୀକରଣ ନିମନ୍ତେ କୋଟି କୋଟି ବ୍ୟୟ ଅଟକଳ କରୁଛନ୍ତି । ଏହାର ସ୍ଥାୟୀ ରକ୍ଷଣାବେକ୍ଷଣ ଦାୟିତ୍ୱ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଉଛି । ହେଲେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ଚାଲି ଥିବା ମଧୁଚନ୍ଦ୍ରିକାରେ ନିମ୍ନମାନର କାମ କରାଯାଇଛି । ଯାହାକି ପରୋକ୍ଷରେ ଠିକାଦାରଙ୍କୁ ସୁହାଇଲା ଭଳି କାମ କରାଯାଉଛି । ଯାହାକି ସ୍ଥାନୀୟ ନଦୀ କୂଳିଆ ଲୋକଙ୍କ ଯାତାୟତ ଅବସ୍ଥା ତଥା ପରଂ ତଥା ପୂବଂ ସଦୃଶ ହୋଇଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଜାରକା ଜଳସମ୍ପଦ ବିଭାଗ ଅଧିନରେ ଥିବା ଧର୍ମଶାଳା ବ୍ଲକ ଅବିଭକ୍ତ ଦେଓଦା ଓ ମଙ୍ଗଳପୁର ପଂଚାୟତ ଦେଇ ବହି ଯାଇଥିବା ବ୍ରାହ୍ମଣୀ ନଦୀ ବନ୍ଧ କ୍ଷେତ୍ରରେ । ସାମାନ୍ୟ ବର୍ଷରେ ନଦୀ ବନ୍ଧ ରାସ୍ତାରେ ଦିନ କେଇଟାରେ ରେନକଟ୍ ଦେଖିବାକୁ ମିଳିଛି । ଯାହାକି ଏବେ ଏହାର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ନଦୀ ବନ୍ଧ ପୂର୍ବ ଅବସ୍ଥାକୁ ଫେରି ଆସିବା ସଦୃଶ ହୋଇଛି । ଦେଓଦା ପଂଚାୟତଠାରୁ ମଙ୍ଗଳପୁର ପଂଚାୟତ ଦେଇ ବନ୍ଧଡିହ ଯାଇ ଥିବା ନଦୀ ବନ୍ଧକୁ ସମ୍ପ୍ରସାରଣ ଓ ମରାମତି କାମ ଅତିନିମ୍ନମାନ ହୋଇଥିବା ବେଳେ ଦିନ କେଇଟାରେ ମରାମତି ହୋଇଥିବା ବେଳେ କୋଠିଡିହ ନିକଟରେ ବନ୍ଧ କଡ ଧୋଇରେ ଗଲାଣି । ବନ୍ଧ କଡରେ ବଡବଡ ଗର୍ତ ଦେଖିବାକୁ ମିଳିଛି । ନଦୀ ବନ୍ଧ ପେଟରେ ମାଟି ନ ପକାଇ ଉପରି ଭାଗକୁ କାଟି ଦିଆ ଯାଇଛି । ଫଳରେ ବନ୍ଧର ଉଚ୍ଚତା କମିଯାଇଛି । ଏପରିକ ପୁରୁଣା ଥିବା ପିଚୁକୁ ସମ୍ପୂର୍ଣ୍ଣଭାବେ ଉଠାଯାଇ ନୂତନ ପିଚୁ ପକାଇବା ନିୟମ ରହିଛି । ରାସ୍ତାର ଉଭୟ ପାଶ୍ୱକୁ ୨ଫୁଟ୍ ଲେଖାଏଁ ଖୋଳି ମାଟି ପକାଇବା ସହିତ ଉଭୟ ପାଶ୍ୱର୍କୁ ଅଢେଇ ଫୁଟ୍ ଲେଖାଏଁ ଚଉଡା କରିବା ଓ ଦୃବଳ ସ୍ଥାନମାନଙ୍କରେ ପଥର ପ୍ୟାକିଂ କରିବା ନିୟମ ରହିଛି । ସେହିପରି ରାସ୍ତା ସମ୍ପ୍ରସାରଣ କାର୍ଯ୍ୟପରେ ୬ଇଂଚର ଡବ୍ଲୁବିଏମ୍ ପକାଇ ଭଲ ଭାବେ ରୋଲିଂ କରି ପ୍ରାଇମ୍ କୋଟ କରି ଅତି କମରେ ୨ଟି ସ୍ତରରେ ୩ ଇଂଚରୁ ଉର୍ଦ୍ଧ ମୋଟେଇର ପିଚୁ କରିବା ନିୟମ ରହିଛି । ହେଲେ ଠିକାଦାର ଏସବୁ ନିୟମକୁ ବେଖାତିର କରି ପୂର୍ବ ରାସ୍ତାରେ ପୁରୁଣା ପିଚୁ ଉପରେ ଦେଢରୁ ଦୁଇ ଇଂଚରୁ କମ ପିଚୁ ଢାଳି କାମ ସାରି ଦେଇଥିବା ଅଭିଯୋଗ ହୋଇଛି । ଏପରିକି କାମ ସମୟରେ ବିଭାଗୀୟ ଅଧିକାରୀ ଉପସସ୍ଥିତ ରହି କାମ ତଦାରଖ କରିବା ନିୟମ ରହିଥିବା ବେଳେ ଏଭଳି ନିମ୍ନମାନର କାମକୁ କିଏ ପ୍ରୋତ୍ସାହ୍ନ ଦେଉଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏବେ ମରାମତି ହୋଇଥିବା ନଦୀ ବନ୍ଧ ମାଟି ଧସି ଗଲାଣି । ଯଦି ତୁରନ୍ତ ମରାମତି କରା ନ ଗଲେ ଉକ୍ତ ପିଚୁ ରାସ୍ତା ଧୋଇରେ ଯିବା ସମ୍ଭାବନା ରହିଛି । ତୁରନ୍ତ ବନ୍ଧରେ ମାଟି କିମ୍ବା ଡଷ୍ଟ ଗୁଣ୍ଡ ପକାଇବାକୁ ନଦୀ କୂଳିଆ ଲୋକେ ଦାବି କରିଛନ୍ତି ।

## ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ରୂପା ଗହଣା ଚୋରି

ଗଞ୍ଜାମ, ୦୫/୦୭ (ନି.ପ୍ର): ତାରସିଙ୍ଗି ଥାନା ବେଙ୍ଗସର କୁଡୁତାଇ ମୁଖ୍ୟ ରାସ୍ତାରେ ଥିବା ରାଜା ଜୁଏଲର୍ସରୁ ବହୁ ଲକ୍ଷ ଟଙ୍କାର ସୁନା ରୂପା ଚୋରି ହୋଇଛି । ଏନେଇ ମାଲିକ ସିମାଞ୍ଚଳ ଆଚାରୀ ପୋଲିସ ଥାନାରେ ଅଭିଯୋଗ କରିଛନ୍ତି। ୩୦୦ଗ୍ରାମ ସୁନା ଓ ୮ କିଲୋଗ୍ରାମରୁ ଅଧିକ ରୂପା ଅଳଂକାର ଚୋରି ହୋଇଥିବା ଅଭିଯୋଗ କରାଯାଇଛି। ରାତିରେ ଦୋକାନ ବନ୍ଦ ଥିଲା ବେଳେ ଚୋରମାନେ ଛାତ ଉପରକୁ ଯାଇ ସିଡ଼ିରେ ଘର ଭିତରେ ପଶି ସୁନାରୂପା ଅଳଙ୍କାର ଲୁଟି ନେଇଥିବା ଜଣାପଡିଛି। ଅଭିଯୋଗକୁ ଭିତିକରି ପୁଲିସ ଜୋରଦାର ତଦନ୍ତ କରୁଛି।

# ମୟୂରଭଞ୍ଜ କଲେଜ ଅଫ ଏକାଉଣ୍ଟନସୀ ଆଣ୍ଡ ମ୍ୟାନେଜମେଣ୍ଟରେ ବନମହୋତ୍ସବ ପାଳିତ : ମାସବ୍ୟାପୀ ବୃକ୍ଷରୋପଣ ଅଭିଯାନର ଶୁଭାରମ୍ଭ




ବାରିପଦା, ୦୫/୭ (ନି.ପ୍ର): ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ (ଏମ୍ସିଏଏମ୍), ମହାରାଜପୁରସ୍ଥିତ ମହା ବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍) ୟୁନିଟ୍ ପକ୍ଷରୁ ବନମହୋତ୍ସବ କାର୍ଯ୍ୟକ୍ରମ ଉତ୍ସାହର ସହ ପାଳନ କରାଯାଇଛି। ପରିବେଶ ସୁରକ୍ଷା, ସବୁଜିମାର ବିକାଶ ଏବଂ ବୃକ୍ଷରୋପଣ ସମ୍ପର୍କରେ ସାମାଜିକ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ ସଭାରେ ଅଧ୍ୟକ୍ଷତା କରି କହିଥିଲେ ଯେ, ବୃକ୍ଷ କେବଳ ପରିବେଶର ସନ୍ତୁଳନ ରକ୍ଷା କରେ ନାହିଁ, ବରଂ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଓ ସବୁଜ ପୃଥିବୀ ଗଠନରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ପ୍ରତ୍ୟେକ ଛାତ୍ରଛାତ୍ରୀ ପ୍ରତିବର୍ଷ ଅତି କମରେ ଗୋଟିଏ ବୃକ୍ଷ ରୋପଣ କରି ତାହାର ଯତ୍ନ ନେବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ପ୍ରଫେସର ଡ଼. ବନଜା ମହାନ୍ତି, ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଡ଼. ପୁଷ୍ପା ପାତ୍ର, କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ର ସମ୍ପର୍କ ନିର୍ଦ୍ଦେଶକ ଡ଼. ରାଜେନ୍ଦ୍ର କୁମାର ଦାସ, କିଟ୍ ବିଶ୍ୱବିଦ୍ୟାଳୟର ବୈଦ୍ୟୁତିକ ଯାନ୍ତ୍ରିକ ବିଭାଗର ନିର୍ଦ୍ଦେଶକ ଡ଼. ଚିନ୍ମୟ କୁମାର ପାଣିଗ୍ରାହୀ ଏବଂ ରାଇରଙ୍ଗପୁର କଲେଜର ପୂର୍ବତନ ଅଧ୍ୟକ୍ଷ ଡ଼. ସୁନୀଲ କୁମାର ଜେନା ଯୋଗଦେଇ କ୍ୟାମ୍ପସରେ ବିଭିନ୍ନ ପ୍ରଜାତିର ବୃକ୍ଷରୋପଣ କରିଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ କହିଥିଲେ ଯେ, ବିଶ୍ୱ ଉଷ୍ମତା ବୃଦ୍ଧି, ଜଳବାୟୁ ପରିବର୍ତ୍ତନ ଏବଂ ପରିବେଶ ପ୍ରଦୂଷଣ ଭଳି ସମସ୍ୟାର ମୁକାବିଲା ପାଇଁ ବୃକ୍ଷରୋପଣ ଏକ ପ୍ରଭାବଶାଳୀ ମାଧ୍ୟମ। କେବଳ ଗଛ ଲଗାଇବା ନୁହେଁ, ବରଂ ତାହାର ସୁରକ୍ଷା ଓ ଯତ୍ନ ନେବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୫୦ରୁ ଅଧିକ ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ସୁଶ୍ରୀ ନାୟକ ସୂଚନା ଦେଇଥିଲେ ଯେ, ବନମହୋତ୍ସବକୁ କେବଳ ଗୋଟିଏ ଦିନରେ ସୀମିତ ନ ରଖି ଆଗାମୀ ଏକ ମାସ ଧରି ବୃକ୍ଷରୋପଣ ଓ ସଚେତନତା ଅଭିଯାନ ଚାଲିବ। ଏହି ଅଭିଯାନ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଗ୍ରାମାଞ୍ଚଳରେ ବୃକ୍ଷରୋପଣ ସହ ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ।

## ବିବାହର ପ୍ରଲୋଭନ ଦେଖାଇ ପ୍ରତାରଣା: ଯୁବକ ଗିରଫ

ଜୟପୁର, ୦୫/୭ (ନି.ପ୍ର): ଜଣେ ଯୁବତୀକୁ ବିବାହର ପ୍ରଲୋଭନ ଦେଖାଇ ପ୍ରତାରଣା କରିଥିବା ନେଇ ଅଭିଯୁକ୍ତକୁ ଗିରଫ କରିଛି କୋରାପୁଟ ଜିଲ୍ଲା ଜୟପୁର ମହିଳା ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା କୋରାପୁଟ ସଦର ଥାନା ଅନ୍ତର୍ଗତ ବାଣୁଆଗୁଡା, ନନ୍ଦି ଗାଁ ର ମନୋଜ କନ୍ଦପାନ (୧୯) ।

ଜୟପୁର ମହିଳା ପୋଲିସ ସୂଚନା ଅନୁଯାୟୀ, ଜଣେ ଯୁବତୀକୁ ବିବାହର ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିଥିଲା । ପରେ ଅଭିଯୁକ୍ତ ଜଣକ ବିବାହ କରିବାକୁ ମନା କରିବାରୁ ମହିଳା ଜଣକ ଏନେଇ ଜୟପୁର ମହିଳା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତି କରି ମହିଳା ପୋଲିସ ୧୦୦/୨୬ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି ।

# ଇକୋ ଫ୍ରେଣ୍ଡସ୍ ଓ ଏପେକ୍ସ୍ ଫରେଷ୍ଟ ପ୍ରୋଟେକ୍ସନ୍ କମିଟି ଆନୁକୂଲ୍ୟରେ ଆଦର୍ଶ ବିଦ୍ୟାଳୟରେ ବନମହୋତ୍ସବ ପାଳିତ




ବୈଶିଙ୍ଗା, ୦୫/୭ (ନି.ପ୍ର): ଇକୋ ଫ୍ରେଣ୍ଡସ ଓ ଏପେକ୍ସ୍ ଫରେଷ୍ଟ ପ୍ରୋଟେକ୍ସନ୍ କମିଟି ଏବଂ ଆଦର୍ଶ ବିଦ୍ୟାଳୟ ରେ ମିଳିତ ସହଯୋଗରେ ୭୭ ତମ ବନ ମହୋତ୍ସବ ଡକ୍ଟର ଶ୍ୟାମ ସୁନ୍ଦର ଦାସଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ମହେନ୍ଦ୍ର କୁମାର ମହାନ୍ତି ଯୋଗଦେଇ ବନମହୋତ୍ସବ ପାଳନ ର ତାତ୍ପର୍ଯ୍ୟ ପ୍ରକୃତି ଏବଂ ପରିବେଶ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବରେ ସେଭ ଏଲିଫ୍ୟାଣ୍ଟ ଫାଉଣ୍ଡେସନ୍ ର ଚେୟାରମ୍ୟାନ ଡକ୍ଟର ରଜନୀ କାନ୍ତ ଜେନା, ବି ଏସ୍ ଏନ୍ ଏଲ୍ ର ପ୍ରାକ୍ତନ ଡି ଜି ଏମ୍ ବ୍ରହ୍ମକୁମାରୀ ଗୀତା ସ୍ୱାଇଁ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବରେ ଓଡିଶା ସରକାରଙ୍କ ପ୍ରାକ୍ତନ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ଲୋକାୟୁକ୍ତ ସଦସ୍ୟ ଡକ୍ଟର ଦେବବ୍ରତ ସ୍ୱାଇଁ ଯୋଗଦାନ କରି ପରିବେଶ ସୁରକ୍ଷାରେ ଛାତ୍ରଛାତ୍ରୀ ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହି ପ୍ରକୃତି ପରିବେଶ ଗଛ ଲତା ଜୀବଜନ୍ତୁ ମାନଙ୍କର ସେବା, ସୁରକ୍ଷା ଓ ବିକାଶ ପାଇଁ ଶପଥ ପାଠ କରାଇଥିଲେ । ବିଶିଷ୍ଟ ବକ୍ତା ଭାବରେ ମୟୂରଭଞ୍ଜ ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା, ସମ୍ମାନିତ ବକ୍ତା ଭାବରେ ବେତନଟି ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଶ୍ରୀମତୀ ସଂଯୁକ୍ତା ଜୀ ଯୋଗଦାନ କରି ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣର ଉପାଦେୟତା ବିଷୟରେ ବୁଝାଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ଏବଂ କୁଇଜ୍ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ । ଜାତୀୟ ସବୁଜ ବାହିନୀର ମାଷ୍ଟର ଟ୍ରେନର ତଥା ଇକୋ ଫ୍ରେଣ୍ଡସ୍ ଏପେକ୍ସ୍ ଫରେଷ୍ଟ ପ୍ରଟେକସନ କମିଟିର କାର୍ଯ୍ୟକାରୀ ସମ୍ପାଦକ ଡକ୍ଟର ରମାକାନ୍ତ ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ । ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ତୁଷାରକାନ୍ତ ମହାପାତ୍ର, କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଶିକ୍ଷୟିତ୍ରୀ ସ୍ୱାଗତିକା ମହାନ୍ତି,ଧନ୍ୟବାଦ ଅର୍ପଣ କରିଥିଲେ କ୍ରୀଡା ଶିକ୍ଷକ ସନ୍ତୋଷ କୁମାର ବେହୁରିଆ । ଶେଷରେ ଅତିଥିମାନେ ଛାତ୍ରଛାତ୍ରୀ ମାନଙ୍କ ସହିତ ମିଶି ବିଦ୍ୟାଳୟ ପରିସରରେ ସାମୁହିକ ବୃକ୍ଷ ରୋପଣ କରିଥିଲେ । ଏଥି ସହିତ ବୈଶିଙ୍ଗା ମିଡିଆ ସେଣ୍ଟରର ସଦସ୍ୟ ମାନେ ଯୋଗ ଦେଇଥିଲେ । ଆଦର୍ଶ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ,ଶିକ୍ଷକ ଶିକ୍ଷୟତ୍ରୀ ମାନେ ସହଯୋଗ କରିଥିଲେ ।

# ବାଲେଶ୍ୱର ଜିଲ୍ଲାର ଚିଠା ଭୋଟର ତାଲିକା ପ୍ରକାଶିତ



ବାଲେଶ୍ୱର, ୦୫/୭ (ନି.ପ୍ର): ଭାରତ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଅନୁଯାୟୀ ଆଜି ସନ୍ଧ୍ୟା ୫.୩୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲାର ଚିଠା ଭୋଟର ତାଲିକା ଆନୁଷ୍ଠାନିକ ଭାବେ ପ୍ରକାଶ ପାଇଛି। ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ସର୍ବଦଳୀୟ ବୈଠକରେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏହି ଚିଠା ଭୋଟର ତାଲିକା ଉନ୍ମୋଚିତ ହୋଇଯାଇଛି ।ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଜିଲ୍ଲାର ସମସ୍ତ ପ୍ରମୁଖ ଓ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ସଭାପତି, ସମ୍ପାଦକ ଏବଂ ବରିଷ୍ଠ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ସ୍ୱାଗତ କରିବା ସହ ଏକ ସ୍ୱଚ୍ଛ, ନିର୍ଭୁଲ ଓ ସମୃଦ୍ଧ ଭୋଟର ତାଲିକା ପ୍ରସ୍ତୁତ କରିବାରେ ସେମାନଙ୍କର ସହଯୋଗ କାମନା କରିଥିଲେ। ଏହାପରେ ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ଚିଠା ଭୋଟର ତାଲିକାର ହାର୍ଡ କପି ସମସ୍ତ ରାଜନୈତିକ ଦଳର ସଭାପତି ଓ ପ୍ରତିନିଧିମାନଙ୍କୁ ପ୍ରଦାନ କରାଯାଇଥିଲା। ଜିଲ୍ଲା ନିର୍ବାଚନ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଏହି ଚିଠା ଭୋଟର ତାଲିକାରେ ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀର ମୋଟ ଭୋଟରଙ୍କ ସଂଖ୍ୟା ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରାଯାଇଛି। ବିଗତ ଦିନରେ ବୁଥ୍ ସ୍ତରୀୟ ଅଧିକାରୀମାନଙ୍କ ଦ୍ୱାରା ଘରକୁ ଘର ବୁଲି କରାଯାଇଥିବା ସର୍ଭେ ଆଧାରରେ ନୂତନ ଭୋଟରଙ୍କ ନାମ ସାମିଲ ଏବଂ ମୃତ ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦିଆଯାଇ ଏହି ଚିଠା ତାଲିକା ପ୍ରସ୍ତୁତ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ସୂଚନା ଦେଇଛନ୍ତି ଯେ, ଆଜି ଅର୍ଥାତ୍ ୫ ଜୁଲାଇ ୨୦୨୬ ଠାରୁ ଏହି ଚିଠା ଭୋଟର ତାଲିକା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉପଲବ୍ଧ ହେବ। ଯଦି କୌଣସି ଯୋଗ୍ୟ ନାଗରିକଙ୍କ ନାମ ଏହି ତାଲିକାରେ ସ୍ଥାନ ପାଇନାହିଁ କିମ୍ବା କାହାର ନାମ, ବୟସ, ଠିକଣା ବା ଫଟୋରେ କିଛି ତ୍ରୁଟି ରହିଛି, ତେବେ ସେମାନେ ସଂଶୋଧନ ପାଇଁ ଆବେଦନ କରିପାରିବେ। ଆଗାମୀ ଏକ ମାସ ପର୍ଯ୍ୟନ୍ତ (ଅର୍ଥାତ୍ ଅଗଷ୍ଟ ୪, ୨୦୨୬ ପର୍ଯ୍ୟନ୍ତ) ଦାବି ଓ ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ଶ୍ରୀଯୁକ୍ତ ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ, ଡେପୁଟି କଲେକ୍ଟର, ନିର୍ବାଚନ ସୁଶ୍ରୀ ସମୀକ୍ଷା ବେହୁରାଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ ପଦାଧିକାରୀ ଏବଂ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ଜୟପୁରରେ ଲଗାଣ ବର୍ଷାରେ ଭାଙ୍ଗିଲା ୫ଟି ଘର

ଜୟପୁର, ୦୫/୭ (ନି.ପ୍ର): ଲଗାଣ ବର୍ଷାରେ ବେହାଲ ଜୟପୁର । ତୁହାକୁ ତୁହା ବର୍ଷାରେ ଜନ ଜୀବନ ଅବସ୍ତବ୍ୟସ୍ତ ହୋଇପଡିଛି । ବର୍ଷାରେ ଜୟପୁର ତହସିଲ ଅଂଚଳରେ ୫ଟି ଘର ଭାଙ୍ଗିଥିବା ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି । ଜୟପୁର ତହସିଲର କୁମ୍ଭାରପୁଟ, ସୌରାଗୁଡା, ବାମୁଣିପୁଟ, ପଡପଡା, ବୋରିପୁଟରେ ଘର ଭାଙ୍ଗିଛି । ଘର ଭାଙ୍ଗିଥିବା ଘର ମାଲିକଙ୍କୁ ପ୍ରଶାସନ ତରଫରୁ ପଲିଥିନ ପ୍ରଦାନ କରାଯାଇଛି । ଜୟପୁରରେ ଲଗାଣ ବର୍ଷା ।

# ମଣିପୁରର ବିଭିନ୍ନ ଅଂଚଳରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ଉଦ୍ଧାର

ନୂଆଦିଲ୍ଲୀ,୫/୭ : ମଣିପୁର ପୋଲିସ ଏବଂ କେନ୍ଦ୍ରୀୟ ସୁରକ୍ଷା ବାହିନୀ ଆତଙ୍କବାଦୀ, ନିଶାଦ୍ରବ୍ୟ ଚୋରା ଚାଲାଣକାରୀ ଏବଂ ଅନ୍ୟ ଅପରାଧୀଙ୍କ ବିରୋଧରେ ଅପରେସନ ଜାରି ରଖିଛନ୍ତି। ଏଥି ସହିତ ଆଭ୍ୟନ୍ତରୀଣ ଏବଂ ଦୁର୍ଗମ ଅଂଚଳରେ ଲୁକ୍କାୟିତ ଅସ୍ତ୍ରଶସ୍ତ୍ର ଏବଂ ଗୁଳିଗୋଳା ଉଦ୍ଧାର କରିବା ପାଇଁ ଏକ ବ୍ୟାପକ ଅପରେସନ ମଧ୍ୟ ଚାଲିଛି। ମଣିପୁର ପୋଲିସ ମୁଖ୍ୟାଳୟ ଦ୍ୱାରା ଜାରି ଏକ ସରକାରୀ ବିବୃତ୍ତିରେ କୁହାଯାଇଛି ଯେ ଗତ ୨୪ ଘଂଟା ମଧ୍ୟରେ, ପୃଥକ ଅପରେସନରେ ବିପୁଳ ପରିମାଣର ବେଆଇନ ଅସ୍ତ୍ରଶସ୍ତ୍ର ଉଦ୍ଧାର ହୋଇଛି, ଏବଂ ବେଆଇନ ଜବରଦଖଲରେ ସମ୍ପୃକ୍ତ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। ଶନିବାର ଦିନ ମଣିପୁର ପୋଲିସ ଇମ୍ଫାଲ ପୂର୍ବ ଏବଂ ଇମ୍ଫାଲ ପଶ୍ଚିମ ଜିଲ୍ଲାର ବିଭିନ୍ନ ଅଂଚଳରୁ କେସିପି (ପିଡବ୍ଲ୍ୟୁଜି) ର ତିନି ଜଣ ସକ୍ରିୟ ସଦସ୍ୟଙ୍କୁ (ଯେଉଁମାନେ ଚାଁଦାବାଜି କରୁଥିଲେ) ଗିରଫ କରିଥିଲା। ସେମାନେ ହେଲେ ନିଙ୍ଗୋମ୍ବାମ ଅଜିତକୁମାର ସିଂହ ଓରଫ ଅବୁଙ୍ଗ ଓରଫ ଖାଗେମ୍ବା (୪୬), ଲାଇଶରାମ ସୁରଜିତ ମେଇତେଇ ଓରଫ କଦମ୍ବା (୪୩) ଏବଂ ଲାଇଶରାମ ବିରଜିତ ସିଂହ ଓରଫ ଖୁମାନ (୩୫)। ସେମାନଙ୍କଠାରୁ ଏକ ହୋଣ୍ଡା ଆକ୍ଟିଭା ସ୍କୁଟର (ଏମଏନ-୦୧ଏଏଲ-୪୭୫୭) ଏବଂ ଅନ୍ୟାନ୍ୟ ସାମଗ୍ରୀ ଉଦ୍ଧାର କରାଯାଇଛି। ହିଦିନ ଅନ୍ୟ ଏକ ଅପରେସନରେ ମଣିପୁର ପୋଲିସ ଥୌବଲ ଜିଲ୍ଲାର ହିରୋକ ଥାନା ଅନ୍ତର୍ଗତ ସାଲୁଙ୍ଗଫାମ ୟୁୟୋକ ଚିଙ୍ଗ ପାହାଡ଼ର ଶୀର୍ଷରୁ ଦୁଇଟି ବେରେଟା ପିସ୍ତଲ, ମାଗାଜିନ ସହିତ ଦୁଇଟି ପିସ୍ତଲ ଏବଂ ଗୁଳିଗୋଳା ଉଦ୍ଧାର କରିଥିଲା। ଏଥିରେ ୩୨ଟି ପିସ୍ତଲ, ପ୍ରତ୍ୟେକଟିରେ ମାଗାଜିନ, ଦୁଇଟି ସିଙ୍ଗଲ୍ ବ୍ୟାରେଲ ଗନ୍, ୧୨ଟି ଗ୍ରେନେଡ୍, ସାତଟି ଭିନ୍ନ ଭିନ୍ନ ଅସ୍ତ୍ର ମାଗାଜିନ, ୧୨୪୨ଟି ଭିନ୍ନ ଭିନ୍ନ କ୍ୟାଲିବର କାଟ୍ରିଜ୍ ରହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଏସ୍ଆଇଆର : ଓଡ଼ିଶା ...

ନାମ ଚିଠା ଭୋଟର ତାଲିକାରୁ ବାଦ୍ ପଡ଼ିଛି। ଏହି ଉତ୍ତର-ପୂର୍ବ ରାଜ୍ୟରେ ମୋଟ ୪୬ ହଜାର ୧୬୨ ଭୋଟରଙ୍କ ନାଁ ଚିଠା ତାଲିକାରୁ ବାଦ୍ ପଡ଼ିଛି। ଏସ୍ଆଇଆର ପୂର୍ବରୁ ରାଜ୍ୟରେ ଭୋଟରଙ୍କ ସଂଖ୍ୟା ୮ ଲକ୍ଷ ୭୫ ହଜାର ଥିବାବେଳେ ବର୍ତ୍ତମାନ ଏହା ୮ ଲକ୍ଷ ୨୮ ଲକ୍ଷକୁ ଖସି ଆସିଛି। ସିକ୍କିମରେ ସର୍ବାଧିକ ୮% ଭୋଟର ଚିଠା ତାଲିକାରୁ ବାଦ୍ ପଡ଼ିଛନ୍ତି। ରାଜ୍ୟରେ ମୋଟ ଭୋଟର ସଂଖ୍ୟା ପୂର୍ବରୁ ୪ ଲକ୍ଷ ୭୧ ହଜାର ଥିବାବେଳେ ୩୭ ହଜାର ୭୨୪ ଜଣଙ୍କ ନାଁ ବାଦ୍ ପଡ଼ିବା ପରେ ବର୍ତ୍ତମାନ ୪ ଲକ୍ଷ ୩୩ ହଜାର ଭୋଟର ଅଛନ୍ତି। ଏହି ଚାରି ରାଜ୍ୟର ଚୂଡ଼ାନ୍ତ ଭୋଟର ତାଲିକା ଆସନ୍ତା ସେପ୍ଟେମ୍ବର ୬ ତାରିଖରେ ପ୍ରକାଶ ପାଇବ। ଆଗାମୀ ଗୋଟିଏ ମାସ ମଧ୍ୟରେ ଲୋକମାନେ ତାଲିକାରୁ ଭୋଟରଙ୍କୁ ଯୋଡିବା କିମ୍ବା ବାଦ୍ ଦେବା ପାଇଁ ସେମାନଙ୍କର ଦାବି ଓ ଆପତ୍ତି ଦାଖଲ କରିପାରିବେ। ନୂତନ ଭୋଟରମାନେ ମଧ୍ୟ ସେମାନଙ୍କର ଅନ୍ତର୍ଭୁକ୍ତି ପାଇଁ ଆବେଦନ ଦାଖଲ କରିପାରିବେ।

### ବଜ୍ରପାତ ପଦାରେ ...

ଜୀବନ ସିନା ବଞ୍ଚିଗଲା, ହେଲେ ଆଖି ଆଗରେ ଜଳିଗଲା ଜୀବନର ସବୁ ସଞ୍ଚିତ ସମ୍ବଳ। ସବୁଠାରୁ ଦୁଃଖର କଥା ହେଉଛି ପରିବାରରେ ଅଛନ୍ତି ଦୁଇ ଦୁଇଟି ଦିବ୍ୟାଙ୍ଗ ପିଲା। ପ୍ରଶାସନ ପକ୍ଷରୁ ମୁଣ୍ଡ ଗୁଞ୍ଜିବା ପାଇଁ କେବଳ ମାତ୍ର ଦୁଇଖଣ୍ଡ ପଲିଥିନ ଯୋଗାଇ ଦିଆଯାଇଛି। କିନ୍ତୁ ଏହା ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ନୁହେଁ। ଅଗ୍ନିକାଣ୍ଡରେ ଆସବାବପତ୍ର, ପିନ୍ଧା କପଡ଼ାଠାରୁ ଆରମ୍ଭ କରି ବର୍ଷକର ଆହାର ପାଇଁ ରଖାଯାଇଥିବା ଧାନ ଓ ଚାଉଳ ମଧ୍ୟ ପୋଡ଼ି ପାଉଁଶ ହୋଇଯାଇଛି। ଦୁର୍ଭାଗ୍ୟର କଥା ହେଉଛି, ରାସନ କାର୍ଡ ଏବଂ ପାସ୍ ବୁକ୍ ମଧ୍ୟ ନିଆଁର ଗ୍ରାସରୁ ବର୍ତ୍ତି ପାରିନାହିଁ। ସୋନପୁରର ଏହି ଦୃଶ୍ୟ ବ୍ୟବସ୍ଥାର ଅସଲ ଚିତ୍ରକୁ ପଦାରେ ପକାଇଛି। ଆଜି ବି କେମିତି ବହୁ ସଂଖ୍ୟାରେ ଲୋକ ପ୍ରଧାନମନ୍ତ୍ରୀ ଆବାସ କିମ୍ବା ସରକାରଙ୍କ ଅନ୍ୟ କୌଣସି ଯୋଜନାରେ ପକା ଘର ଖଣ୍ଡିଏ ପାଇନାହାନ୍ତି ତାହା ସ୍ପଷ୍ଟ ହୋଇଛି। ସବୁଠାରୁ ଦୁଃଖର କଥା ହେଉଛି ପରିବାରରେ ଅଛନ୍ତି ଦୁଇ ଦୁଇଟି ଦିବ୍ୟାଙ୍ଗ ପିଲା। ପ୍ରଶାସନ ପକ୍ଷରୁ ମୁଣ୍ଡ ଗୁଞ୍ଜିବା ପାଇଁ କେବଳ ମାତ୍ର ଦୁଇଖଣ୍ଡ ପଲିଥିନ ଯୋଗାଇ ଦିଆଯାଇଛି। କିନ୍ତୁ ଏହା ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ନୁହେଁ। ଏସଡିଆରଏଫ୍ ଫଣ୍ଡରୁ ବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଏବଂ ଗୃହ ନିର୍ମାଣ ପାଇଁ ଆର୍ଥିକ ରାଶି ଯୋଗାଇ ଦେବାକୁ ନିବେଦନ କରିଛନ୍ତି ସରପଞ୍ଚ।

### ଚାଉଳିଆଗଞ୍ଜ ଆଇଆଇସିଙ୍କ ...

ଏପରିକି ତାଙ୍କର ସୋସିଆଲ ମିଡିଆ ଏବଂ ହ୍ୱାଟ୍ସଆପ୍ ଚାଟ୍ରୁ କିଛି ତଥ୍ୟ କାଢ଼ିବାକୁ ପୁଲିସ ଉଦ୍ୟମ କରୁଛି। ମୃତ ଆଇଆଇସିଙ୍କୁ ସ୍ୱାମୀ, ଭଉଣୀ, ଦେଢ଼ସୁର ପରିବାର ପରିଜନଙ୍କୁ ପଚରା ଉଚରା କରାଯାଇଛି। ଖୁବ୍ ଶୀଘ୍ର ପୋଷ୍ଟ ମର୍ଟମ ରିପୋର୍ଟ ଦେବାକୁ କୁହାଯାଇଛି। ତେବେ ନିରପେକ୍ଷ ତଦନ୍ତ ଦାବି କରିଛି ପୁଲିସ୍ ଅଫିସର ସଂଘ। ଗତକାଲି ବ୍ୟୁଟିଙ୍କ ସ୍ୱାମୀ ପୁଲିସ୍ ବିଭାଗର ଚାପ କଥା ଉଠାଇଥିବାବେଳେ ସନ୍ଦେହ କରିଛନ୍ତି ଅବସରପ୍ରାପ୍ତ ପୁଲିସ୍ କର୍ମଚାରୀ। ମାମଲାକୁ କାର୍ଯ୍ୟଭାର ଜନିତ ଚାପ କହି ଚପାଇ ନଦେଇ ସବୁ ଦିଗରୁ ତଦନ୍ତ କରିବାକୁ ଦାବି କରିଛନ୍ତି। ଆଇଆଇସିଙ୍କ ସନ୍ଦେହଜନକ ମୃତ୍ୟୁ ପରେ ପୁଲିସ ବିଭାଗରେ ଚାଂଚଲ୍ୟ ଖେଳି ଯାଇଛି।

### ସେଲ୍ଫି ନେବା ନିଶା...

ନିକଟ ମହିମା ନଗରରେ ରହୁଥିବା ଜଗତସିଂହପୁର ଜିଲ୍ଲା କୃଷ୍ଣନନ୍ଦପୁର ଥାନା ଅଧୀନ ଲଙ୍କାପଡ଼ା ବାସିନ୍ଦା ପ୍ରଦୀପ୍ତ ସ୍ୱାଇଁଙ୍କ ପୁଅ ପ୍ରତ୍ୟୁଷ, କଟକ ସିଆରଆରଇ ଥାନା ଅଧୀନ ନୟାବଜାର ପୋଟାପଖରୀ ବାସିନ୍ଦା ନରୋତ୍ତମ ସାହୁଙ୍କ ପୁଅ ଅଜିତ ସାହୁ, ମଧୁପାଟଣା ଥାନା ଅଧୀନ ବେଲେଶ୍ୱର ବାସନ୍ଦା ମୁକ୍ତି ପ୍ରସାଦ ଦାସ ଏବଂ କଲ୍ୟାଣୀ ନଗରର ଅମ୍ଳାନ ପ୍ରସାଦ ନାୟକ ଗାଧୋଇବା ପାଇଁ ଯାଇଥିଲେ। ସେଠାରେ ସେମାନେ ଗାଧୋଉଥିବା ବେଳେ ଅମ୍ଳାନ ଜଳର ଗଭୀରତା ଜାଣିପାରି ନିୟନ୍ତ୍ରଣ ହରାଇଥିଲେ। ତେଣୁ ଅମ୍ଳାନଙ୍କୁ ବଞ୍ଚାଇବା ପାଇଁ ଅନ୍ୟ ତିନି ଜଣ ସାଙ୍ଗ ଉଦ୍ୟମ କରିଥିଲେ। ଅମ୍ଳାନ କିନ୍ତୁ କୌଣସି ପ୍ରକାରରେ ସୁରକ୍ଷିତ ଭାବେ ସ୍ଥଳଭାଗକୁ ଫେରି ଆସିଥିଲେ। କିନ୍ତୁ ପ୍ରତ୍ୟୁଷ, ଅଜିତ ଏବଂ ମୁକ୍ତି ପ୍ରସାଦ ପାଣିରେ ଭାସି ଯାଇଥିଲେ। କଟକ ଜିଲ୍ଲା ଜଗତପୁର ଖଇରା ବ୍ରିଜ ସାତବାଟିଆ ନିକଟ ମହାନଦୀରେ ଏହି ଅଘଟଣ ଘଟିଥିଲା। ପ୍ରବଳ ଗରମ ଏବଂ ଗୁଳୁଗୁଳିରୁ ଆଶ୍ୱସ୍ତି ପାଇବା ଆଶାରେ ଗାଧୋଇବାକୁ ଯାଇଥିବା ୩ଜଣ ଛାତ୍ରଙ୍କର ମୃତ୍ୟୁ ଘଟିଥିଲା। ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିଲା।

### ମୋଦୀଙ୍କୁ ନେଇ ପାକ୍ ...

ବୈଦେଶିକ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ, ଏପରି ଅଭିଯୋଗର କୌଣସି ଆଧାର ନାହିଁ ଏବଂ ଭାରତ ଏଭଳି ବକ୍ତବ୍ୟକୁ ଗୁରୁତ୍ୱ ଦେଉନାହିଁ। ଜୟସ୍ୱାଲ କହିଛନ୍ତି, ଖ୍ୱାଜା ଆସିଫ୍ଙ୍କ ବକ୍ତବ୍ୟ ଦାୟିତ୍ୱହୀନ ଓ ଅସଙ୍ଗତ। ଏହା କେବଳ ତାଙ୍କର ଈର୍ଷା ଓ ହତାଶାକୁ ପ୍ରକାଶ କରୁଛି। ଭାରତ ଆହୁରି କହିଛି ଯେ, ଆତଙ୍କବାଦ ବିରୋଧରେ ଆମର ନୀତି ସ୍ପଷ୍ଟ ଓ ଦୃଢ଼। ଦେଶର ସାର୍ବଭୌମତ୍ୱ ଓ ସୁରକ୍ଷା ସହ ଜଡ଼ିତ ପ୍ରସଙ୍ଗରେ କୌଣସି ପ୍ରକାର ସାଲିସ କରାଯିବ ନାହିଁ। ପାକିସ୍ତାନ ଯଦି ଦ୍ୱିପାକ୍ଷିକ ସମ୍ପର୍କରେ ସୁଧାର ଚାହୁଁଛି, ତେବେ ପ୍ରଥମେ ସୀମାପାର ଆତଙ୍କବାଦ ବନ୍ଦ କରିବା ସହ ଉତ୍ତେଜନାମୂଳକ ବୟାନରୁ ଦୂରେଇ ରହିବା ଆବଶ୍ୟକ।

### ଭିଜିଲାନ୍ସ ଜାଲରେ ...

ପିସିକଲଚରରେ ମାଛ ଚାଷ କରିବା ପାଇଁ ଆବଶ୍ୟକ ଚୁକ୍ତିନାମାରେ ସରପଞ୍ଚଙ୍କ ସ୍ୱାକ୍ଷର ଓ ଜିଲ୍ଲା ମତ୍ସ୍ୟ ବିଭାଗ ପାଖରୁ ସବସିଡି ଅନୁମୋଦନ ପାଇଁ ସୁପାରିଶ କରିବାକୁ ୪୦ ହଜାର ଟଙ୍କା ଦାବି କରିଥିଲେ। ତେବେ ସମ୍ପୃକ୍ତ ଏସଏଚଜିର କର୍ମକର୍ତ୍ତା ଏତେ ପରିମାଣର ଟଙ୍କା ଦେବାରେ ଅକ୍ଷମତା ପ୍ରକାଶ କରିଥିଲେ। ଶେଷରେ ମୁଲଚାଲ କରି ୨୦ ହଜାର ଟଙ୍କାରେ କଥା ଛିଣ୍ଡିଥିଲା। ଏହାପରେ ସଂପୃକ୍ତ ଏସଏଚଜିର କର୍ମକର୍ତ୍ତା ସମ୍ବଲପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ରବିବାର ନିରନ୍ତର ବର୍ଷା ଲାଗି ରହିଥିଲେ ସୁଦ୍ଧା ସରପଞ୍ଚଙ୍କୁ ଟଙ୍କା ଦେବାକୁ ଯାଇଥିଲେ। ସରପଞ୍ଚ ଟଙ୍କା ନେବା ପରେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଦଳ ମାଡ଼ି ବସିଥିଲେ। ତାଙ୍କ ପାଖରୁ ରାସାୟନିକ ପ୍ରଲେପ ଲାଗିଥିବା ଟଙ୍କା ଜବତ କରାଯାଇଛି। ଏ ନେଇ ସମ୍ବଲପୁର ଭିଜିଲାନ୍ସ ଥାନାରେ ୧୦/୪.୭.୨୦୨୬ରେ ଏକ ମାମଲା ରୁଜୁ ହୋଇଛି। ଭିଜିଲାନ୍ସ ଦଳ ସରପଞ୍ଚଙ୍କ ଘର ଓ କାର୍ଯ୍ୟାଳୟରେ ତଦନ୍ତ ଜାରି ରଖିଛନ୍ତି।

### ମୁମ୍ବାଇ ବିମାନ ବନ୍ଦରରେ...

ସୂଚନା ଅନୁଯାୟୀ, ମହିଳା ଯାତ୍ରୀ ଦୁବାଇରୁ ବିମାନରୁ ଓହ୍ଲାଇବା ମାତ୍ରେ ସେ ମୁମ୍ବାଇ ବିମାନବନ୍ଦରରେ ଅବତରଣ କରିଥିଲେ। ଡିଆର୍ଆଇ ଦଳ ମହିଳାଙ୍କୁ ଖୋଜାଖୋଜି କରି ତାଙ୍କ ପ୍ୟାଂଟ ଭିତରେ ଚୋରା ସୁନା ପାଇଥିଲେ, ଯାହାକୁ ଜବତ କରାଯାଇଥିଲା ଏବଂ ମହିଳାଙ୍କୁ ସୀମା ଶୁଳ୍କ ଅଧିନିୟମ ଅନୁଯାୟୀ ଗିରଫ କରାଯାଇଥିଲା। ଏପର୍ଯ୍ୟନ୍ତ ଅନୁସନ୍ଧାନରୁ ଜଣାପଡ଼ିଛି ଯେ ମହିଳା ଯାତ୍ରୀ ଜଣେ କୋରିଅର ଭାବରେ କାର୍ଯ୍ୟ କରୁଥିଲେ, ଏହି ମାମଲାରେ ଏକ ସମ୍ଭାବ୍ୟ ମାନବ ଚାଲାଣ ନେଟୱାର୍କ ଅନୁସନ୍ଧାନ କରାଯାଉଛି ।

# ଅଭିଭାବକଙ୍କ ତାଗିଦ୍ ପରେ ଘର ଛାଡ଼ିଥିଲେ: ପଶ୍ଚିମବଙ୍ଗରୁ ୪ ନାବାଳିକାଙ୍କୁ ସୁରକ୍ଷିତ ଉଦ୍ଧାର କଲା ଜଳେଶ୍ୱର ପୋଲିସ



ଜଳେଶ୍ୱର, ୦୫/୭ (ନି.ପ୍ର): ଅଭିଭାବକଙ୍କ ସାମାନ୍ୟ ଗାଳିଗୁଲଜ ବା ତାଗିଦ୍ ଯୋଗୁଁ ଏକ ସଙ୍ଗେ ଘର ଛାଡ଼ି ପଳାଇଥିବା ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଞ୍ଚଳର ୪ ଜଣ ନିଖୋଜ ନାବାଳିକାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି ।ଜଳେଶ୍ୱର ପୋଲିସ ତତ୍ପରତା ପ୍ରକାଶ କରି ପଡ଼ୋଶୀ ପଶ୍ଚିମବଙ୍ଗର ଗୋପୀବଲ୍ଲଭପୁର ଅଞ୍ଚଳରୁ ଏହି ୪ ନାବାଳିକାଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଛି। ପୋଲିସର ଏଭଳି ଦ୍ୱରିତ କାର୍ଯ୍ୟାନୁଷ୍ଠାନ ପରେ ଦୀର୍ଘ ସମୟ ଧରି ଚିନ୍ତାରେ ଥିବା ପରିବାର ଲୋକେ ଆଶ୍ୱସ୍ତି ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ, କୌଣସି କାରଣକୁ ନେଇ ପରିବାର ଲୋକେ ଗାଳି କରିବାରୁ ଗତକାଲି ସମ୍ପୃକ୍ତ ୪ ନାବାଳିକା ହଠାତ୍ ଘରୁ ନିଖୋଜ ହୋଇଯାଇଥିଲେ। ସେମାନଙ୍କୁ ସବୁଆଡ଼େ ଖୋଜାଖୋଜି କରିବା ପରେ ମଧ୍ୟ କୌଣସି ସନ୍ଧାନ ନମିଳିବାରୁ ପରିବାର ପକ୍ଷରୁ ଜଳେଶ୍ୱର ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଥିଲା ।୪ ଜଣ ନାବାଳିକା ଏକ ସଙ୍ଗେ ନିଖୋଜ ହେବା ଘଟଣାକୁ ପୋଲିସ ଅତ୍ୟନ୍ତ ଗୁରୁତ୍ୱର ସହ ଗ୍ରହଣ କରିଥିଲା। ଜଳେଶ୍ୱର ଏସଡିପିଓ ସୁରେଶ କୁମାର ତ୍ରିପାଠୀ, ଆଇଆଇସି ଅଶୋକ କୁମାର ବାରିକଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ତୁରନ୍ତ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି ଆରମ୍ଭ ହୋଇଥିଲା। ତଦନ୍ତ ପ୍ରକ୍ରିୟା ଚାଲୁ ରହିଥିବା ବେଳେ ପୋଲିସର ସ୍ୱତନ୍ତ୍ର ଟିମ୍କୁ ଏକ ବିଶେଷ ସୂତ୍ରରୁ ସୂଚନା ମିଳିଥିଲା ଯେ, ନିଖୋଜ ନାବାଳିକାମାନେ ସୀମା ପାର ହୋଇ ପଶ୍ଚିମବଙ୍ଗର ଗୋପୀବଲ୍ଲଭପୁର ଅଞ୍ଚଳରେ ରହିଛନ୍ତି। ଏହାପରେ ଜଳେଶ୍ୱର ପୋଲିସର ଟିମ୍ ସେଠାରେ ଚଢ଼ାଉ କରି ୪ ଜଣ ନାବାଳିକାଙ୍କୁ ସୁରକ୍ଷିତ ଉଦ୍ଧାର କରି ଥାନାକୁ ଆଣିଛି। ନାବାଳିକାମାନେ କେଉଁ ପରିସ୍ଥିତିରେ ଏବଂ କାହା ସହାୟତାରେ ପଶ୍ଚିମବଙ୍ଗ ଯାଇଥିଲେ,ଏହା ପଛରେ ଅନ୍ୟ କୌଣସି ବାହ୍ୟ ଶକ୍ତି ବା ଅପରାଧିକ ଷଡ଼ଯନ୍ତ୍ର ରହିଛି କି ନାହିଁ, ସେ ନେଇ ପୋଲିସ ସମସ୍ତ ଦିଗକୁ ଅନୁସନ୍ଧାନ କରୁଛି। ବର୍ତ୍ତମାନ ସେମାନଙ୍କର ବୟାନ ରେକର୍ଡ କରାଯିବା ସହ ଆଇନଗତ ପ୍ରକ୍ରିୟା ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯାଉଥିବା ପୋଲିସ ସୂତ୍ରରୁ ପ୍ରକାଶ। ଜଳେଶ୍ୱର ପୋଲିସର ଏହି ସଫଳତାକୁ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା କରାଯାଇଛି।

ସୋମବାର, ଜୁଲାଇ ୦୬, ୨୦୨୬

ଧ୍ୱନି ପ୍ରତିଧ୍ୱନି

# ଇସ୍କନର ଅଦିନିଆ ରଥଯାତ୍ରାକୁ ଘୋର ବିରୋଧ

ଭଦ୍ରକ , ୦୫/୭ (ନି.ପ୍ର): ଇସ୍କନର ବିଭିନ୍ନ ଦେଶରେ ପ୍ରଚଳିତ କରାଯାଉଥିବା ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରାକୁ ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତି, ଭଦ୍ରକ ପକ୍ଷରୁ ଘୋର ବିରୋଧ କରାଯାଇଛି । ଶ୍ରୀଜଗନ୍ନାଥ ସଂସ୍କୃତି ଓ ଭାରତୀୟ ସଂସ୍କୃତିର ଦିଗ୍‌ଦର୍ଶକ ଭାବରେ ପ୍ରଚଳିତ ଥିବା ଭିନ୍ନ ପୁରାଣ, ପୋଥିର ନିର୍ଦ୍ଦେଶନାମାକୁ ବିରୋଧକରି ଅଦିନିଆ ରଥଯାତ୍ରା କରିବାର ଅଧିକାର ଇସ୍କନ ସଂସ୍ଥାର ନାହିଁ । ତେଣୁ ଏ ସଂପର୍କରେ ଆବଶ୍ୟକ ପ୍ରତିକାର କରିବାକୁ ଓଡ଼ିଶା ସରକାରଙ୍କ ମାଧ୍ୟମରେ ଭାରତ ସରକାରଙ୍କୁ ଜଣାଇବା ନିମନ୍ତେ ଓଡ଼ିଶା ପ୍ରଶାସନର ମୁଖ୍ୟ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମାନ୍ୟବର ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କୁ ଅନୁରୋଧ କରାଯାଇଅଛି । ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ଏକ ବୈଠକ ଭଦ୍ରକସ୍ଥ ଶ୍ରୀବାଳଗୋପାଳ ମନ୍ଦିରର ପରିସରରେ ସମିତିର ମୁଖ୍ୟ ପରିଚାଳକ ପ୍ର:ଭାଗୀରଥି ନନ୍ଦଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପଶ୍ଚିମବଙ୍ଗର ସରକାରଙ୍କ ପକ୍ଷରୁ ଦୀଘାଠାରେ ପ୍ରତିଷ୍ଠିତ ଶ୍ରୀଜଗନ୍ନାଥ ମନ୍ଦିରର ନାମର ଧାମ ଉଚ୍ଛେଦ କରାଯାଇଥିବାରୁ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମାନ୍ୟବର ଶ୍ରୀଯୁକ୍ତ ଶୁଭେନ୍ଦୁ ଅଧିକାରୀ ତଥା ଓଡ଼ିଶାର ମୁଖ୍ୟମନ୍ତ୍ରୀ ମାନ୍ୟବର ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କୁ ଅଶେଷ ଧନ୍ୟବାଦ ଜ୍ଞାପନ କରାଯାଇଥିଲା । ଏହି ବୈଠକରେ ମୁଖ୍ୟ ଆବାହକ ସେବକ ଶ୍ରୀ ଶରତ କୁମାର ସାହୁ , ସହ ଆବାହକ ଶ୍ରୀ ନାରାୟଣ ଚନ୍ଦ୍ର ପ୍ରଧାନ, ବାବୁଲାଲ ଦାଶ, ଗୋପବନ୍ଧୁ ମିଶ୍ର, କୃପାସିନ୍ଧୁ ନାୟକ, ସୁବାସ ଚନ୍ଦ୍ର ବଳ, ଉମେଶ ଚନ୍ଦ୍ର ମହାପାତ୍ର, ଲକ୍ଷ୍ମୀଧର ଖଟୁଆ, ସନେଇ ଶିଆଳ, ଅଜୟ ମିଶ୍ର ପ୍ରମୁଖ ବହୁ ସେବକ ଆଲୋଚନାରେ ଅଂଶ ଗ୍ରହଣ କରି ପ୍ରସ୍ତାବକୁ ଦୃଢ଼ ସମର୍ଥନ ଜଣାଇଥିଲେ । ବୈଠକ ପ୍ରାରମ୍ଭରେ ଶ୍ରୀ ସାହୁ ଶ୍ରୀଜଗନ୍ନାଥଙ୍କ ସ୍ତୁତି ପାଠ ପୂର୍ବକ ସମିତିର ପୁର୍ନନବିକରଣ ଓ ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ ।

# ସ୍ୱତନ୍ତ୍ର ସଘନ ସଂଶୋଧନ -୨୦୨୬: ମୟୂରଭଞ୍ଜ ଜିଲ୍ଲାର ଚିଠା ଭୋଟର ତାଲିକା-୨୦୨୬ ପ୍ରକାଶିତ

## ୫ ଜୁଲାଇରୁ ୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଗ୍ରହଣ



ବାରିପଦା, ୦୫/୭ (ନି.ପ୍ର): ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ -୨୦୨୬ କାର୍ଯ୍ୟକ୍ରମ ଅନ୍ତର୍ଗତ ଆଜି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଶ୍ରୀ ହେମକାନ୍ତ ସୟ୍ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ୯ଟି ବିଧାନସଭା ନିର୍ବାଚନମଣ୍ଡଳୀର ଚିଠା ଭୋଟର ତାଲିକା-୨୦୨୬ ଆନୁଷ୍ଠାନିକ ଭାବେ ପ୍ରକାଶ କରାଯାଇଛି । ଏଥିସହ ଆସନ୍ତା ୫ ଜୁଲାଇରୁ ୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ । ବୈଠକରେ ଜିଲ୍ଲାପାଳ ଶ୍ରୀ ସୟ୍ କହିଥିଲେ ଯେ, ସ୍ୱତନ୍ତ୍ର ସଘନ ସଂଶୋଧନର ମୂଳ ଉଦ୍ଦେଶ୍ୟ ହେଉଛି ଏକ ନିର୍ଭୁଲ, ସ୍ୱଚ୍ଛ, ଅଦ୍ୟତନ ଏବଂ ସର୍ବସମାବେଶୀ ନିର୍ବାଚନୀ ନାମାବଳୀ ପ୍ରସ୍ତୁତ କରିବା । ଚିଠା ଭୋଟର ତାଲିକା ପ୍ରକାଶ ପରେ ମତଦାତାମାନେ ନିଜ ନାମ ଓ ବିବରଣୀ ଯାଞ୍ଚ କରି ଆବଶ୍ୟକ ହେଲେ ନିର୍ଦ୍ଧାରିତ ସମୟ ମଧ୍ୟରେ ଦାବି ଓ ଆପତ୍ତି ଦାଖଲ କରିବାକୁ ସେ ଆହ୍ୱାନ ଜଣାଇଥିଲେ । ନୂତନ ଯୋଗ୍ୟ ମତଦାତାଙ୍କ ନାମ ଅନ୍ତର୍ଭୁକ୍ତ, ସଂଶୋଧନ, ସ୍ଥାନାନ୍ତରଣ ଏବଂ ଅଯୋଗ୍ୟ ନାମ ବିଲୋପ ସମ୍ବନ୍ଧୀୟ ଆବେଦନଗୁଡ଼ିକ ନିର୍ଦ୍ଧାରିତ ପ୍ରକ୍ରିୟାରେ ଗ୍ରହଣ କରାଯିବ ବୋଲି ଶ୍ରୀ ସୟ୍ କହିଥିଲେ । ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମରେ ୧ ଜୁଲାଇ ୨୦୨୬କୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରାଯାଇଥିବାବେଳେ ୩୦ ମେ ରୁ ୨୮ ଜୁନ ୨୦୨୬ ପର୍ଯ୍ୟନ୍ତ ବୁଥ୍ ସ୍ତରୀୟ ଅଧିକାରୀମାନଙ୍କ ଦ୍ୱାରା ଘରକୁ ଘର ଯାଇ ମତଦାତାଙ୍କ ତଥ୍ୟ ସଂଗ୍ରହ ଓ ଯାଞ୍ଚ କରାଯାଇଥିଲା । ୨୮ ଜୁନ ୨୦୨୬ରେ ମତଦାନ କେନ୍ଦ୍ରଗୁଡ଼ିକର ଯୁକ୍ତିସଙ୍ଗତ ପୁନର୍ବିନ୍ୟାସ ତଥା ନୂତନ ମତଦାନ କେନ୍ଦ୍ର ନିର୍ଦ୍ଧାରଣ ସମ୍ପନ୍ନ ହେବା ପରେ ଆଜି ଚିଠା ଭୋଟର ତାଲିକା ପ୍ରକାଶ କରାଯାଇଛି । ଜିଲ୍ଲାପାଳ ଶ୍ରୀ ସୟ୍ ସୂଚନା ଦେଇଥିଲେ ଯେ, ଯୁକ୍ତିସଙ୍ଗତ ପୁନର୍ବିନ୍ୟାସ ପରେ ଜିଲ୍ଲାରେ ମୋଟ ୨,୭୨୪ଟି ମତଦାନ କେନ୍ଦ୍ର ରହିଛି । ସେଥିମଧ୍ୟରୁ ପୂର୍ବରୁ ଥିବା ୨,୩୭୨ଟି ମତଦାନ କେନ୍ଦ୍ର ସହ ୩୫୨ଟି ନୂତନ ମତଦାନ କେନ୍ଦ୍ର ସୃଷ୍ଟି କରାଯାଇଛି । ଚିଠା ଭୋଟର ତାଲିକା ଅନୁଯାୟୀ ଜିଲ୍ଲାରେ ମୋଟ ୧୮,୧୭,୬୮୦ ଜଣ ମତଦାତା ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୯,୦୭,୨୩୮ ଜଣ ପୁରୁଷ, ୯,୧୦,୩୭୬ ଜଣ ମହିଳା ଏବଂ ୬୬ ଜଣ ତୃତୀୟ ଲିଙ୍ଗର ମତଦାତା ଅଛନ୍ତି । ସେ ଆହୁରି କହିଥିଲେ ଯେ, ପ୍ରାକ୍-ସଂଶୋଧନ ପର୍ଯ୍ୟାୟରେ ଜିଲ୍ଲାର ମୋଟ ୧୯,୨୮,୯୪୭ ଜଣ ମତଦାତାଙ୍କ ମଧ୍ୟରୁ ୧୮,୩୩,୦୭୨ ଜଣଙ୍କ ସଫଳ ମ୍ୟାପିଂ କରାଯାଇଥିବାବେଳେ ଏହାର ସଫଳତା ହାର ୯୫.୦୩ ପ୍ରତିଶତ ରହିଛି । ସେହିପରି ଘରକୁ ଘର ଯାଇ ତଥ୍ୟ ସଂଗ୍ରହ ସମୟରେ ୧,୧୧,୨୬୭ଟି ଅଦ୍ୟତନ ଆବଶ୍ୟକ ଥିବା ମାମଲା ତଥା ଅଣ ସଂଗୃହୀତ ପରିଗଣନା ଫର୍ମ ଚିହ୍ନଟ କରାଯାଇଛି । ସେଥିମଧ୍ୟରେ ୬୩,୯୪୬ ଜଣ ମୃତ ମତଦାତା, ୩୨,୬୨୩ ଜଣ ସ୍ଥାୟୀ ଭାବେ ସ୍ଥାନାନ୍ତରିତ ମତଦାତା, ୮,୬୭୧ ଜଣ ଅନୁପସ୍ଥିତ ମତଦାତା, ୫,୬୦୧ଟି ପୂର୍ବରୁ ପଞ୍ଜୀକୃତ ମାମଲା ଏବଂ ୪୨୬ଟି ଅନ୍ୟାନ୍ୟ ମାମଲା ରହିଛି । ଏହି ପ୍ରକ୍ରିୟାରେ ଦାବି ଓ ଆପତ୍ତିର ଶୁଣାଣି ଏବଂ ଫଇସଲା ୨ ସେପ୍ଟେମ୍ବର ୨୦୨୬ ସୁଦ୍ଧା ସମ୍ପନ୍ନ କରାଯିବ ଏବଂ ୬ ସେପ୍ଟେମ୍ବର ୨୦୨୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ମୟୂରଭଞ୍ଜ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ, ମୟୂରଭଞ୍ଜ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ବଡ଼ସାହି ନିର୍ବାଚନମଣ୍ଡଳୀ ଶ୍ରୀ ଦୁଃଖବନ୍ଧୁ ନାୟକ, ଉପ-ଜିଲ୍ଲାପାଳ, ବାରିପଦା ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ବାରିପଦା ନିର୍ବାଚନମଣ୍ଡଳୀ ଶ୍ରୀମତୀ କସ୍ତୁରୀ ପଣ୍ଡା, ଅତିରିକ୍ତ ଉପ-ଜିଲ୍ଲାପାଳ, ବାରିପଦା ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ମୋରଡା ନିର୍ବାଚନମଣ୍ଡଳୀ ଶ୍ରୀ ରାଖାଲ ଚନ୍ଦ୍ର ପରିଡ଼ା ପ୍ରମୁଖଙ୍କ ସମେତ ସମସ୍ତ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧି ଏବଂ ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ୍ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ସମଗ୍ର କାର୍ଯ୍ୟକ୍ରମକୁ ଡେପୁଟି କଲେକ୍ଟର (ନିର୍ବାଚନ) ଶ୍ରୀମତୀ କ୍ରିସେନସିଆ ତିର୍କୀ ସୁଚାରୁରୂପେ ସଞ୍ଚାଳନ କରିଥିବାବେଳେ ଜିଲ୍ଲା ନିର୍ବାଚନ ଶାଖାର ସମସ୍ତ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସକ୍ରିୟ ସହଯୋଗ ପ୍ରଦାନ କରିଥିଲେ ।

# କ୍ରିୟାନୁଷ୍ଠାନ କମିଟିର ଆଗାମୀ ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ

## ସରକାର ଓ ଡାକ୍ତର ସଂଘର ଆଲୋଚନାକୁ ସ୍ୱାଗତ



ବାଲେଶ୍ୱର, ୦୫/୭ (ନି.ପ୍ର): ଡାକ୍ତରମାନଙ୍କ ଧର୍ମଘଟଯୋଗୁଁ ବାଲେଶ୍ୱର ସମେତ ସମଗ୍ର ଓଡ଼ିଶାରେ ସ୍ୱାସ୍ଥ୍ୟସେବାରେ ଏକ ଅଚଳ ଅବସ୍ଥା ସୃଷ୍ଟି ହୋଇଥିଲା । ରାଜ୍ୟ ସରକାର ଡାକ୍ତରମାନଙ୍କ ନ୍ୟାୟସଙ୍ଗତ ଦାବି ପ୍ରତି ସମ୍ବେଦନଶୀଳ ହୋଇ ଡାକ୍ତରମାନଙ୍କ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସ୍ଥଗିତ ରଖିଛନ୍ତି । ଶନିବାର ସନ୍ଧ୍ୟାରେ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ସାପ୍ତାହିକ ବୈଠକରେ ଜନସାଧାରଣଙ୍କର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନଙ୍କ ସହ ଡାକ୍ତର ସଂଘର ଦ୍ୱିପାକ୍ଷିକ ଆଲୋଚନା ପରେ ଏହି ନିଷ୍ପତ୍ତି ନେଇଥିବାରୁ ଉଭୟ ପକ୍ଷଙ୍କୁ ବୈଠକରେ ଧନ୍ୟବାଦ ଦିଆଯାଇଛି । ଡାକ୍ତରମାନଙ୍କ ନ୍ୟାୟୋଚିତ ଦାବିଗୁଡ଼ିକୁ ରାଜ୍ୟ ସରକାର ପୁନଶ୍ଚ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ଦେଇଥିବା ପ୍ରତିଶ୍ରୁତିକୁ ରକ୍ଷା କରିବାକୁ କ୍ରିୟାନୁଷ୍ଠାନ କମିଟି ବୈଠକରେ ସରକାରଙ୍କ ଠାରେ ଦାବି କରାଯାଇଛି । ଗତ ମାସ ୨୮ ତାରିଖ ଦିନ କ୍ରିୟାନୁଷ୍ଠାନ କମିଟିର ଜିଲ୍ଲାସ୍ତରୀୟ ବୈଠକରେ ବହୁ ବିଚାର ବିମର୍ଶ ପରେ ବାଲେଶ୍ୱରରେ ସ୍ୱାସ୍ଥ୍ୟସେବାରେ ଥିବା ସମସ୍ୟାଗୁଡ଼ିକୁ ତୁରନ୍ତ ସମାଧାନ ପାଇଁ ଦାବି କରାଯାଇଥିଲା । ଏଥିପାଇଁ ଚଳିତ ମାସ ଶେଷ ସପ୍ତାହରେ ଜିଲ୍ଲାର ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଗଣତାନ୍ତ୍ରିକ ପଦ୍ଧତିରେ ଦିନିକିଆ ଗଣଧାରଣା ଓ ଅଗଷ୍ଟ ପହିଲାଦିନ ୧୬ ନମ୍ବର ଜାତୀ ରାଜପଥ ପାର୍ଶ୍ୱରେ ଥିବା ଏମ୍ସ ସାଟେଲାଇଟ୍ ସେଣ୍ଟର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ପାଇଁ ବୈଠକରେ ବ୍ୟାପକ ପ୍ରସ୍ତୁତି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ସମସ୍ତ ବ୍ଲକ୍ ଓ ଶାଖା କମିଟିମାନଙ୍କର ବୈଠକ ତୁରନ୍ତ ଆହ୍ୱାନ କରାଯାଇଛି । ଏହି ବୈଠକଗୁଡ଼ିକରେ ଜିଲ୍ଲା କମିଟିର କମକର୍ତ୍ତାମାନେ ଯୋଗଦେବାକୁ ତାଲିକା ପ୍ରସ୍ତୁତ ହୋଇଛି । ବରିଷ୍ଠ ଆଇନଜୀବୀ ନିରଞ୍ଜନ ପରିଡ଼ାଙ୍କଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସଂପାଦକ ପ୍ରଦୀପ ଦାସ ଗତ ବୈଠକର ନିଷ୍ପତ୍ତିଗୁଡ଼ିକ ଉପସ୍ଥାପନ କରି ଏହାର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଥିଲେ । ଆଲୋଚନାରେ ଅଂଶଗ୍ରହଣ କରି ସର୍ବଶ୍ରୀ ନିରଞ୍ଜନ ରାଉତ, ପ୍ରଫୁଲଲ୍ଲ କୁମାର ଦାସ, ସୀତାରାମ ପ୍ରଧାନ, ସରସ୍ୱତୀ ପଣ୍ଡା, ଗୌରାଙ୍ଗ ପାଣିଗ୍ରାହୀ, ଶଚୀନ୍ଦ୍ର ଦାସ, ଶଶାଙ୍କ ଦତ୍ତ, ଡା. ତାରାକାନ୍ତ ନନ୍ଦ, ଶ୍ୟାମସୁନ୍ଦର ଜେନା, ବିଜନ ଦେ, ଶତ୍ରୁଘ୍ନ ମଲ୍ଲିକ, ଅରୁଣ ଜେନା, ଯତୀନ୍ ପାତ୍ର, ନିରଞ୍ଜନ ପୋଥାଳ, ପୁରୁଷୋତ୍ତମ ଜେନା, ଗୋପିକିଶନ ଜେନା, ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ଜେନା ଆୟବ୍ୟୟର ହିସାବ ଆଗତ କରିଥିଲେ । ଶେଷରେ ଭରତ ଚନ୍ଦ୍ର ସେଠୀ ଧନ୍ୟବାଦ ଦେଇଥିଲେ ।

# ଭଦ୍ରକରେ ବର୍ଷାର ପ୍ରକୋପ: ଭଣ୍ଡାରିପୋଖରୀରେ ସର୍ବାଧିକ ୧୧୦ ମି.ମି. ବର୍ଷା

ଭଦ୍ରକ, ୦୫/୭ (ନି.ପ୍ର): ଜୁଲାଇ ବଙ୍ଗୋପସାଗରରେ ସୃଷ୍ଟ ସୁଦୃଢ଼ ଲଘୁଚାପର ପ୍ରଭାବରେ ଭଦ୍ରକ ଜିଲ୍ଲାରେ ଲଗାତାର ବର୍ଷା ଜାରି ରହିଛି । ଜିଲ୍ଲାର ବିଭିନ୍ନ ଅଂଚଳରେ ମଧ୍ୟମରୁ ପ୍ରବଳ ବର୍ଷା ରେକର୍ଡ କରାଯାଇଛି । ରାଜ୍ୟରେ ଭାରୀ ବର୍ଷା ସମ୍ଭାବନା ନେଇ ସତର୍କତା ଜାରି ରହିଥିବାବେଳେ ଭଦ୍ରକ ଜିଲ୍ଲା ମଧ୍ୟ ଅରେଞ୍ଜ ସତର୍କତା ଅଧୀନରେ ରହିଛି । ଆଜି ସକାଳ ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ, ଭଣ୍ଡାରିପୋଖରୀ ବ୍ଲକରେ ସର୍ବାଧିକ ୧୧୦ ମିଲିମିଟର ବର୍ଷା ରେକର୍ଡ ହୋଇଛି । ସେହିପରି ଚାନ୍ଦବାଲିରେ ୭୬ ମି.ମି., ଧାମନଗରରେ ୪୬ ମି.ମି., ତିହିଡ଼ିରେ ୪୫ ମି.ମି., ଭଦ୍ରକରେ ୪୨.୨ ମି.ମି., ବାସୁଦେବପୁରରେ ୨୪ ମି.ମି. ଏବଂ ବନ୍ତରେ ୧୩ ମି.ମି. ବର୍ଷା ହୋଇଛି ।ପ୍ରବଳ ବର୍ଷା ଯୋଗୁଁ ନିମ୍ନାଞ୍ଚଳରେ ଜଳ ଜମିବା ସହ ନଦୀ ଜଳସ୍ତର ବୃଦ୍ଧି ଉପରେ ପ୍ରଶାସନ ସତର୍କ ନଜର ରଖିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବିଭାଗକୁ ସଜାଗ ରହିବାକୁ କୁହାଯାଇଥିବା ବେଳେ ଲୋକମାନଙ୍କୁ ଅନାବଶ୍ୟକ ଘରୁ ବାହାରକୁ ନ ଯିବା ଏବଂ ପ୍ରଶାସନର ପରାମର୍ଶ ମାନିବାକୁ ଅନୁରୋଧ କରାଯାଇଛି ।

# ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଡିଜିଟାଲ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ




ବାଲେଶ୍ୱର, ୦୫/୭ (ନି.ପ୍ର): କେନ୍ଦ୍ରୀୟ ବିଦ୍ୟାଳୟ ନିକଟ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ସାଙ୍ଗଠନିକ ଜିଲ୍ଲା ବାଲେଶ୍ୱର ମହିଳା ମୋର୍ଚ୍ଚା ପକ୍ଷରୁ ଡିଜିଟାଲ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି, ଏହି କାର୍ଯ୍ୟକ୍ରମ ସମଗ୍ର ରାଜ୍ୟ ରେ ବୁଥ ସ୍ତର ରୁ ଆରମ୍ଭ କରି ରାଜ୍ୟ ଓ କେନ୍ଦ୍ର ସ୍ତରର କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦିଆଯାଉଥିବା ବେଳେ ଆଜି ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା । ସଭାନେତ୍ରୀ ସୁସ୍ମିତା ପଣ୍ଡା ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା ମଞ୍ଚାସିନ ଥିଲେ, ରାଜ୍ୟ ମହିଳା ମୋର୍ଚ୍ଚା ଉପ ସଭାନେତ୍ରୀ ସାବିତ୍ରୀ ରାଉତ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ନାରୀ ନେତ୍ରୀ ପ୍ରିୟା ରାଣୀ ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ, ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ଉପ ସଭାନେତ୍ରୀ ସିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସୁଷମା ରାଣୀ ବିଶ୍ୱାଳ, ମମତା ମହାପାତ୍ର ,ଉଖଚ ର ସଂଯୋଜକ ତଥା ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ସହ ସଂଯୋଜକ ଦିବ୍ୟା ଭାରତୀ ଜେନା, ଜିଲ୍ଲା ସମ୍ପାଦକ ଚିତ୍ତରଞ୍ଜନ ପଣ୍ଡା, ସଂଯୁକ୍ତା ମହାପାତ୍ର, ଅଭିପ୍ସା ନାୟକ, ଛବି ରାଣୀ ନନ୍ଦ,ମହୁଆ ପ୍ରଧାନ, ସୁକାନ୍ତି ଦେବଗୋସ୍ୱାମୀ , ପାର୍ବତୀ ଜେନା , ସୁମିତ୍ରା ପରିଡା, କନକଲତା ଦାସ, ବିନୀତା ମୁର୍ମୁ, ଆଶ୍ରିତା ତରେଇ, ପ୍ରଶାନ୍ତି ପଣ୍ଡା, ପୁଷ୍ପାଞ୍ଜଳି ପଣ୍ଡା, ଦିବ୍ୟା ଭାରତୀ ଦାଶଙ୍କ ସମେତ ଜିଲ୍ଲା ର ସମସ୍ତ ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ, ସମସ୍ତ ମହିଳା ୱାର୍ଡ କାଉନସିଲର, ମହିଳା ସରପଞ୍ଚ ପ୍ରାମୁଖ ଉପସ୍ଥିତ ଥିଲେ । । କର୍ଯ୍ୟକ୍ରମର ଆରମ୍ଭ ରେ ରାଷ୍ଟ୍ରିୟ ବନ୍ଦନା ଗାନ କରାଯାଇଥିଲା ଓ ଶେଷ ରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା ଶେଷ ରେ ସବିତା ପାଣିଗ୍ରାହୀ ଧନ୍ୟବାଦ୍ ଅର୍ପଣ କରିଥିଲେ ।ଉଖଚ ର ସଂଯୋଜକ ଶ୍ରୀଯୁକ୍ତ ପରିଡା ଓ ସହ ସଂଯୋଜକ ଶ୍ରୀମତୀ ଜେନା ଡିଜିଟାଲ ପ୍ରଶିକ୍ଷଣ ବିଷୟରେ ବିଭିନ୍ନ ପ୍ରସଙ୍ଗ ରଖିଥିଲେ ।

# ଭଦ୍ରକରେ ଖସଡ଼ା ଭୋଟର ତାଲିକା ପ୍ରକାଶ: ସ୍ୱଚ୍ଛ ଓ ନିର୍ଭୁଲ ନିର୍ବାଚନ ପାଇଁ ରାଜନୈତିକ ଦଳଙ୍କ ସହ ବୈଠକ



ଭଦ୍ରକ, ୦୫/୭ (ନି.ପ୍ର): ଭଦ୍ରକ ସ୍ୱତନ୍ତ୍ର ସଘନ ସଂଶୋଧନ -୨୦୨୬ କାର୍ଯ୍ୟକ୍ରମ ଅନ୍ତର୍ଗତ ଖସଡ଼ା ଭୋଟର ତାଲିକା ପ୍ରକାଶ ଅବସରରେ ଜିଲ୍ଲାର ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳମାନଙ୍କ ଜିଲ୍ଲା ସଭାପତି ଓ ସମ୍ପାଦକମାନଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ରବିବାର ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ରବିବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଭାବନା ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କୁ ସ୍ୱାଗତ ଜଣାଇ ମୁକ୍ତ, ସ୍ୱଚ୍ଛ ଓ ଅନ୍ତର୍ଭୁକ୍ତିମୂଳକ ନିର୍ବାଚନ ପ୍ରକ୍ରିୟାରେ ସକ୍ରିୟ ସହଯୋଗ କରିବାକୁ ଆହ୍ୱାନ କରିଥିଲେ । ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ର ଉଦ୍ଦେଶ୍ୟ ଓ ପ୍ରମୁଖ ବୈଶିଷ୍ଟ୍ୟ ସମ୍ପର୍କରେ ସେ ବିସ୍ତୃତ ସୂଚନା ଦେଇ କହିଥିଲେ ଯେ, ସମସ୍ତ ଯୋଗ୍ୟ ଭୋଟରଙ୍କ ନାମ ଅନ୍ତର୍ଭୁକ୍ତ କରିବା, ଅଯୋଗ୍ୟ ନାମ ବାଦ ଦେବା ଏବଂ ଭୋଟର ତାଲିକାକୁ ନିର୍ଭୁଲ ଓ ତ୍ରୁଟିମୁକ୍ତ କରିବା ଏହି ସଂଶୋଧନର ମୁଖ୍ୟ ଲକ୍ଷ୍ୟ । ବୈଠକରେ ସୂଚନା ଦିଆଯାଇଥିଲା ଯେ, ଭଦ୍ରକ ଜିଲ୍ଲାର ପାଞ୍ଚଟି ବିଧାନସଭା ନିର୍ବାଚନମଣ୍ଡଳୀର ଖସଡ଼ା ଭୋଟର ତାଲିକା ୫ ଜୁଲାଇ ୨୦୨୬ରେ ପ୍ରକାଶ ପାଇଛି । ଏହି ତାଲିକା ସମ୍ପୃକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଏବଂ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ସର୍ବସାଧାରଣ ଓ ରାଜନୈତିକ ଦଳମାନଙ୍କ ଅବଲୋକନ ପାଇଁ ଉପଲବ୍ଧ ରହିବ । ୫ ଜୁଲାଇରୁ ୪ ଅଗଷ୍ଟ ମଧ୍ୟରେ ମିଳୁଥିବା ସମସ୍ତ ଦାବି ଓ ଆପତ୍ତିର ଯାଞ୍ଚ କରାଯାଇ ୨ ସେପ୍ଟେମ୍ବର ୨୦୨୬ ସୁଦ୍ଧା ନିୟମାନୁଯାୟୀ ଶୁଣାଣି ପରେ ନିଷ୍ପତ୍ତି ନିଆଯିବ । ଏଥିସହ ପ୍ରତିନିଧିମାନଙ୍କୁ ଭୋଟର ସଚେତନତା କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ସାମିଲ ହୋଇ ଭୋଟରମାନଙ୍କୁ ଖସଡ଼ା ଭୋଟର ତାଲିକାରେ ନିଜ ନାମ ଯାଞ୍ଚ କରି ଆବଶ୍ୟକ ହେଲେ ଦାବି କିମ୍ବା ଆପତ୍ତି ଦାଖଲ କରିବାକୁ ପ୍ରେରିତ କରିବା ପାଇଁ ଅନୁରୋଧ କରାଯାଇଛି । ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଭଦ୍ରକ ବ୍ଲକ ଉନ୍ନୟନ ଅଧିକାରୀ ରଶ୍ମିରଂଜନ ମଲ୍ଲିକ, ଡେପୁଟି କଲେକଟର, ଇଲେକ୍ସନ ପ୍ରତିମା ନାୟକ ଓ ନିର୍ବାଚନ ଶାଖାର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବିଶ୍ୱସ୍ତରୀୟ ମତ୍ସ୍ୟ ଚାଷ ସମ୍ପର୍କିତ ବୈଷୟିକ ଶିକ୍ଷାପାଇଁ କୈଳାସ ହେଚେରୀ ମନୋନୀତ

ବୈଶିଙ୍ଗା , ୦୫/୭ (ନି.ପ୍ର): ବୈଶିଙ୍ଗା ସ୍ଥିତ 'କୈଳାସ ଫିସାରୀ ଏଣ୍ଡ ଆକ୍ୱାଟିକ୍ ' ଦୀର୍ଘ ୩୦ ବର୍ଷ ଧରି ଆଧୁନିକ ବୈଜ୍ଞାନିକ ଜ୍ଞାନ କୌଶଳ ସହିତ ମାଛ ଚାଷ କରିବା, ମାଛ ଚାଷ ସମ୍ପର୍କରେ ଅନ୍ୟମାନଙ୍କୁ ଶିକ୍ଷାଦେବା ଏବଂ ଉନ୍ନତମାନର ପ୍ରାୟ ୩୦ ପ୍ରଜାତିର ମାଛ ଜାଆଁଳ ଉତ୍ପାଦନ କରି ସାରା ଭାରତ ବର୍ଷର ବିଭିନ୍ନ ସ୍ଥାନକୁ ମାଛ ଜାଆଁଳ ପଠାଇବା ଏବଂ ସେଥିରେ ସଫଳ ହେବା କାରଣରୁ କୈଳାସ ହଚେରୀ ୧ନଂ ମାଛ ଚାଷୀ ଭାବେ ଭାରତ ସରକାରଙ୍କ ଠାରୁ ମାନ୍ୟତା ପାଇ ପାରିଛି । ଏଥିପାଇଁ ଗତ ୩ ବର୍ଷ ପୂର୍ବରୁ ଏଠାରେ ଏକ ମତ୍ସ୍ୟ ଚାଷ ସମ୍ପର୍କିତ ବୈଷୟିକ ଜ୍ଞାନ କୌଶଳ ଶିକ୍ଷାଦାନ ପାଇଁ ସରକାର ଙ୍କ ତରଫରୁ ' ଫିସରୀ କଲେଜ ' ଖୋଲାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ବର୍ଷା ଋତୁ ଆସିବାର ବହୁ ପୂର୍ବରୁ ଯେତେବେଳେ କି ଦେଶର କୌଣସି ପ୍ରାନ୍ତ ରେ ଜାଆଁଳ ଉତ୍ପାଦନ ହୋଇନଥାଏ ଠିକ୍ ଫେବୃଆରୀ ମାସ ଶେଷ କିମ୍ବା ମାର୍ଚ୍ଚ ମାସ ପ୍ରଥମ ଭାଗରେ କୈଳାସ ହଚେରୀରେ ଜାଆଁଳ ଉତ୍ପାଦନ ହୋଇ ବିଭିନ୍ନ ପ୍ରାନ୍ତକୁ ଯିବା ପାଇଁ ପ୍ରସ୍ତୁତ ହୋଇ ଯାଇଥାଏ । ମତ୍ସ୍ୟ ଚାଷ ସହିତ କୃଷି, ପନିପରିବା, ଫୁଲ, ଡାଏରୀ ଭଳି ଯୌଗିକ କୃଷିକୁ ପ୍ରଶଂସନୀୟ ପଦକ୍ଷେପ ମାନ୍ୟତା ମିଳିଥିଲା । ଏହି ଉଦ୍ୟମ ପାଇଁ କୈଳାସ ହଚେରୀର ମାଲିକ ଅକ୍ଷୟ କୁମାର ସାହୁଙ୍କୁ ଗୁଜୁରାଟର ସାଇନସ୍ ସିଟି ଅହମଦାବାଦ ଠାରେ ଅନୁଷ୍ଠିତ ବିଶ୍ୱ ସ୍ତରୀୟ ମତ୍ସ୍ୟଚାଷ ସମ୍ପର୍କିତ କର୍ମଶାଳାରେ ଶ୍ରେଷ୍ଠ ଉଦ୍ୟୋଗୀ ଭାବେ ମାନପତ୍ର, ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା । ଚାଷୀ ଅକ୍ଷୟ କୁମାର ସାହୁ ନିଜର ଅଭିଜ୍ଞତାକୁ ଅତିଥିମାନଙ୍କୁ ବଖାଣିବା ସହିତ ସାରା ବିଶ୍ୱରୁ ଆସିଥିବା ମତ୍ସ୍ୟ ଚାଷୀ ମାନଙ୍କୁ ନିଜର କର୍ମ କୁଶଳତା ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ । ବିଶ୍ୱସ୍ତରରେ ଗବେଷଣାତ୍ମକ ଉନ୍ନତ ମାନର ମତ୍ସ୍ୟ ଚାଷ ଦ୍ୱାରା ସାରା ବିଶ୍ୱ ଆଲୋକିତ ହୋଇ ପାରିବ ବୋଲି ଏହି କର୍ମଶାଳାରେ ମତ ପ୍ରକାଶ ପାଇଥିଲା । ଶ୍ରୀ ସାହୁଙ୍କର ଏହି ଅଭିଜ୍ଞତା ସମ୍ପନ୍ନ ପଦକ୍ଷେପ ପାଇଁ ନିଜ ରାଜ୍ୟ ଓଡ଼ିଶା ଗର୍ବିତ ଅନୁଭବ କରିବା ସହିତ ବୈଶିଙ୍ଗା ଅଞ୍ଚଳ ସାରା ଦେଶ ପାଇଁ ଗୌରବ ଆଣି ପାରିବ ବୋଲି ଆଶା ।

# ଗଛକୁ ଧକ୍କାଦେଇ ପୋଖରୀକୁ ପଶିଗଲା କାର୍: ଅଳ୍ପକେ ବର୍ତ୍ତିଲେ ମହିଳା ଗାଡିଚାଳକ



ନୀଳଗିରି, ୦୫/୭ (ନି.ପ୍ର): ରବିବାର ସନ୍ଧ୍ୟା ସମୟରେ ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ପଞ୍ଚଲିଙ୍ଗେଶ୍ୱର ସନ୍ତରାଗଡ଼ିଆ ରାସ୍ତାରେ ଜୈନିକ ମହିଳା ଏକ ମାରୁତି କାର ଚଲାଇ ଆସୁଥିବାବେଳେ ନିଶ୍ଚନ୍ତପୁର ଠାରେ ଭାରସାମ୍ୟ ହରାଇ ରାସ୍ତାର ଡାହାଣ ପାଖରେ ଥିବା ଏକ ଗଛକୁ ଧକ୍କାଦେଇ ପୋଖରୀ ଭିତରେ ପଶିଯାଇଥିଲେ । ତେବେ ଏହି ଦୁର୍ଘଟଣାରେ ମହିଳା ଜଣକ ଅଳ୍ପକେ ବର୍ତ୍ତି ଯାଇଥିବାବେଳେ କୌଣସି ପଥଚାରୀଙ୍କର କ୍ଷୟକ୍ଷତି ହୋଇନଥିବା ଜଣାପଡ଼ିଛି । ତେବେ ଦୁର୍ଘଟଣାଗ୍ରସ୍ତ ଗାଡିଟି ଭାଙ୍ଗିଯାଇଛି । ଖବରପାଇ ନୀଳଗିରି ଅଗ୍ନିଶମବିଭାଗ ଘଟଣାସ୍ଥଳରେ ପହଞ୍ଚିଥିବାବେଳେ ପୋଖରୀଭିତରୁ ଉକ୍ତ ଦୁର୍ଘଟଣାଗ୍ରସ୍ତ କାରକୁ ଉଦ୍ଧାରକରିବା ସମ୍ଭବପର ହୋଇନଥିଲା । ପରେ ନୀଳଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି କାରଟିକୁ ଉଦ୍ଧାରକରି ଥାନାକୁ ଆଣିଥିଲାବେଳେ ମହିଳାଙ୍କ ଘର ନୀଳଗିରି ଅଞ୍ଚଳରେ ହୋଇଥିବା ବେଳେ ସେ ବାହାରେ ରହୁଥିବା ଜଣାଯାଇଛି । ସେ ଆଜି ଘରକୁ ଆସୁଥିବାବେଳେ ଏଭଳି ଦୁର୍ଘଟଣାର ଶୀକାର ହୋଇଥିଲେ । ତେବେ ଖବର ଲେଖାହେବା ବେଳକୁ କୌଣସି ମାମଲା ରୁଜ୍ଜୁ ହୋଇନଥିବା ଜଣାପଡ଼ିଛି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida